ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar



ଏମ୍‌ସିସି କ୍ରିକେଟ କ୍ଲବରେ ଝୁଲନ ଗୋସ୍ୱାମୀ | ୧୧



'ବସ୍ତର'ରେ ନଜର ଆସିପାରନ୍ତି ଅଦା ! | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur.

ବିଂଶତମ ବର୍ଷ ସଂଖ୍ୟା-୯୬ Vol. 20 No-96 27 JUNE 2023 TUESDAY BHUBANESWAR ମଙ୍ଗଳବାର, ୨୭ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

## ବସ୍‌କୁ ପିଟିଲା ବସ୍, ୧୨ମୃତ

# ଲୁହରେ ଭିଜିଲା ଖଣ୍ଡଦେଉଳି





- ମୃତକଙ୍କ ମଧ୍ୟରେ ୪ମହିଳା, ୨ଶିଶୁ
- ଆହତ ୭ଜଣ ଏମ୍‌କେସିଜିରେ ଭର୍ତ୍ତି
- ଜଣେ ଗୁରୁତର କଟକ ସ୍ଥାନାନ୍ତର
- ପୂର୍ବତନ ସାଂସଦଙ୍କ ୧୧ ସଂପର୍କୀୟ ମୃତ
- ମୁଖ୍ୟମନ୍ତ୍ରୀଙ୍କ ସମବେଦନା, ସହାୟତା ଘୋଷଣା
- ପ୍ରଧାନମନ୍ତ୍ରୀଙ୍କ ଶୋକ, ଅନୁକମ୍ପା ରାଶି ଘୋଷଣା

ଦିଗପହଣ୍ଡି/ବ୍ରହ୍ମପୁର/ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଭୟଙ୍କର, ମର୍ମନ୍ତୁଦ, ହୃଦୟବିଦାରକ। ମୃତ୍ୟୁ ଏମିତି ବି ଆସେ। ମାତ୍ର କିଛି କ୍ଷଣରେ ସବୁ କିଛି ଓଲଟପାଲଟ ହୋଇଗଲା। ଘରେ ପହଞ୍ଚିବା ବି ସମ୍ଭବ ହେଲାନି। ଝିଅକୁ ବିଦା କରି ହସଖୁସିରେ ଫାଟି ପଡୁଥିବା ପରିବାର ଲୋକ ଓ ସଂପର୍କୀୟ ଜାଣି ନଥିଲେ ଯେ, ଏହା ସେମାନଙ୍କ ମଧ୍ୟରୁ ବହୁ ଜଣଙ୍କ ଶେଷ ଯାତ୍ରା। କିଛି ସମୟ ବ୍ୟବଧାନରେ କିଏ ବସ୍ ତଳେ ଚାପି ହୋଇ ଆଖିବୁଜି ସାରିଥିଲା ତ ଆଉ କିଏ ବଞ୍ଚିବା ପାଇଁ ବୁକୁଫଟା ଚିତ୍କାର କରୁଥିଲା। ଏମିତିଏକ ଲୋମ ଟାଙ୍କୁରା ଘଟଣା ରବିବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଖେମୁଣ୍ଡି କଲେଜ ନିକଟରେ ଘଟିଛି। ଏକ ଘରୋଇ ବସ୍ ସହ ଓଏସ୍‌ଆରଟିସି ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ୧୨ଜଣଙ୍କ ଜୀବନଦୀପ ଲିଭି ଯାଇଛି। ଅନ୍ୟ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ କଟକ • ପୃଷ୍ଠା ୮ ଦେଖନ୍ତୁ

### ପୂର୍ବତନ ସାଂସଦଙ୍କ ଆଖିରୁ ଲୁହ ଶୁଖୁନି

ବ୍ରହ୍ମପୁର, ୨୬।୬ (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଦୁର୍ଘଟଣାରେ ଅକାଳରେ ଚାଲିଗଲା ୧୨ଜୀବନ। ଝିଅ ବିଦାହେବା ପରେ ହସଖୁସିରେ ଘରକୁ ଫେରୁଥିବା ବେଳେ ଦଇବ କାଳ ସାଜିଲା। ଆଖି ପିଛୁଳାକେ ଉଜୁଡିଗଲା ସଂସାର। ତେବେ ମୃତକ ୧୨ଜଣଙ୍କ ମଧ୍ୟରୁ ୧୧ଜଣ କେବଳ ବ୍ରହ୍ମପୁରର ପୂର୍ବତନ ସାଂସଦ ରେଣୁବାଳା ପ୍ରଧାନଙ୍କ ସଂପର୍କୀୟ ବୋଲି ଜଣାଯାଇଛି। ନିଜ ପରିବାର ଉପରେ ପଡିଥିବା ଏହି ବିପଦକୁ ନେଇ ତାଙ୍କ ଆଖିର ଲୁହ ବୋଲ ମାନୁନି। ବସ୍ ଦୁର୍ଘଟଣା ତାଙ୍କ ପରିବାରକୁ ଛାରଖାର କରିଦେଲା ବୋଲି କୋହଭରା କଣ୍ଠରେ ସେ କହୁଛନ୍ତି। ସେ କହୁଛନ୍ତି ମୃତକଙ୍କ ମଧ୍ୟରେ ମୋ ଦିଅର, ଝିଆରୀ, ଜ୍ୱାଇଁ ଓ ନଣଦେଇ ରହିଛନ୍ତି। ବହୁତ ହସଖୁସରେ ଝିଅ ବିଦା କରିଥିଲୁ। ଭାବିଥିଲୁ ଭଲରେ ଭଲରେ ଘରେ ପହଞ୍ଚିବେ। ରାତି ଅଧରେ ସବୁ ଶେଷ ହୋଇଗଲା। ଏବେ ଶୋକରେ ବୁଡି ରହିଛି ଖଣ୍ଡଦେଉଳି ଗାଁ। ଗ୍ରାମବାସୀଙ୍କ ଆଖିରୁ ବି ଝରିଯାଉଛି ଦୁଃଖର ଲୁହ। ସତ ଯେପରି ଗାଁଟି ସ୍ତବ୍ଧ ପାଲଟିଯାଇଛି।

## ମୌସୁମୀକୁ ବଳ ଦେଉଛି ଲଘୁଚାପ

# ୨୯ ପର୍ଯ୍ୟନ୍ତ ପ୍ରବଳ ବର୍ଷା



ଭୁବନେଶ୍ୱର, ୨୬।୬ (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ଏବେ ମୌସୁମୀ ଜନିତ ଲଗାଣ ବର୍ଷା ଲାଗି ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେଉଥିବା ବେଳେ ଆଉ କେତେକ ସ୍ଥାନରେ ବର୍ଷାର ପରିମାଣ ମଧ୍ୟ କମ ରହିଛି। ତେବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମୌସୁମୀକୁ ଅଧିକ ସକ୍ରିୟ କରିଛି। ଏହିକ୍ରମରେ ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରବଳ ଓ ଅତିପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ବିଶେଷ କରି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି ହୋଇଛି। ସମ୍ବଲପୁର, ବରଗଡ, ସୁବର୍ଣ୍ଣପୁର, ଅନୁଗୁଳ ଓ ବୌଦ୍ଧରେ ୨୦ସେଣ୍ଟିମିଟରରୁ ଅଧିକ ବର୍ଷାର ସମ୍ଭାବନା ରହିଛି। ସେହିପରି ୯ଜିଲ୍ଲା ପାଇଁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ସ୍ୱର୍ଣ୍ଣପୁର, ବରଗଡ, ସମ୍ବଲପୁର ଓ ଝାରସୁଗୁଡାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ମାଲକାନଗିରି କୋରାପୁଟ, ରାୟଗଡା, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ, କଟକ, ଦେବଗଡ, କେନ୍ଦୁଝର, ସୁନ୍ଦରଗଡ ଓ ମୟୂରଭଞ୍ଜକୁ ୟଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଲଘୁଚାପ ବର୍ଷା ସମୟରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ତଳି ଅଞ୍ଚଳଗୁଡିକରେ ପାଣି ଜମିବା ସ୍ଥିତି ଉପୁଜିଥିବା ବେଳେ ପରିସ୍ଥିତି ଉପରେ ନଜର ରଖିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ଘଣ୍ଟାରେ ସାରା ରାଜ୍ୟରେ ୩୧.୭ମିମି ବର୍ଷା ହୋଇଥିବା ନେଇ ରେକର୍ଡ କରାଯାଇଛି। ସ୍ୱଭାବିକ ବର୍ଷା ୮.୬ମିମି ତୁଳନାରେ ଏହା ୨୬୯ ପ୍ରତିଶତ ଅଧିକ। ଉତ୍ତର ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ ସକ୍ରିୟ ରହିଥିବା ବେଳେ ଏହାସହ ଜଡିତ ଘୂର୍ଣ୍ଣିବଳୟ • ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ବଢିଲା ହୀରାକୁଦ ଜଳଭଣ୍ଡାରର ଜଳସ୍ତର

ସମ୍ବଲପୁର, ୨୬।୬(ଭାସ୍କର ନ୍ୟୁଜ): ମୌସୁମୀ ଯୋଗୁ ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରବିବାର ଜଳସ୍ତର ୬୦୦.୪୫ ଫୁଟ ଥିବାବେଳେ ସୋମବାର ଏହା ବୃଦ୍ଧି ପାଇ ୬୦୧.୩୯ ଫୁଟରେ ପହଞ୍ଚିଛି। କଲମା ଓ କେଲୋର ବ୍ୟାରେଜର କିଛି ଗେଟ୍ ଖୋଲା ଥିବାବେଳେ ଉପରମୁଣ୍ଡରେ ବର୍ଷା ଲାଗି ରହିଛି। ଫଳରେ ଜଳସ୍ତର ବୃଦ୍ଧି ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦରେ ମଧ୍ୟ ୧୨୭ ମିଲିମିଟର ବର୍ଷା ରେକର୍ଡ ହୋଇଛି।

### ଖୁଚୁରା ମୁଦ୍ରାସ୍ଫୀତି ୪%କୁ ଆଣିବା ପାଇଁ ପ୍ରୟାସ

ନୂଆଦିଲ୍ଲୀ, ୨୬।୬: ଖୁଚୁରା ମୁଦ୍ରାସ୍ଫୀତିକୁ ୪% ଭିତରେ ରଖିବାପାଇଁ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ସେ ଏହାମଧ୍ୟ କହିଛନ୍ତି ଯେ ସେ ଆଶାବାଦୀ ଅଛନ୍ତି, ଆର୍ଥିକ ବର୍ଷ ୨୦୨୪ରେ ଆର୍ଥିକ ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ। ଗତବର୍ଷ ଏପ୍ରିଲରେ ମୁଦ୍ରାସ୍ଫୀତି ହାର ୭.୮ ପ୍ରତିଶତରେ ପହଞ୍ଚି ଯାଇଥିଲା। ଗତବର୍ଷ ମଇ ମାସରୁ ବର୍ତ୍ତମାନ ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ ସୁଧହାରରେ ମୋଟ ୨.୫ ପଏଣ୍ଟ ବଢାଇ ସାରିଥିବା ସେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ଏହି ଯୋଜନା ବଳରେ ସରକାର ଗତ ମଇ ମାସରେ ମୁଦ୍ରାସ୍ଫୀତିକୁ ୪.୨୫ ପ୍ରତିଶତକୁ ଆଣିବାରେ ସଫଳ ହୋଇପାରିଛନ୍ତି। ଗତବର୍ଷ ଏପ୍ରିଲରେ ଏହା ୭.୮ ପ୍ରତିଶତରେ ପହଞ୍ଚିଥିଲା। ସେ ଆହୁରି କହିଥିଲେ ଯେ ଦରବୃଦ୍ଧି ପ୍ରସଙ୍ଗରେ ଆମେ ସତର୍କ ନଜର ରଖିଛୁ।

ସେନ୍‌ସେକ୍ସ: ୬୨,୯୭୦.୦୦
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୮ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

### ୨୬।୬ର ମତାମତ

ମହାପ୍ରଭୁଙ୍କ ନୀତିରେ ବିଳମ୍ବ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି ?

| ହଁ | ନା |
|---|---|
| ୮୫% | ୧୫% |


### ଆଜିର ପ୍ରସଙ୍ଗ

ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇବା ଠିକ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ

# ଆଜି ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନବମୀ ସନ୍ଧ୍ୟା ଦର୍ଶନ



ପୁରୀ, ୨୬।୬(ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ରତ୍ନବେଦୀ ଛାଡ଼ି ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ପ୍ରତିଦିନ ହଜାର ହଜାର ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶରଧାବାଲିରେ ଭିଡ଼ ଜମାଉଛନ୍ତି। ୨୮ ତାରିଖରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପୂର୍ବରୁ ଅର୍ଥାତ୍ ୨୭ ତାରିଖ ଦିନ ମହାପ୍ରଭୁଙ୍କ ନବମୀ ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଓ ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣ ଦାସମହାପାତ୍ର ଏ ନେଇ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ନବମୀ ସନ୍ଧ୍ୟା ଦର୍ଶନ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁ ରହିବ। ମଙ୍ଗଳବାର ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। କିନ୍ତୁ ୫ଟା ପରେ ଆଉ ଦର୍ଶନ ମିଳିବ ନାହିଁ। ବାହୁଡ଼ା ଯାତ୍ରାପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀମନ୍ଦିର, ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅପରାହ୍ନ ୫ଟା ପରେ ଗୁଣ୍ଡିଚା ମନ୍ଦିର ଭିତରେ ଥିବା ଭକ୍ତମାନେ ଦର୍ଶନ • ପୃଷ୍ଠା ୮ ଦେଖନ୍ତୁ

## ଉତ୍ତର ଭାରତରେ ମୌସୁମୀର ତାଣ୍ଡବ

# ବର୍ଷା ପାଲଟିଲା କାଳ, ଚାଲିଗଲା ୮ଜୀବନ



ନୂଆଦିଲ୍ଲୀ, ୨୬।୬ : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଉତ୍ତର ଭାରତର ଅଧିକାଂଶ ସ୍ଥାନ ଆଉଟପାଉଟ ହେଉଥିବା ବେଳେ ସମସ୍ତେ ମୌସୁମୀ ବାୟୁକୁ ଅପେକ୍ଷା କରିଥିଲେ। ବିଳମ୍ବରେ ହେଲେ ମଧ୍ୟ ଉତ୍ତର ଭାରତରେ ମୌସୁମୀ ପ୍ରବେଶ କରିଲା। ହେଲେ ମୌସୁମୀ ଆଶ୍ୱସ୍ତି ଦେବା ବଦଳରେ ଲୋକଙ୍କ ସମସ୍ୟାକୁ ବଢ଼ାଇ ଦେଉଥିବା ଚର୍ଚ୍ଚା ଜୋର ଧରିଛି। ଲଗାଣବର୍ଷା, ଅଚାନକ ବନ୍ୟା ଓ ଭୂସ୍ଖଳନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ମୌସୁମୀ ବର୍ଷାର ବ୍ୟାପକ କ୍ଷତି ହୋଇଛି। ସବୁଠୁ ବେଶୀ ପ୍ରଭାବିତ ହୋଇଛନ୍ତି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମ ଉତ୍ତରପ୍ରଦେଶର ଜନସାଧାରଣ। ସେହିପରି ଆସାମରେ ମଧ୍ୟ ଭୟଙ୍କର ବନ୍ୟା ସୃଷ୍ଟି ହୋଇଛି। ଦିଲ୍ଲୀ ଓ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ମୁମ୍ବାଇରେ ଲଗାଣ ବର୍ଷା ଯୋଗୁଁ ଘର ଭୁଶୁଡି ପଡିଥିବା ଖବର ମିଳିଛି। ସେହିପରି କାନ୍ଥ ପଡି ୨ଜଣଙ୍କର ମୃତ୍ୟୁ ଘଟିଛି। ହିମାଚଳ ପ୍ରଦେଶରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟାରେ ୧୨ରୁ ଅଧିକ ଗାଡି ଭାସି ଯାଇଥିବା ବେଳେ ୩ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଚାମେରା ଡ୍ୟାମରେ ଭାରସାମ୍ୟ ହରାଇ ଗୋଟିଏ କାର ଖସି ପଡିବାରୁ ୨ଜଣ ଓ ସିମ୍ଲାରେ ଜଣଙ୍କର ମୃତ୍ୟୁ ହୋଇଛି। ବର୍ଷା ପାଣି ଜମି ରହିବାରୁ ୧୦୦ରୁ ଅଧିକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବହୁ ସ୍ଥାନରେ ବିଜୁଳି ଓ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଆହୁରି ୨୪ଘଣ୍ଟା ଯାଏଁ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାର ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି। ସେହିଭଳି ଉତ୍ତରାଖଣ୍ଡରେ ବଜ୍ରାଘାତରେ ଜଣେ ଯୁବକର ମୃତ୍ୟୁ ଘଟିଛି। ଭୂସ୍ଖଳନ ଯୋଗୁଁ ଗରୱାଲ, ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ଜାତୀୟ ରାଜପଥରେ ଯାତାୟାତ ଠପ ହୋଇପଡିଛି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। ଭୂସ୍ଖଳନ ଯୋଗୁଁ ହିମାଚଳ ପ୍ରଦେଶର ମଣ୍ଡି ଓ କୁଲୁ ମଧ୍ୟରେ ଜାତୀୟ ରାଜପଥ ପ୍ରାୟ ୧୫କିମି ପର୍ଯ୍ୟନ୍ତ ଜାମ ହୋଇଯାଇଛି। ଫଳରେ ବହୁ ସଂଖ୍ୟକ ଲୋକ ଫଶି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ବୋଲି ସୂଚନା ମିଳିଛି। ବିସ୍ଫୋରଣ କରି ରାସ୍ତାରୁ ବଡବଡ ପଥରଖଣ୍ଡକୁ କଟାଯାଉଛି। ପୁରା ରାସ୍ତା ସଫା କରିବା ପାଇଁ ଆହୁରି ୭ରୁ ୮ ଘଣ୍ଟା ଲାଗିବ ବୋଲି ଉଦ୍ଧାରକାରୀ ଦଳ ସୂଚନା ଦେଇଛନ୍ତି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏମିତିକା ତୀର ମାରିଲେ ନବୀନ
ବିରୋଧୀ ହୋଇଲେ ଘାଇଲା,
ପାଣ୍ଡିଆନ ପାଇଁ ଚିନ୍ତା କରିବାଟା
ନିନ୍ଦୁକଙ୍କୁ ଖୁନ୍ଦା ମାଇଲା ।
ତାଳି, ହୁଳହୁଳି ଶୁଭିଲା,
ମିଶନଶକ୍ତିର ମା'ମାଉସୀଙ୍କୁ
ଭଏସ ରେକର୍ଡିଂ ବାସିଲା !

## ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା

# ସବୁ ସରକାରୀ କର୍ମଚାରୀ ନେବେ ତାଲିମ

ଭୁବନେଶ୍ୱର, ୨୬।୬ (ଭାସ୍କର ନ୍ୟୁଜ୍) : ୨୦୨୧ ମେ' ୨୯ତାରିଖରେ ରାଜ୍ୟ ମନ୍ତ୍ରୀ ପରିଷଦର ଏକ ଐତିହାସିକ ନିଷ୍ପତ୍ତି କ୍ରମେ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ଠାରୁ ଆରମ୍ଭ କରି ଗ୍ରୁପ୍

### ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ

ଡି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ବିପର୍ଯ୍ୟୟ ଏବଂ ମହାମାରି ପରିଚାଳନା ସଂପର୍କରେ ତାଲିମ ଦିଆଯିବ। ଏହି ନିଷ୍ପତ୍ତି ଅନୁପାଳନ ପୂର୍ବକ ବିପର୍ଯ୍ୟୟ ଏବଂ ମହାମାରି ପରିଚାଳନା ନିମନ୍ତେ ଉକ୍ତ ବିଷୟ • ପୃଷ୍ଠା ୮ ଦେଖନ୍ତୁ



## ସ୍କୁଲ ନିର୍ମାଣ କାମର ମଜୁରି ମିଳିଲାନି

# ୫ଯନ୍ତ୍ରୀଙ୍କୁ ତାଲା ଠୁଙ୍କିଲେ ଶ୍ରମିକ

ବାରିପଦା, ୨୬।୬ (ଭାସ୍କର ନ୍ୟୁଜ୍) : ସେମାନେ ଦିନ ମଜୁରିଆ। ମଜୁରି ପାଇଲେ ପରିବାର ପ୍ରତିପୋଷଣ କରିବେ। ହେଲେ ଦିନମାନ ହାଡଭଙ୍ଗା ପରିଶ୍ରମ କରି ସେମାନଙ୍କୁ ମିଳିଲାନି ପାରିଶ୍ରମିକ। ଏହାର ପ୍ରତିବାଦରେ କାମ ତଦାରଖ କରୁଥିବା ୫ଯନ୍ତ୍ରୀଙ୍କୁ ନିର୍ମାଣାଧୀନ ସ୍କୁଲ ଘରେ ପୁରାଇ ତାଲା ଠୁଙ୍କିଦେଲେ ଶ୍ରମିକ। ଆଉ ଦାବି ରଖିଲେ ପ୍ରାପ୍ୟ ମିଳିବା ପରେ ସେମାନଙ୍କୁ ମୁକ୍ତ କରିବେ। ଏଭଳି ଏକ ଅଭାବନୀୟ ଘଟଣା ସୋମବାର ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକର ଇନ୍ଦିପୁର ଗାଁରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନାରୁ ପ୍ରକାଶ ଏହି ଗାଁରେ ଗତ କିଛି ମାସ ହେବ ଏକଲବ୍ୟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ୨୫ଜଣ ଶ୍ରମିକ, ମିସ୍ତ୍ରୀ ନିୟୋଜିତ ରହିଛନ୍ତି। ହେଲେ ସେମାନଙ୍କୁ ଠିକ୍ ଭାବେ ମଜୁରୀ ଦିଆଯାଉନାହିଁ। ମଜୁରୀ ଦେବଦେବ ବୋଲି କହି ଠିକା ସଂସ୍ଥା ସମୟ ଗଡାଇ ଚାଲିଛି। ତେଣୁ ଶ୍ରମିକମାନେ ଉପାୟ ନପାଇ କାମ ତଦାରଖ କରିବାକୁ ଆସିଥିବା ୫ଯନ୍ତ୍ରୀଙ୍କୁ ଜୋରଜବରଦସ୍ତ ସ୍କୁଲ ଘରେ ପୁରାଇ ତାଲା ପକାଇ ଦେଇଛନ୍ତି। ଅଟକ ଥିବା ଯନ୍ତ୍ରୀଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ଜଣ ରହିଥିବା ବେଳେ ଠିକା ସଂସ୍ଥାର ଦୁଇଜଣ ଯନ୍ତ୍ରୀ ଅଛନ୍ତି। ଖବର ପାଇବା ପରେ ରରୁଆଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସୂଚନାଯୋଗ୍ୟ ଯେ ବକେୟା ମଜୁରୀ ଦିଆଯିବା ନେଇ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ଏହା ନମିଳିବାରୁ ସେମାନେ ଚରମ ପଦକ୍ଷେପ ନେଇଥିବା କହିଛନ୍ତି। ଅନ୍ୟପକ୍ଷରେ ଜଣେ ସରକାରୀ ଯନ୍ତ୍ରୀ କହିଛନ୍ତି ଯେ ଶ୍ରମିକମାନଙ୍କ ଦାବି ନ୍ୟାୟସଂଗତ। ସେମାନେ ମଜୁରୀ ପାଇନଥିବାରୁ ନ୍ୟାୟ ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। ତେବେ ଠିକାସଂସ୍ଥା ସହ ଏନେଇ କୌଣସି ଯୋଗାଯୋଗ ହୋଇପାରି ନାହିଁ।



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଶିକ୍ଷାସଚେତନତା ରଥ ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ମଣ୍ଡଳ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ଅତିରିକ୍ତ ଶିକ୍ଷାଧିକାରୀଣି ମମତା ମଞ୍ଜରୀ ଦେଇ, ରାଜଲକ୍ଷ୍ମୀ ପାତ୍ର, ସୁଧାଂଶୁ ବାଳା ଶତପଥୀ ଉପସ୍ଥିତରେ ଶିକ୍ଷାସଚେତନ ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ପିଲାମାନଙ୍କୁ ନିୟମିତ ବିଦ୍ୟାଳୟ ଆସିବା ଉପରେ ଗୁରୁତ୍ୱ ଦେବା ସହିତ ସଚେତନ କରିବା ରଥର ମୁଖ୍ୟ ଉଦେଶ୍ୟ. ବିଦ୍ୟାଳୟ ରେ ମିଳୁଥିବା ସୁବିଧା ଯଥା ମଧାହ୍ନ ଭୋଜନ, ସ୍କଲାର ସିପି ଇତ୍ୟାଦି ସହିତ ସମସ୍ତ ସରକାରୀ ସୁବିଧା କିଭଳି ବିଦ୍ୟାଳୟରୁ ମିଳିପାରୁଛି ସେ ନେଇ ଗାଁ ଲୋକମାନଙ୍କୁ ସଚେତନ କରାଇବ ଏହି ରଥ। ଏହି ରଥ ବ୍ଲକର ୧୫ପଞ୍ଚାୟତ ପରିଭ୍ରମଣ କରି ସଚେତନ କରାଇବ। ଏହି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ୧୩ଟି କ୍ଲଷ୍ଟର ସମସ୍ତ ସି. ଆର. ସି ଙ୍କ ସହ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଅସହାୟ ୨ ପରିବାରକୁ ସହାୟତାର ହାତ ବଢାଇଲେ ସମାଜସେବୀ ରଶ୍ମିତା



ଏରସମା,(ଭାସ୍କର ନ୍ୟୁଜ୍): ଦ୍ୱୀପ ତଳ ଅନ୍ଧାର ପରି ଏହି ଦୁଇ ପରିବାର ଦୁଃଖ ଓ କଷ୍ଟରେ ଜୀବନଯାପନ କରୁଛନ୍ତି। ଏପରି ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଚଟୁଆ ପଞ୍ଚାୟତର ଚଟୁଆ ଗ୍ରାମରେ ।ମୁରଲୀ ଗୋଛୟତ ଓ ସ୍ତ୍ରୀ ସୁମିତ୍ରା ଗୋଛାୟତ ପରିବାର କହିଲେ ଏହି ଦୁଇଜଣକୁ ନେଇ ।ଉକ୍ତ ଦମ୍ପତି ସନ୍ତାନହୀନ ଅଟନ୍ତି ଓ ତାଙ୍କ ସହ ସ୍ୱାମୀ ମୁରଲୀ ହେଉଛନ୍ତି ଜଣେ ଜନ୍ମାନ୍ଧ , ସ୍ତ୍ରୀ ଶାରୀରିକ ଭିନ୍ନକ୍ଷମ,ଜଣେ ଜଣଙ୍କୁ ଭରଷା ହୋଇଥିବା ବେଳେ ବଞ୍ଚିବାର ସାହାରା କେବଳ ସ୍ୱାମୀଙ୍କ ପାଞ୍ଚ ଶହ ଟଙ୍କା ଓ ଦଶ କିଲୋ ଚାଉଳ। ଭିନ୍ନକ୍ଷମ ହୋଇଥିଲେ ମଧ ସୁମିତ୍ରା ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଥିବା ଜଣାପଡ଼ିଛି। ପ୍ରତିଦିନ ସ୍ୱାମୀଙ୍କୁ ଗୋଟିଏ ହାତରେ ଟାଣି ଭିକ ମାଗି ନିଜ ପେଟ ପୋଷିଥାନ୍ତି। ଏବିଷୟରେ ସମାଜସେବୀ ରଶ୍ମିତା ନାୟକ ଖବର ପାଇବା ପରେ ଉକ୍ତ ଦମ୍ପତ୍ତିଙ୍କ ନିକଟରେ ପହଁଞ୍ଚି ତାଙ୍କ ଦୁଃଖ ଦେଖି କିଛି ଅର୍ଥ ପ୍ରଦାନ କରିଛନ୍ତି। ଏବଂ ଅନ୍ୟ ପକ୍ଷରେ ସେହି ଚଟୁଆ ଗ୍ରାମରେ କିଛିମାସ ପୂର୍ବେ ସଞ୍ଜୟ ସେଠୀ ନାମକ ଜଣେ ବ୍ୟକ୍ତି ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିଲେ। ତାଙ୍କ ସ୍ତ୍ରୀ ପ୍ରଭାତୀ ସେଠି ଓ ପୁଅ ସୁନୀଲ ସେଠିକୁ ନେଇ ଦୁଃଖରେ ପରିବାର ଅଛନ୍ତି । ସମଦୁଃଖୀ ପରିବାରର ରୋଜଗାରିଆ ବ୍ୟକ୍ତି ସଞ୍ଜୟ ମୃତ୍ୟୁ ବରଣ କରିବା ପରେ ଦୁଃଖର ପାହାଡ଼ ଯେମିତି ଭାଙ୍ଗିପଡିଛି ତାଙ୍କ ଉପରେ। ପୁଅ ସୁନୀଲ ବି ସଠିକ ଭାବେ କଥା କହି ପାରୁନାହିଁ। ଶ୍ରୀମତୀ ନାୟକ ଉକ୍ତ ପରିବାରରେ ପହଁଞ୍ଚି ତାଙ୍କୁ ମଧ କିଛି ଅର୍ଥ ପ୍ରଦାନ କରିବା ସହିତ ଉଭୟ ଦୁଇଟି ପରିବାର ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ ସହାୟତା ଓ ଅନ୍ତୋଦୟ ଯୋଜନାରେ ସାମିଲି କରି ମାସିକ ୩୫ କିଲୋ ଚାଉଳ ପାଇଁ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବିଭିନ୍ନ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ସାହାଯ୍ୟ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ମଧ ଦେଇଛନ୍ତି। ଏହିପରି ସେବା ମନୋଭାବକୁ ଦେଖି ଚଟୁଆ ପଞ୍ଚାୟତର ଜନସଧାରଣ ଶ୍ରୀମତୀ ନାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

## କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନ ପାଳିତ

କଣିହାଁ,(ଭାସ୍କର ନ୍ୟୁଜ୍): ରାଷ୍ଟ୍ରବାଦୀ ଚିନ୍ତାଧାରାରେ ଉଦୟବୃଦ୍ଧ ହୋଇ ଏବିଭିପି ଛାତ୍ରନେତାରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନ ଓ ସେବା ଦିବସ ଅବସରରେ ଭାରତୀୟ ଜନତା ପାର୍ଟି ତରଫରୁ ବଡ ତ୍ରିବିଡ଼ା ପଞ୍ଚାୟତର ବିଜେପି କାର୍ଯ୍ୟ କର୍ତ୍ତା ଓ ଗ୍ରାମର ମହିଳାମାନଙ୍କ ସହିତ ମିଶି ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ,ଶିବ ମନ୍ଦିରରେ ପୂଜା ଅର୍ଚ୍ଚନା କରିବା ସହିତ ଦୀପଜାଳି ଶୁଭ କାମନା କରିବା ସହିତ ତାଙ୍କ ସେବା ପାଇଁ ପ୍ରଭୁ ଜଗନ୍ନାଥ କୃପା ରହିବ ବୋଲି ଶୁଭ କାମନା କରିଥିଲେ। ତା'ପରେ ବୃକ୍ଷ ରୋପଣ କରା ଯାଇଥିଲା,ସେହି ପରି ବଡଗୁଣ୍ଡୁରି ଶକ୍ତିକେନ୍ଦ୍ରରେ ମାଉସୀମା' ମନ୍ଦିରରେ ପୂଜାର୍ଚ୍ଚନା ଓ ଦୀପ ଜାଳି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୁଭକାମନା କରିବା ସହିତ ବୃକ୍ଷ ରୋପଣ କରିଥିଲେ। ବିଜୁ ଗୋଳ ଶକ୍ତି କେନ୍ଦ୍ରରେ ବିଜେପି ଯୁବ ସଭାପତି ଶୁଲେନ୍ ଧର ନେତୃତ୍ୱରେ ଦୀପ ଜାଳି ପୂଜାର୍ଚ୍ଚନା କରି ମନ୍ତ୍ରିଙ୍କର ଶୁଭ ମନାସୀଥିଲେ।

## 'ବିଦ୍ୟୁତ ବିଭ୍ରାଟ ପାଇଁ ଟିପିଓସିଏଡିଏଲ୍ ଭିତ୍ତିଭୂମି ସଜାଡିବା ଆବଶ୍ୟକ'

କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୨ନଂ ୱାର୍ଡର ବଡବାରଙ୍ଗ ବିଦ୍ୟାଳୟଠାରୁ ମଧଖଣ୍ଡି ଗ୍ରାମ ରାସ୍ତାରେ ବିଦ୍ୟୁତ୍ ଏଲଟି ଲାଇନ୍‌ର ଅର୍ଦ୍ଧେକ କେବୁଲ କରାଯାଇଥିବା ବେଳେ ଦୀର୍ଘବର୍ଷ ହେବ ଅନ୍ୟ ଅର୍ଦ୍ଧେକ ଅଂଶକୁ କେବୁଲ କରାନଯାଇ ବନ୍ଦ ହୋଇ ପଡିରହିଛି । ବାକି ଥିବା ଅର୍ଦ୍ଧାଧିକ ଅଂଶ ବିଦ୍ୟୁତ ଏଲ୍‌ଟି ଲାଇନକୁ କେବୁଲ କରିବା ପାଇଁ ବିଦ୍ୟୁତ ବିଭାଗ(ଟିପିସିଓଡିଏଲ୍) ର ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନିବେଦନ କରାଯାଇଥିଲେ ମଧ ସେ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଦୀର୍ଘ ଦୁଇମାସରୁ ଉର୍ଦ୍ଧ୍ୱ ହେବ ବକେୟା ଥିବା ଏଲ୍‌ଟି ଲାଇନରେ ଗଛଡାଳ ପଡି ବିଦ୍ୟୁତ ବିଭ୍ରାଟ ହେଉଥିବା ଅଭିଯୋଗ ହେଉଛି। ଏତଦ୍ ବ୍ୟତୀତ ଦୁଇମାସ ହେବ ଦିନକୁ ବାରଘଣ୍ଟା ଅଘୋଷିତ ବିଦ୍ୟୁତ କାଟ କରାଯାଉଛି । କେବୁଲ କରାଗଲେ ବିଦ୍ୟୁତ ଚୋରିକୁ ରୋକାଯାଇପାରିବା ସହିତ ଗ୍ରାହକମାନେ ଉପଯୁକ୍ତ ଭୋଲ୍‌ଟେଜ୍ ପାଇପାରିବେ । ସେହି ରାସ୍ତାରେ ଗଣେଶ୍ୱର ମେକାପଙ୍କ ବାସଗୃହ ନିକଟସ୍ଥ ଛକରେ ଥିବା ବିଦ୍ୟୁତ୍ ଖୁଣ୍ଟଟି ଦୀର୍ଘବର୍ଷ ହେବ ଅଧାଭଙ୍ଗା ଅବସ୍ଥାରେ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଅଛି। ସେଠାରେ ନୂତନ ବିଦ୍ୟୁତ ଖୁଣ୍ଟ ବସିସାରିଥିଲେ ମଧ ସଂପୃକ୍ତ ଭଙ୍ଗା ଖୁଣ୍ଟକୁ ସେଠାରୁ ଉଠାନଯିବା ଫଳରେ ସ୍ଥାନୀୟ ଅଞ୍ଚଳର ଛୋଟଛୋଟ ପିଲାଙ୍କ ପାଇଁ ଏହା ଘୋର ବିପଦ ସୃଷ୍ଟି କରିଛି । ଏବେ କେନ୍ଦ୍ରାପଡାର ଆରାଧ ପ୍ରଭୁ ସିଦ୍ଧ ଶ୍ରୀ ବଳଦେବଜୀୟୁଙ୍କ ରଥଯାତ୍ରା ଆରମ୍ଭ ହୋଇଯାଇଛି । ଏହି ସମୟରେ ସେହି ରାସ୍ତାଟିକୁ ଏକପାଖିଆ ରାସ୍ତା ଭାବେ ବ୍ୟବହୃତ କରାଯାଉଥିବାବେଳେ ସଂପୃକ୍ତ ଅଧାଭଙ୍ଗା ବିଦ୍ୟୁତ ଖୁଣ୍ଟଟି କେତେବେଳେ ଯେ ଦୁର୍ଘଟଣା ଓ ଧନଜୀବନ ହାନି ନ କରିବ ତାହା କହିହେବ ନାହିଁ । ତେଣୁ ତୁରନ୍ତ ସଂପୃକ୍ତ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଷ୍ଟେଟ୍ ବ୍ୟାଙ୍କ୍ ଅଧିକାରୀ ଗଣେଶ୍ୱର ମେକାପ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି ।



## ଶ୍ରାବଣୀ ସାହିତ୍ୟ ସଂସଦର କବିତା ଆସର

ସାଲେପୁର(ଭାସ୍କର ନ୍ୟୁଜ୍):ସାରସ୍ୱତ ଅନୁଷ୍ଠାନ ଶ୍ରାବଣୀ ସାହିତ୍ୟ ସଂସଦର କବିତାଆସର ଓ ସାହିତ୍ୟ ଆଲୋଚନାଚକ୍ର ଲକ୍ଷ୍ମୀନୃସିଂହ ଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି କବି ଉଦୟ କେଶରୀ ବର୍ମାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ କୈଳାସ ଚନ୍ଦ୍ର ଜେନା, କବି ଚନ୍ଦ୍ରମଣି ଭୂୟାଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କବି ମହେନ୍ଦ୍ର ସାହୁଙ୍କ ସଂଯୋଜନାରେ କବି ଗଗନ ବିହାରୀ ମିଶ୍ର, କ୍ଷୀରୋଦ କୁମାର ଜେନା, ଛବିରାମ ସେଠୀ, ଜଗନ୍ନାଥ ବେହେରା, ଶୁଭଲକ୍ଷ୍ମୀ ବେହେରା, ଜ୍ୟୋତିପ୍ରଭା ବର୍ମା, ଉଲ୍ଲାସ ଚନ୍ଦ୍ର ବେହେରା, ରବିନ୍ଦ୍ର ଖଟୁଆ, ଦେବେନ୍ଦ୍ର ନାଥ ସାହୁ, ନିରୁପମା ସାହୁ, ମନୋଜ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।

## କଣାସରେ ଶିକ୍ଷା ସଚେତନତା ରଥ ଗଡିଲା

କଣାସ,(ଭାସ୍କର ନ୍ୟୁଜ୍): ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଶତପ୍ରତିଶତ ଉପସ୍ଥାନ ସହି ବିଦ୍ୟାଳୟ ପ୍ରତି ପିଲାମାନଙ୍କର ଆଗ୍ରହ ବଢାଇବା ଲକ୍ଷରେ ଆଜି ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ କଣାସ ବ୍ଲକରେ ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟକୁ ଭ୍ରମଣ କରିଛି । ପୂର୍ବାହ୍ନରେ କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ କଣାସ ବିଡିଓ ପବିତ୍ର ବେହେରା, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ ଓ ନାରାୟଣ ପ୍ରଧାନ ପତାକା ଦେଖାଇ ଶିକ୍ଷା ରଥର ଶୁଭାରମ୍ଭ କରିଥିଲେ। ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ନିର୍ମିତ ଏହି ସଚେତନତା ରଥରେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମର ଚିତ୍ର ସ୍ଥାନ ପାଇଥିବା ବେଳେ ଆକର୍ଷିଣୀୟ ଶିକ୍ଷା, ସଂଗୀତ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଏହି ରଥ ଆଜି କଣାସ ବଜାର ପରିକ୍ରମା କରିବା ସହିତ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିକ୍ରମା କରିବା ବେଳେ ବନ୍ଦାପନା କରି ଛାତ୍ରଛାତ୍ରୀ ଓ ଶିକ୍ଷଶୀକ୍ଷୟେତ୍ରୀମାନେ ଏହି ରଥକୁ ସ୍ୱାଗତ କରିଥିଲେ। ଏହା ଅନନ୍ତେଶ୍ୱର ସାଧନକେନ୍ଦ୍ର, ବାରଦା ବାଦଲପୁର ସାଧନକେନ୍ଦ୍ର ଓ ମନ୍ଦାରବସ୍ତ ସାଧନକେନ୍ଦ୍ରର ବିଭିନ୍ନ ଗାଁ ଓ ବିଦ୍ୟାଳୟ ପରିକ୍ରମା କରିଥିବା ବେଳେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ରଥକୁ ନେଇ ଆଗ୍ରହ ଓ ଖୁସି ପ୍ରକାଶ ପାଇଥିଲା। ରଥକୁ ସମସ୍ତ ବିଦ୍ୟାଳୟ ପକ୍ଷରୁ ବନ୍ଦାପନା କରାଯାଇଥିଲା । ସିଆରିସିସି ଦାମଦର ସୁନ୍ଦରାୟ, ସନ୍ତୋଷ କୁମାର ବେହେରା, ବୈକୁଣ୍ଠନାଥ କୋଦମାସିଂହ, ସସ୍ମିତା ଜାଲିଙ୍କ ନେତୃତ୍ୱରେ ଶିକ୍ଷାରଥ ଆଜି ପରିକ୍ରମା କରିଥିଲା । ଆସନ୍ତା ଦୁଇଦିନ ମଧ୍ୟରେ କଣାସ ବ୍ଲକର ସମସ୍ତ ୧୭ଟି ସାଧନକେନ୍ଦ୍ର ଏହି ରଥ ପରିକ୍ରମା କରିବ ବୋଲି ବିଆରସିସି ସୂର୍ଯ୍ୟନାରୟଣ ନାୟକଙ୍କ ଠାରୁ ପ୍ରକାଶ ।



## ପୌର ନିର୍ବାହୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡା ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କର ଆନନ୍ଦପୁର ପୌରସଂସ୍ଥା ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି। ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳଙ୍କୁ ତାଙ୍କ ଗରାପୁରସ୍ଥିତ ସରକାରୀ ବାସଭବନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସଂସଦ ପକ୍ଷରୁ ସଭାପତି ପ୍ରଦୀପ କୁମାର ମହାନ୍ତି, ଉପସଭାପତି ବୈଷ୍ଣବ ଚରଣ ପ୍ରଧାନ ଓ ମିଡିଆସେଲ୍ ସମ୍ପାଦକ ଚିତ୍ତରଞ୍ଜନ ଦାସ ଏକ ସାଲ୍ ଓ ପେନ୍ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳଙ୍କ କେନ୍ଦ୍ରାପଡା ପୌରସଂସ୍ଥାର କାର୍ଯ୍ୟକାଳ ସମୟରେ ତାଙ୍କର ନିଷ୍ଠାପର, କର୍ତ୍ତବ୍ୟ ପରାୟଣତା ଓ ସମୟାନୁବର୍ତ୍ତିତା ନିମନ୍ତେ କେନ୍ଦ୍ରାପଡାବାସୀ ତାଙ୍କୁ ସବୁଦିନ ମନେ ରଖିବେ ବୋଲି ସଂସଦର ସଭାପତି ଶ୍ରୀ ମହାନ୍ତି କହିଥିଲେ।

## ନିଶା ଓ ଚୋରାଚାଲାଣ ବିରୋଧରେ ଜିଲ୍ଲାସ୍ତରୀୟ ସଚେତନତା




କେନ୍ଦ୍ରାପଡା,(ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟରେ ଏକ ସଚେତନତା ରଥ ଶତାଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଙ୍ଗନୱାଡ଼ୀ କର୍ମୀ, ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ଏକ ଶୋଭା ଯାତ୍ରାରେ ନୂଆ ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ପହଞ୍ଚିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଚେତନତା ରାଲିକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ପତକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ୀ କର୍ମୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଶାଦ୍ରବ୍ୟ ସେବନ ନ କରିବାକୁ ସପଥ ପାଠ କରାଇଥିଲେ । ଯୁବ ସମାଜ ରାଷ୍ଟ୍ରର ଭବିଷ୍ୟତ ଦେଶର ବିକାଶରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ତେଣୁ ନିଶାମୁକ୍ତ ଭାରତ ଅଭିଯାନରେ ଅଧିକରୁ ଅଧିକ ଯୁବକ ସାମିଲ ହେବା ଅତ୍ୟନ୍ତ ଜରୁରୀ, ନିଜକୁ ନିଶାମୁକ୍ତ ରଖିବା ସହିତ ନିଶାମୁକ୍ତ ରାଜ୍ୟ ତଥା ଜିଲ୍ଲା ଗଠନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଆହ୍ୱାନ ଦେଇଥିଲେ । କାରଣ ପରିବର୍ତ୍ତନର ଆରମ୍ଭ ନିଜଠାରୁ ହେବା ଆବଶ୍ୟକ । ନିୟମିତ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ହାନୀ ହେବା ସହ ସାମାଜିକ ବିଶୃଙ୍ଖଳାର ମୂଳ କାରଣ ହୋଇଥାଏ । ଫଳରେ ପରିବାରର ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଥାଏ। ଉକ୍ତ ଶୋଭାଯାତ୍ରାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲୀ ପ୍ରିୟଦର୍ଶିନୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ସ୍ୱତନ୍ତ୍ର ବିଦ୍ୟାଳୟର ସ୍ୱପ୍ନାଶୁ କୁମାର ଦାସ, ଯୋଗଗୁରୁ ସଞ୍ଜୟ କୁମାର ମଥାନ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ ।

## ଜିଲ୍ଲା ପରିଷଦ ସଦସ୍ୟଙ୍କ ମାତୃ ବିୟୋଗ

ଶୁଳିଆପଦା, (ଭାସ୍କର ନ୍ୟୁଜ) : ଶୁଳିଆପଦା ବ୍ଲକ୍ ୫୩ ନଂ.ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁଙ୍କ ମାଆ ଗୌରୀ ମଣି କିସ୍କୁ ଙ୍କର ପରଲୋକ ହୋଇଯାଇଛି ।ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟକ୍ଷ ହୋଇଥିଲା। ସେ ମଧୁମେହ ରୋଗରେ ପିଡିତ ଥିଲେ। ଦେହରେ ସର୍କରା ନିୟନ୍ତ୍ରଣ ନହେବାରୁ ସେ ଅସୁସ୍ଥ ହୋଇପଡିଥିଲେ ।ଚିକିତ୍ସା ପାଇଁ ପ୍ରଥମେ ବାରିପଦା ଓ ପରେ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ କୁ ନିଆ ଯାଇଥିଲା। ସେଠାରେ ଚିକିତ୍ସା ଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ମୃତୁକ୍ର ଖବର ପାଇଁ ସ୍ଥାନୀୟ ବିଧାୟକ ରାଜ କିଶୋର ଦାସଙ୍କ ସହିତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶୁଳିଆପଦା ବ୍ଲକ୍ ଫାନିଆ ପଞ୍ଚାୟତ ଅଧିନ ଟେଷ୍ଟପୋଷି ଗ୍ରାମରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସଂସ୍କୃତି ପରମ୍ପରା ଆଧାରରେ ଗାଁରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା ।ସେ ଜଣେ ଧର୍ମ ପରାୟଣା, ପରୋପକାରୀ, ମିଷ୍ଟଭାଷୀ ମହିଳା ଥିଲେ।

## ବିଜେପି ଓ କଂଗ୍ରେସ ଛାଡି ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଲେ



କାଳିଆପାଣି, (ଭାସ୍କର ନ୍ୟୁଜ୍): ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ସେତିକି ବିଜୁ ଜନତାଦଳ ମଜବୁତ ହେବାକୁ ଲାଗୁଛି। ନିକଟରେ ବିଜୁ ଜନତାଦଳର ରେ ଅନ୍ୟଦଳର କର୍ମିମାନେ ଦଳଛାଡି ବିଜେଡିରେ ମିଶୁଥିବା ନଜିର ରହିଛି। ସେହିପରି ଆଜି ପିମ୍ପୁଡିଆ ପଞ୍ଚାୟତରେ ସମାଜସେବୀ ତଥା ଏକ ରାଜନୈତିକ ଦଳର ଆଗଧାଡିର ନେତୃତ୍ୱ ନେଉଥିବା ଯୁବକ କୈଳାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ୨୮ ଜଣ କଂଗ୍ରେସ ଓ ବିଜେପି ଦଳର କର୍ମି ଶ୍ୟାମ ସୁନ୍ଦର ଲାଗୁରୀ (ପୂର୍ବ ଥର ପିମ୍ପୁଡିଆ ପଞ୍ଚାୟତର କଂଗ୍ରେସ ସରପଞ୍ଚ ପ୍ରାର୍ଥୀ ) ବିକ୍ରମ ଗୋଇଆ ( ପୂର୍ବ ଥର ପିମ୍ପୁଡିଆ ପଞ୍ଚାୟତର କଂଗ୍ରେସ ସମିତିସଭ୍ୟ ପ୍ରାର୍ଥୀ), ଦ୍ୱିଜେନ୍ଦ୍ର ଘୋଷ (୪ ଥର ସ୍ୱାଧିନ ବିଧାୟକ ପ୍ରାର୍ଥୀ) , ଦିନେଶ ରଞ୍ଜନ ନାୟକ (ବଜରଙ୍ଗ ଦଳର ଜିଲ୍ଲା ଦାୟିତ୍ୱରେ ଥିଲେ), ଶୁକଦେବ ନାୟକ, ଶେଷଦେବ ନାୟକ ଧନେଶ୍ୱର ମିଶ୍ର ସମେତ କାଙ୍କଡପାଳ ପଞ୍ଚାୟତ ର ବିଜେପି ଦଳର ସଭାପତି ପାଣ୍ଡୁ ଜାମଦା ଓ ଅନ୍ୟ ଛଅ ଜଣ ବିଜେପି କର୍ମି ସୁକିନ୍ଦା ବିଧାୟକ ତଥ ଗ୍ରାମ ଉନ୍ନୟନ , ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରିତିରଞ୍ଜନ ଘଡେଇଙ୍କ ବିକାଶ ଧାରା ଓ ଶୃଙ୍ଖଳିତ କାର୍ଯ୍ୟ ଧାରାରେ ଅନୁପ୍ରାଣିତ ହେଇ ବିଜୁ ଜନତାଦଳରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ.ଆର.ସି.କେ.ଏମ.ଏସର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର , ସୁକିନ୍ଦା ବ୍ଲକ ଅଦକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଯାଜପୁର ଜିଲ୍ଲାର ବିଜଦ ଉପ ସଭାପତି ବିଦ୍ୟାଧର ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, ଶ୍ରମିକ ସଂଘର କର୍ମକର୍ତ୍ତା ଭରତ ମହାନ୍ତ, ପ୍ରଭାତ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, କାଳିଆପାଣି ସରପଞ୍ଚ ବିକାଶ କୁମାର ପାତ୍ର, କାଙ୍କଡପାଳ ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ପରିଡା, ପିମ୍ପୁଡିଆ ପଞ୍ଚାୟତର ବିଜଦର ସକ୍ରିୟ କର୍ମି ସୁକାନ୍ତ ନାୟକ, ବଟକୃଷ୍ଣ ଦାସ, ଗଗନ ମହାନ୍ତ, ଯୁବ ନେତା ତେଜସ୍ୱୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ୨୦୨୪ ନିର୍ବାଚବ ବେଳକୁ ବିରୋଧୀ ଦଳ କାଳିଆପାଣି ଖଣି ଅଞ୍ଚଳରୁ ସମ୍ପୂର୍ଣ ଲୋପାପାଇବ ବୋଲି ଚର୍ଚ୍ଚା ହେଉଛି। ଖୁବ ଶୀଘ୍ର କାଙ୍କଡ଼ପାଳ ପଞ୍ଚାୟତରେ ମିଶ୍ରଣ ପର୍ବ ହେବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

## ଅନନ୍ତପୁରରେ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ସମାବେଶ




କୁଜଙ୍ଗ,(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ବାଲିକୁଦା ଏରସମା ବିଜେଡି ରାଜନୀତିରେ ଅସନ୍ତୁଷ୍ଟଙ୍କ ମହାମେଳି ଦେଖିବାକୁ ମିଳିଛି । ଏହି କର୍ମୀ ସମାବେଶରେ ବରିଷ୍ଠ ବିଜେଡି ନେତା ଦାମୋଦର ଜେନାଙ୍କ ସଭାପତିତ୍ୱରେ ଅନନ୍ତପୁର ପଞ୍ଚାୟତ ୪ ନମ୍ବର ଜୋନରେ ଅସନ୍ତୁଷ୍ଟ ବିଜେଡି ଛାମୁଆ କର୍ମୀମାନଙ୍କୁ ନେଇ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡ଼ି ନେତା ସଂଜୀବ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବରିଷ୍ଠ ବିଜେଡି ନେତା ତଥା ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ଏରସମା ପୂର୍ବତନ ବ୍ଲକ ଅଧକ୍ଷ ମାନସ ରଞ୍ଜନ ସେଠୀ, ଅଳାବୋଳ ପଞ୍ଚାୟତ ସରପଞ୍ଚ ରମେଶ ସ୍ୱାଇଁ, ଅପଣ୍ଡରା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅବିନାଶ ସାହୁ, ଅଳାଭର ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଅଳାବୋଳ ପୂର୍ବତନ ସମିତି ସଭ୍ୟ ତଥା ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଦୀପକ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ବାଲିକୁଦା ଏରସମାରେ ବିଜେଡି ଦଳକୁ ମଜବୁତ କରିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନର ବିଧାୟକ ପ୍ରକୃତ ବିଜେଡି କର୍ମୀଙ୍କୁ ଅଣଦେଖା କରୁଥିବାରୁ ନିର୍ବାଚନ ମଣ୍ଡଳୀରେ ବିକାଶ କାର୍ଯ୍ୟରେ ବାଧା ଉପୁଜିଥିବା ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ସ୍ୱାଇଁ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଡ. ଅରୁଣ କୁମାର ସାହୁ, ରାଜ୍ୟ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଦଳର ମୁଖିଆଙ୍କୁ ଅବଗତ କରାଯିବା ସହ ବାଲିକୁଦା ଏରସମାରେ ନୂତନ ନେତୃତ୍ୱ ପ୍ରଦାନ କରାଯିବାକୁ ଅନୁରୋଧ କରାଯିବ। ଆଗକୁ ବାଲିକୁଦା ଏରସମାର ସମସ୍ତ ଜୋନ୍ ସ୍ତରରେ କର୍ମୀ ସମାବେଶ ହେବବୋଲି ନିଷ୍ପତି ହୋଇଥିଲା। ବାଲିକୁଦା ଏରସମା ବ୍ଲକର ୫୫ ପଞ୍ଚାୟତ ଓ ୱାର୍ଡ ସ୍ତରରେ ସଂଗଠନ କରାଯାଇ ବିଜେଡିକୁ ମଜଭୁତ କରାଯିବା ସହ ବର୍ତ୍ତମାନ ବିଧାୟକଙ୍କ ନେତୃତ୍ୱକୁ ପ୍ରବଳ ବିରୋଧ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଶ୍ରୀଯୁକ୍ତ ବିଶ୍ୱାଳ କମ୍ ଦିନ ମଧ୍ୟରେ ନିର୍ବାଚନ ମଣ୍ଡଳୀର ସମସ୍ତଙ୍କ ନିକଟତର ହୋଇଥିବାରୁ ତାଙ୍କ ନେତୃତ୍ୱ ଉପରେ ବାଲିକୁଦା ଏରସମା ବିଜେଡି କର୍ମୀ ଆସ୍ଥା ପ୍ରକଟ କରୁଥିବା କର୍ମୀମାନେ ପ୍ରକାଶ କରିଥିଲେ। ଏହି କର୍ମୀ ସମାବେଶରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାମ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନନ୍ତପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ପାଇଟାଳ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ। ୪ ନମ୍ବର୍ ଜୋନର ବନ୍ଧୁ ଚରଣ ନାୟକ, ରମେଶ ସ୍ୱାଇଁ, ପର୍ଶୁରାମ ସେଠୀ, ନିରଞ୍ଜନ ପଣ୍ଡା,ଉପେନ୍ଦ୍ର ନାଥ ସ୍ୱାଇଁ, ଦୁର୍ଯ୍ୟୋଧନ ବିଶ୍ୱାଳ, ବିଚିତ୍ରାନନ୍ଦ ମଳିକ, ସୁଧୀର ରାଉତ, ପ୍ରଭାକର ସ୍ୱାଇଁ, ପ୍ରସନ୍ନ ବିଶ୍ୱାଳ, ନବକିଶୋର ଜେନା, ବିଚିତ୍ରାନନ୍ଦ ସ୍ୱାଇଁ, ପ୍ରତାପ ବିଶ୍ୱାଳ, ସରୋଜ ନାୟକ, ଧ୍ରୁବ ପାତ୍ର, ଅଭୟ ସ୍ୱାଇଁ, ସନ୍ତୋଷ ସ୍ୱାଇଁଙ୍କ ସମେତ ଶହ ଶହ ଛାମୁଆ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ଝିଅକୁ ବିଷ ଦେଇ ନିଜେ ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ପ୍ରଥମେ ଦୁଇ ବର୍ଷର ଝିଅ କୁ ବିଷ ଦେଇ, ନିଜେ ବିଷପିଇ ଆତ୍ମହତ୍ୟା କଲେ ମହିଳା। ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମରେ ଘଟିଛି ଏଭଳି ଘଟଣା। ସେମାନେ ହେଲେ ପୋଚାଲୁଣ୍ଡି ଗ୍ରାମର କୃଷ୍ଣ ବିଷୋୟୀଙ୍କ ସ୍ତ୍ରୀ ସୁଜ୍ଞାନୀ ବିଷୋୟୀ ଏବଂ ତାଙ୍କ ଝିଅ ନିଶା ବିଷୋୟୀ (୨)। ଖବର ନେବାରେ ଜଣାପଡିଛି। ପ୍ରଥମେ ଝିଅକୁ ବିଷ ପିଆଇବା ପରେ ନିଜେ ସୁଜ୍ଞାନୀ ବିଷ ପିଇ ଗୁରୁତର ହୋଇଥିଲେ। ପରିବାର ଲୋକେ ଏହି ଘଟଣା ଜାଣିବା ପରେ, ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବୁଗୁଡ଼ା ଏବଂ ପରେ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଝିଅକୁ ମୃତ୍ୟୁ ଘୋଷଣା କରିଥିବା ବେଳେ, ସୁଜ୍ଞାନୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଅଧିକ ପାଇଁ ବ୍ରହ୍ମପୁର ବଡଡାକ୍ତରଖାନାକୁ ପଠାଇଥିଲେ। ତେବେ ନେବା ରାସ୍ତାରେ ଅଧିକ ଗୁରୁତର ହେବାରୁ। ପୁଣି ଆସିକା ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶ ନେବା ପରେ, ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ମହିଳା ମହାସଙ୍ଘ କାର୍ଯ୍ୟାଳୟ ଗୃହ ତେସିଙ୍ଗାରେ ସ୍ଥାପନ କରିବାକୁ ଦାବି

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ତେସିଙ୍ଗା ଗ୍ରାମପଞ୍ଚାୟତର ମିଶନ ଶକ୍ତି ଅନ୍ତର୍ଗତ ମହିଳା ମହାସଙ୍ଘ କାର୍ଯ୍ୟାଳୟ ଗୃହ ତେସିଙ୍ଗା ରାଜସ୍ୱ ମୌଜାରେ ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଏଥିନେଇ ତେସିଙ୍ଗା ପଞ୍ଚାୟତ ମହିଳା ମହାସଙ୍ଘର ବିଭିନ୍ନ ଗୋଷ୍ଠୀର ଚାଳିଶରୁ ଉର୍ଦ୍ଧ୍ୱ ମହିଳା ସୋମବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟାଳୟ ଗୃହ ପଞ୍ଚାୟତର କୁଲଣା ଠାରେ ନିର୍ମାଣ ପାଇଁ ଉଦ୍ୟମ କରାଯାଉଥିବା ଖବର ପାଇବା ପରେ ମହାସଙ୍ଘର ସଂଖ୍ୟାଧିକ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେସିଙ୍ଗା ଗ୍ରାମପଞ୍ଚାୟତ ଅଧୀନରେ ଥିବା ୯ ଗୋଟି ରାଜସ୍ୱ ଗ୍ରାମର ଅବସ୍ଥିତ ଦୃଷ୍ଟିକୋଣରୁ ତେସିଙ୍ଗା ଗ୍ରାମ ମଧ୍ୟସ୍ଥଳୀରେ ହୋଇଥିବାରୁ ଓ ମିଶନ ଶକ୍ତି ଯୋଜନା ପ୍ରାରମ୍ଭରୁ ଅସ୍ଥାୟୀ ଭାବେ ପଞ୍ଚାୟତ ମହିଳା ମହାସଙ୍ଘ କାର୍ଯ୍ୟାଳୟ ତେସିଙ୍ଗା ଠାରେ କାର୍ଯ୍ୟ କରିଆସୁଥିବାରୁ ଏହି ତେସିଙ୍ଗାଠାରେ ହିଁ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନେବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ସରକାରୀ ନିୟମାନୁଯାୟୀ ଯେଉଁସ୍ଥାନ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସୁବିଧା ପାଇଁ ପ୍ରଯୁର୍ଯ୍ୟ ହେବ ସେଠାରେ ମହାସଙ୍ଘର କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶନାମା ରହିଛି । ମହିଳାମାନଙ୍କ ଚଲାପଥ ଦୃଷ୍ଟିକୋଣରୁ ଗମନାଗମନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଦୃଷ୍ଟିରୁ ତେସିଙ୍ଗା ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ଆବେଦନକାରିଣୀ ମନେ ଦର୍ଶାଇଛନ୍ତି। କୁଲଣା ଗ୍ରାମଟି ତେସିଙ୍ଗା ଗ୍ରାମପଞ୍ଚାୟତର ଏକ ପର୍ଶ୍ୱସୀମାରେ ଅବସ୍ଥିତ ଓ ଅନ୍ୟାନ୍ୟ ରାଜସ୍ୱ ଗ୍ରାମଠାରୁ ଏହାର ଦୂରତା ଚାରିରୁ ପାଞ୍ଚ କିଲୋମିଟର ହୋଇଥିବାବେଳେ ତେସିଙ୍ଗା ଗ୍ରାମଟି ଦେଢ଼ରୁ ଦୁଇ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ। କୁଲଣା ଠାରେ ମହିଳା ମହାସଙ୍ଘ କାର୍ଯ୍ୟାଳୟ ନିର୍ମାଣ କରାଗଲେ ପଞ୍ଚାୟତର ୮୦ଭାଗ ମହିଳା ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେବେ। ମାତ୍ର ତେସିଙ୍ଗାଠାରେ ଏହା ନିର୍ମାଣ କରାଗଲେ ସମସ୍ତେ ଆବଶ୍ୟକ ବେଳେ ପାଦରେ ଯାତାୟତ କରିପାରିବା ସହ କୌଣସି ଅସୁବିଧା ହେବ ନାହିଁ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ମହାସଙ୍ଘର ସଭାନେତ୍ରୀ ପ୍ରମିଳା ଧଳ,ଚମ୍ପାବତୀ ସେଠୀ, ମାମୁନି ସାହୁ,ବଉଳ ସାହୁ, ସୀତାଶ୍ରୀ ବାରିକ, ଅନସୂୟା ସାହୁ, ରଶ୍ମିତା ନାୟକ, ସୁଧାଂଶୁବାଳା ଧଳ, ନିହାରିକା ଖଟୁଆ, ରଶ୍ମିତା ସାହୁ, ଆରତୀ ସାମଲ, ମିନତୀ ସାହୁ, ମାନିନୀ ସାମଲ ପ୍ରଭାରାଣୀ ସାହୁ, ଦୀପିକା ସାହୁ ପ୍ରମୁଖ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଭେଟି ଦାବିପତ୍ର ଦେବା ସହ ତେସିଙ୍ଗାଠାରେ ମହାସଙ୍ଘ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ।




କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ଆର୍ନ୍ତଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ -୨୦୨୩ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ସ୍ଥାନୀୟ ବେଲଭିଉ ଚକଠାରୁ ଆରମ୍ଭ ହୋଇ ରେଭେନ୍ସା କଲିଜିଏଟ ସ୍କୁଲ ପର୍ଯ୍ୟନ୍ତ ଅୟୋଜିତ ହୋଇଥିଲା । ଆୟୋଜିତ କର୍ମଶାଳାରେ ନିଶା ସେବନ ଓ ବେଆଇନ ଭାବେ ହେଉଥିବା ନିଶା କାରବାରକୁ ନିରୋଧ କରାଯିବା ସହ ଏହାର କୁପ୍ରଭାବରୁ ଯୁବସମାଜକୁ ନିବୃତ୍ତ ରଖିବା ତଥା ନିଶାମୁକ୍ତ ଜୀବନଶୈଳୀକୁ ଆପଣେଇବା ଏବଂ ସାମାଜିକସ୍ତରରେ ଜନସଚେତନତା ସୃଷ୍ଟିପୂର୍ବକ ଏହାର କୁପରିଣାମକୁ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ଼.ଭବାନୀ ଶଙ୍କର ଚୟନୀ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି ।

# ଝଲସୁଛି ଏକାମ୍ର କ୍ଷେତ୍ର



- ଏକାମ୍ର ପ୍ରକଳ୍ପ ପାଇଁ ଭୂମିପୂଜନ ଆରମ୍ଭ
- ୨୮ରେ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଝଲସୁଛି ମନ୍ଦିର ମାଳିନୀ ସହର ରାଜଧାନୀର ଏକାମ୍ର କ୍ଷେତ୍ର । ସୋମବାର ଠାରୁ ଏକାମ୍ର ପ୍ରକଳ୍ପ ପାଇଁ ଭୂମିପୂଜନ ଆରମ୍ଭ ହୋଇଛି । ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ଆଧାରିତ ଏହି ପ୍ରକଳ୍ପ ପାଇଁ ତିନିଦିନ ପୂଜା ଆୟୋଜିତ ହେବ। ଏଥିପାଇଁ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଆୟୋଜନ ହୋଇଛି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ । ଆସନ୍ତା ୨୮ ତାରିଖରେ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମଙ୍ଗଳବାର ଯଜ୍ଞରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେବେ। ଆଲୋକମାଳାରେ ସଜ୍ଜିତ ହୋଇଛି ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ବିନ୍ଦୁସାଗର ଓ ଅନ୍ୟ ମନ୍ଦିର । ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରସ୍ତୁତ ହୋଇଛି ବିରାଟ ଯଜ୍ଞସ୍ଥଳୀ । ସନ୍ଧ୍ୟାରେ ଅଙ୍କୁର ରୋପଣ ପରେ ରାତି ୧୧ଟାରେ ମଣ୍ଡଳକରଣ । ମଙ୍ଗଳବାର ଭୋର୍ ୪ଟାରୁ ଜଳାଧିବାସ, ୬ଟା ୩୦ରେ ମନ୍ଦିର ଓ ଯଜ୍ଞବେଦୀ ପ୍ରଦକ୍ଷିଣ କରାଯିବ । ଏହା ପରେ ଘଟ ଓ ଦୀପ ସ୍ଥାପନ, ଗୁରୁ ପୂଜନ, ପଞ୍ଚାମୃତ, ପଞ୍ଚଗବ୍ୟ ଶୋଧନ କରାଯାଇ ସୂର୍ଯ୍ୟ ପୂଜା ସହ ଆରମ୍ଭ ହେବ ଯଜ୍ଞ । ଆସନ୍ତା ତିନିଦିନ ଧରି ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସରେ ସ୍କାଏ ପ୍ରୋଜେକ୍ସନ, ଆଲୋକ ଓ ଶବ୍ଦ ପ୍ରଦର୍ଶନ ସହ ନୃତ୍ୟ ଆୟୋଜନ କରାଯାଇଛି । ପ୍ରୋଜେକ୍ଟ ମଡେଲ ଓ ସୂଚନା ପ୍ରଦର୍ଶନୀ ଜରିଆରେ ଏକାମ୍ର କ୍ଷେତ୍ରର ବିକାଶ ସମ୍ପର୍କରେ ପର୍ଯ୍ୟଟକଙ୍କୁ ଅବଗତ କରାଯାଉଛି ।



ନବୀନ ନିବାସରେ କାଳିଆ ଚାଷୀଙ୍କ ସହ ଭାବ ବିନିମୟ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## ଓପିଏସ୍‌ସିରେ ୨ ସଦସ୍ୟଙ୍କୁ ନିଯୁକ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ଲୋକସେବା ଆୟୋଗ (ଓପିଏସସି)ରେ ୨ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ଗୌରାଙ୍ଗ ଚରଣ ସାହୁଙ୍କୁ ଓପିଏସସି ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଉଭୟ ୬ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ। ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓୟୁଏଟି ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ। ସେହିପରି ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଭାବେ ଅବସର ନେଇଛନ୍ତି ଗୌରାଙ୍ଗ ସାହୁ।ଉଭୟଙ୍କ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ସିଡିଏରେ ଥିବା ଡ୍ରେନେଜ ସଫା କରିବା ଦାୟିତ୍ୱ କାହାର !

କଟକ(ଭାସ୍କର ନ୍ୟୁଜ): ସିଡ଼ିଏ, ସେକ୍ଟର-୬ରେ ଥିବା ଡ୍ରେନେଜ ଗୁଡ଼ିକ ଦୀର୍ଘ ଦିନ ଧରି ସଫା ନହେବା ଓ ଏଗୁଡ଼ିକର ସ୍ଥାୟୀ ମରାମତି ନକରିବା ଫଳରେ ବହୁ ଭୂତଳ ଡ୍ରେନେଜ ଗୁଡ଼ିକ ଭାଙ୍ଗି ଯାଇଥିବାରୁ ଜଳ ନିଷ୍କାସନ ଠିକରୁପେ ହୋଇ ପାରୁନାହିଁ। ଫଳରେ ବହୁ ସ୍ଥାନରେ ମଇଳା ଡ୍ରେନେଜ ପାଣି ଓଭର ଫ୍ଲୋ ହୋଇ ରାସ୍ତାରେ ଭାସୁଥିଲେ ମଧ୍ୟ ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଲେ ମଧ୍ୟ ଦୀର୍ଘ ଦିନ ଧରି ସଫା ନହେବା କିମ୍ବା ମରାମତି ନହେବା ଦ୍ୱାରା ମର୍କତନଗର ଅନ୍ତେବାସୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି । ଡ୍ରେନେଜ ଗୁଡ଼ିକୁ ସଫା କରିବା କିମ୍ବା ଏହାର ମରାମତି କରିବା କାହାର ଦାୟିତ୍ୱ ବୋଲି ଅନ୍ତେବାସୀଙ୍କ ପକ୍ଷରୁ ପ୍ରଶ୍ନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଚଳିତମାସ ୧୧ ଓ ୧୨ ରିଖ କଟକ ମହାନଗର ନିଗମ ପକ୍ଷରୁ ମୋ ୱାର୍ଡ଼ ପରିକ୍ରମାରେ କଟକ ମେୟର ଓ କମିଶନର ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ଡ୍ରେନେଜରୁ ମଇଳା ଜଳ ଭାସୁଥିବାର ପରିଲକ୍ଷିତ କରି ସିଡ଼ିଏ ଅନ୍ତେବାସୀଙ୍କ ଉପସ୍ଥିତିରେ ୱାଟକୋର କର୍ତ୍ତୃପକ୍ଷଙ୍କୁ ଡ଼କାଇ ଡ୍ରେନେଜ ଗୁଡ଼ିକୁ ସଫା କରିବା ଓ ମରାମତି କରିବା ପାଇଁ ତୁରନ୍ତ ତୋଫାନ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଇତିମଧ୍ୟରେ ୧୫ ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ୱାଟକୋ କିମ୍ବା କଟକ ମହାନଗର ନିଗମର କୌଣସି କର୍ତ୍ତୃପକ୍ଷ ଏହାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନ ନେବାରୁ ସିଡ଼ିଏ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୱାଟକୋର କନିଷ୍ଠ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରିବାରୁ ସେ ଏହାର ଦାୟିତ୍ୱରେ ନାହାନ୍ତି ବୋଲି କହି କଟକ ମହାନଗର ନିଗମର ଏକଜୁକିଟିଭ ଇଞ୍ଜିନିୟରଙ୍କୁ ଅବଗତ କରାଇବା ପାଇଁ କହିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଦୀର୍ଘଦିନ ଧରି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରାସ୍ତା, ସିଡ଼ିଏ କଲୋନୀ ସମ୍ମୁଖ ରାସ୍ତା ଓ ୬ ଓ ୭ ରୋଡ଼ରେ ଦୀର୍ଘ ଦିନ ଧରି ଡ୍ରେନେଜ ପାଣି ଭାସୁଅଛି । ଏ ସମ୍ପର୍କରେ ଯଦି କୌଣସି କର୍ତ୍ତୃପକ୍ଷ ପଦକ୍ଷେପ ନ ନିଅନ୍ତି ତେବେ ବାଧ୍ୟ ହୋଇ ସିଡ଼ିଏ କର୍ତ୍ତୃପକ୍ଷ ପକ୍ଷରୁ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବରିଷ୍ଠ ଆଇନଜିବୀ ଶିଶିର ଦାସ, ଗଦାଧର ସାହୁ, ବିବେକାନନ୍ଦ ଗେରୁ, ସଚ୍ଚିଦାନନ୍ଦ ବିଶ୍ୱାଳ, ସରୋଜ କୁମାର ଲେଙ୍କା, ଅଭୟ କୁମାର ଲେଙ୍କା, ଶଶି ପ୍ରଧାନ, ବଙ୍କିମ ଚନ୍ଦ୍ର ମହାନ୍ତି, ପ୍ରେମାନନ୍ଦ ଦାସ ଓ ଜଟେଶ୍ୱର ସେଠୀ ପ୍ରମୁଖ ଏକ ପ୍ରେସ ବିବୃତିରେ କହିଛନ୍ତି ।



## ବିବାଦ ପରେ ମୁହଁ ଖୋଲିଲେ ନବୀନ

## ଆପଣଙ୍କ ସୁଖଦୁଃଖ ବୁଝିବା ପାଇଁ ମୁଁ ମୋ ସଚିବଙ୍କୁ ପଠାଇଛି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ, ସାଧାରଣ ସଭା କରିବା, ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ମିଳିବାକୁ ନେଇ ବିବାଦ ବଢ଼ିବା ପରେ ମୁହଁ ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନଙ୍କ ଏକ ଅଡିଓ ରେକର୍ଡିଂକୁ ୫-ଟି ସଚିବ ଆଜି ବରଗଡ଼ ଜିଲ୍ଲାରେ ମିଶନ ଶକ୍ତି ମା'ମାନଙ୍କୁ ଭେଟିବାବେଳେ ନିଜ ଫୋନରୁ ବଜାଇ ଶୁଣାଇଛନ୍ତି । ଫୋନ୍‌ରୁ ଶୁଣାଯାଇଥିଲା ମୁଁ ମୋ ସଚିବ ପାଣ୍ଡିଆନ ବାବୁଙ୍କୁ ପଠାଇଛି। ଲୋକଙ୍କ ସୁଖ ଦୁଃଖ ବୁଝିବାକୁ ମୁଁ ତାଙ୍କୁ ପଠାଇଛି। ଦୁଇଦିନିଆ ବରଗଡ଼ ଜିଲ୍ଲା ଗସ୍ତର ପ୍ରଥମ ଦିନରେ ବରଗଡ଼ର ନିଶାମଣି ହାଇସ୍କୁଲ ପଡ଼ିଆରେ ଫାଇଭ-ଟି ସଚିବ ପାଣ୍ଡିଆନ ମିଶନ ଶକ୍ତି ମା'ମାନଙ୍କୁ ସମ୍ବୋଧିତ କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଅଡିଓ ସନ୍ଦେଶକୁ ଶୁଣାଇଥିଲେ । ଯେଉଁଥିରେ ନବୀନ କହିଥିଲେ, 'ଆପଣଙ୍କ ସୁଖଦୁଃଖ ବୁଝିବା ପାଇଁ ମୁଁ ମୋ ସଚିବଙ୍କୁ ପଠାଇଛି । ଆପଣମାନେ ଭଲ କାମ କରନ୍ତୁ । ମୁଁ ସାହାଯ୍ୟ କରିବି ।' ମୁଖ୍ୟମନ୍ତ୍ରୀଙ୍କ ଏହି ଦୁଇ ପଦ କଥା ପରେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହେଉଥିବା ସ୍ପଷ୍ଟ ହୋଇଛି ।

## ପ୍ରକାଶ ପାଇଲା ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷା ଫଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସ୍ନାତକ ଶେଷ ସେମିଷ୍ଟାର ୨୦୨୩ ନିୟମିତ ଓ ବ୍ୟାକ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ପ୍ରକାଶ ପାଇଛି । କଳା ଅନର୍ସରେ ପାସ୍ ହାର ୯୦.୫୯ ପ୍ରତିଶତ ରହିଥିବା ବେଳେ ବିଜ୍ଞାନ ଅନର୍ସରେ ୯୫.୩୦ ପ୍ରତିଶତ ଓ ବାଣିଜ୍ୟ ଅନର୍ସରେ ପାସ୍ ହାର ୮୯.୨୮ ପ୍ରତିଶତ ରହିଛି । କଳା ଅନର୍ସରେ ସମୁଦାୟ ୨୫ ହଜାର ୩୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୯ ହଜାର ୫୦୪ ଜଣ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ବିଜ୍ଞାନ ଅନର୍ସରେ ସମୁଦାୟ ୧୩୬୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୬୦୫ ଓ ବାଣିଜ୍ୟ ଅନର୍ସରେ ୪୧୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ୩୦ ପର୍ଯ୍ୟନ୍ତ ବଢ଼ିଲା ଯୁକ୍ତ୨ ଆଡ୍‌ମିଶନ୍ ଆବେଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୂତନ ଭାବେ ସ୍ୱୀକୃତି ପାଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦେବା ନିମନ୍ତେ ତଥା ଅଭିଭାବକମାନଙ୍କ ଅନୁରୋଧ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକାଦଶ ଶ୍ରେଣୀ ପାଇଁ ସାମସ୍ ପୋର୍ଟାଲ www.samsodisha.gov.in ଜରିଆରେ ଆବେଦନ ତାରିଖକୁ ଜୁନ ୨୬ ତାରିଖ ପରିବର୍ତ୍ତେ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପରିବର୍ତ୍ତିତ ସୂଚୀ ଅନୁଯାୟୀ ପ୍ରଥମ ମେଧା ତାଲିକା ୨୦୨୩ ଜୁଲାଇ ୬ ତାରିଖ ଦିନ ପ୍ରକାଶ ପାଇବ । ପ୍ରଥମ ପର୍ଯ୍ୟାୟ ଆଡ୍‌ମିଶନ୍ ଯଥାକ୍ରମେ ୨୦୨୩ ଜୁଲାଇ ୭ରୁ ଆରମ୍ଭ ହୋଇ ଜୁଲାଇ ୧୩ ତାରିଖ ମଧ୍ୟରେ ଶେଷ ହେବ । ଦ୍ୱିତୀୟ ମେଧା ତାଲିକା ୨୦୨୩ ଜୁଲାଇ ୧୯ ତାରିଖରେ ପ୍ରକାଶ କରାଯିବା ସହିତ ଏହାର ଆଡ୍‌ମିଶନ୍ ପ୍ରକ୍ରିୟା ଜୁଲାଇ ୨୨ ତାରିଖ ସୁଦ୍ଧା ଶେଷ କରାଯିବ। ସେହିପରି ଅନ୍‌ଲାଇନ୍ ସ୍ପଟ୍ ଆଡ୍‌ମିଶନ ପ୍ରକ୍ରିୟା ଜୁଲାଇ ୨୧ରୁ ଆରମ୍ଭ ହୋଇ ଜୁଲାଇ ୨୭ ତାରିଖ ସୁଦ୍ଧା ସଂପାଦନ କରାଯିବ । ପରିବର୍ତ୍ତିତ ସୂଚୀ ଅନୁଯାୟୀ ଅଗଷ୍ଟ ୧ ତାରିଖରେ ଏକାଦଶ ଶ୍ରେଣୀର ପାଠପଢ଼ା ଆରମ୍ଭ କରାଯିବ।

## ବାହ'ଈ ଭବନରେ ଆନ୍ତର୍ଜାତୀୟ ଆଲୋଚନାଚକ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାହ'ଈ ଭବନ ସମ୍ମିଳନୀ କକ୍ଷଠାରେ ସ୍ଥାନୀୟ ଆଧ୍ୟାତ୍ମିକ ସଭା, ଭୁବନେଶ୍ୱର ଆନୁକୂଲ୍ୟରେ ଆମ କାହାଣୀ ଗୋଟିଏ ବା # ourStoryOne ନାମକ ଏକ ଆନ୍ତର୍ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସମଗ୍ର ବିଶ୍ୱରେ ଲିଙ୍ଗଗତ ସମାନତା, ମହିଳା ସଶକ୍ତିକରଣ ଓ ମାନବାଧିକାର ବିଷୟ ଗୁଡ଼ିକରେ ମହିଳାମାନଙ୍କର ସଶକ୍ତ ଯୋଗଦାନ ତଥା ବଳିଦାନ ଗୁଡ଼ିକର ସମ୍ମାନରେ ଏହି ଅଭିଯାନଟି ବିଶ୍ୱସାରା ଜାରି ରହିଛି। ଏହି ଆଲୋଚନାଚକ୍ରଟିକୁ ପ୍ରଶାସନ ତରଫରୁ ଭୁବନେଶ୍ୱର ଡେପୁଟି ମେୟର ମଞ୍ଜୁଲତା କହଁର ଉଦ୍‌ଘାଟନ କରି ମାନବାଧିକାର ଏବଂ ନାରୀର ଦାୟିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ବିଶିଷ୍ଟ ସମାଜସେବୀ ତଥା ମହିଳା କମିଶନର ପୂର୍ବତନ ସଭ୍ୟା ନମ୍ରତା ଚଢ଼ା, ସ୍ନେହାଞ୍ଜଳି ମହାନ୍ତି, ଭାଷାବିତ୍ ତଥା ବାହ'ଈ ଗବେଷକ ପ୍ରଫେସର ଶଶିକାନ୍ତ ପାଣିଗ୍ରାହୀ ଏବଂ ବିଶିଷ୍ଟ ଅନ୍ତର୍ଜାତୀୟ ଶିକ୍ଷାବିତ୍ ତଥା ଶାନ୍ତି ଗବେଷିକା ନଦିଆ ମୋଗବେଲପୁର ଏହି ପ୍ୟାନେଲ୍‌ରେ ଯୋଗଦେଇଥିଲେ। ପ୍ରକାଶଥାଉକି ୧୮ ଜୁନ୍ ୧୯୮୩ ମସିହାରେ ଇରାନ୍‌ର ୧୦ଜଣ ବାହ'ଈ ମହିଳାଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା। ଅଧିକାଂଶ ୨୦ ବର୍ଷ ବୟସର ଥିଲେ। ଜଣେ କେବଳ ୧୭ ବର୍ଷ ବୟସର ତରୁଣୀ ଥିଲେ। ଏହି ଦଳରେ ଜଣେ ମା' ଝିଅ ମଧ ଥିଲେ। ସେମାନଙ୍କର ଅପରାଧ କେବଳ ଏତିକି ଥିଲା ଯେ ସେମାନେ ଲିଙ୍ଗଗତ ସମାନତା, ଏକତା, ନ୍ୟାୟ ଏବଂ ସତ୍ୟତାକୁ ପ୍ରୋତ୍ସାହିତ କରୁଥିବା ଧର୍ମବିଶ୍ୱାସରେ ସେମାନଙ୍କର ଆସ୍ଥାକୁ ତ୍ୟାଗ କରିବାକୁ ମନା କରିଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ତୃଇଶା ପ୍ରିୟଦର୍ଶିନୀଙ୍କ ଦ୍ୱାରା ବିଷୟାତ୍ମକ ଓଡ଼ିଶୀ ନୃତ୍ୟ ଏବଂ ଡକ୍ଟର କାବ୍ୟତାରା ପାଣିଗ୍ରାହୀଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ଆଲୋଚନାଚକ୍ରଟିକୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗର ବିଶିଷ୍ଟ ଉପଦେଷ୍ଟା ଡକ୍ଟର ସୂର୍ଯ୍ୟ ପ୍ରକାଶ ଦାସ କରିଚାଳନା କରିଥିବା ବେଳେ ସଭାପତିତ୍ୱ କରିଥିଲେ ସୁଶାନ୍ତ କୁମାର ନାୟକ।



ଉତ୍କଳ ରଙ୍ଗମଞ୍ଚରେ ଜାଗୃତି ନ୍ୟାସନାଲ ଡ୍ୟାନ୍ସ ଫେଷ୍ଟିଭାଲ୍‌ରେ ଜଣେ ନୃତ୍ୟଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ

## ଘନଘନ ବିଜୁଳି କାଟ ବନ୍ଦ କରିବା ଦାବିରେ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ): ବିଦ୍ୟୁତ କାଟ ଯୋଗୁଁ କଟକ ସହରରେ ଲୋକେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ମହିଳା ବରିଷ୍ଠ ନାଗରିକ, ଶିଶୁ, ସଯ୍ୟାଶାୟୀ ବ୍ୟକ୍ତିମାନେ ଦୟନୀୟ ଅବସ୍ଥାରେ ପଡୁଛନ୍ତି। ଦୁର୍ଭାଗ୍ୟକୁ ବିଦ୍ୟୁତ ସଂସ୍କାର କାର୍ଯ୍ୟକାରୀ କରିବାରେ ଦେଶର ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ନିରବଚ୍ଛିନ୍ନ ଓ ଉନ୍ନତମାନର ବିଦ୍ୟୁତ ଯୋଗାଣ, ପରିବହନ ଜନିତ କ୍ଷତି, ବିଦ୍ୟୁତ ଚୋରି ଇତ୍ୟାଦିକୁ ଘରୋଇକରଣ କଲେ ସହଜରେ ରୋକାଯାଇ ପାରିବ ବୋଲି ଓଡ଼ିଶାବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଘରୋଇକରଣରେ ୩୨ବର୍ଷ ପରେ ବି ଓଡ଼ିଶାବାସୀଙ୍କୁ କୌଣସି ସୁଫଳ ଦେଇପାରି ନାହିଁ ବୋଲି ସି.ପି.ଆଇ(ଏମ) ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଅବସରରେ ୫ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଭାଗିୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ବସ୍ତି ମହାସଂଘର ଅନ୍ୟତମ ନେତା ଅଜିତ କୁମାର ଲେଙ୍କା, ଖପରିଆ ବ୍ରାଞ୍ଚ ସଂପାଦକଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କରାଯାଇଥିବା ବେଳେ ଅଭୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ, ବଦ୍ରୀ ନାରାୟଣ ଦାଶ, ଆଞ୍ଚଳିକ କମିଟି ସଂପାଦକ ପ୍ରତାପ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖି ବିଦ୍ୟୁତ ନିତୀ ବିରୁଦ୍ଧରେ ଆନ୍ଦୋଳନ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ ମନମୋହନ ପତି, ନିର୍ମଳ ଦାସ, ଘନଶ୍ୟାମ ରାଉତ, ଭାଗ୍ୟଧର ନାୟକ, ନବଘନ ପରିଡ଼ା, ଅନାଦି ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।


GOVERNMENT OF INDIA
MINISTRY OF MICRO, SMALL & MEDIUM ENTERPRISES
Azadi Ka Amrit Mahotsav
G20 भारत 2023 INDIA

ସୂକ୍ଷ୍ମ, ଲଘୁ ତଥା ମଧ୍ୟମ ଉଦ୍ୟୋଗ ଗୁଡ଼ିକର ପ୍ରତିସ୍ୱର୍ଦ୍ଧାତ୍ମକତା ବୃଦ୍ଧି ପାଇଁ ଏକ ପଦକ୍ଷେପ



"ଏମ୍‌ଏସ୍‌ଏମ୍‌ଇ କମ୍ପିଟେଟିଭ୍ (ଲିନ୍) ଯୋଜନା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ମଜବୁତ କରିବା ପାଇଁ ଆମର ପ୍ରୟାସର ଏକ ଅଂଶ, ଯାହା ଭାରତର ଅର୍ଥବ୍ୟବସ୍ଥାକୁ ବୃଦ୍ଧିର ଏକ ପ୍ରମୁଖ ସ୍ତମ୍ଭ ଅଟେ।"
ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

MSME COMPETITIVE (LEAN) SCHEME
MCLS

ଲିନ୍ ମାନୁଫ୍ୟାକ୍‌ଚରିଂର ପ୍ରମୁଖ ଲାଭ

- ଲିନ୍, ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ପ୍ରକ୍ରିୟା ଅଟେ ଯାହା ଉତ୍ପାଦନରେ ବର୍ଜ୍ୟକୁ ହ୍ରାସ କରି ଉଦ୍ୟୋଗକୁ ପ୍ରତିସ୍ୱର୍ଦ୍ଧାତ୍ମକ ଓ ଲାଭକାରୀ କରିଥାଏ
- ଏମ୍‌ଏସ୍‌ଏମ୍‌ଇର ଉତ୍ପାଦକତା, ଗୁଣବତ୍ତା ଓ ସୁରକ୍ଷା ବୃଦ୍ଧିର ସୁଯୋଗ ପ୍ରଦାନ କରିଥାଏ।
- ରାଷ୍ଟ୍ରୀୟ ଓ ବୈଶ୍ୱିକ ବଜାରରେ ପ୍ରତିସ୍ୱର୍ଦ୍ଧାତ୍ମକତା ବୃଦ୍ଧି କରିଥାଏ
- ସ୍ଥାନ ତଥା ପ୍ରାକୃତିକ ସଂଶାଧନ ଭଳି ଜଳ, ଉର୍ଜା ଓ ଅଶୋଧିତ ସାମଗ୍ରୀର ସମ୍ୟକ ଉପଯୋଗରେ ସହାୟକ ହୋଇଥାଏ
- ବିନିର୍ମାଣ ଚକ୍ର, ଅସ୍ୱୀକୃତି ଦର ଓ ଉତ୍ପାଦନ ଖର୍ଚ୍ଚରେ ହ୍ରାସ କରିଥାଏ

ସ୍କିମ୍ ଲେଭୁଲ

ପଞ୍ଜିକୃତ କରିବା ଓ ଲିନ୍ ପ୍ରତିଶ୍ରୁତି ନେବା ପରେ ଏହି ସ୍କିମ୍‌କୁ ତିନୋଟି ସ୍ତରରେ ପ୍ରାପ୍ତ କରାଯାଇପାରିବ

| ଲେଭୁଲ୍-୧ | ଲେଭୁଲ୍-୨ | ଲେଭୁଲ୍-୩ |
|---|---|---|
| ବେସିକ୍ (୨ ମାସ) | ଇଣ୍ଟରମିଡିଏଟ୍ (୬ ମାସ) | ଆଡଭାନ୍ସଡ୍ (୧୨ ମାସ) |

ଲିନ୍ ପାଇଁ ଯୋଗ୍ୟତା ମାନଦଣ୍ଡ

ଉଦ୍ୟୋଗ ପଞ୍ଜିକୃତ ଏମ୍‌ଏସ୍‌ଏମ୍‌ଇ (ମାନୁଫାକ୍‌ଚରିଂ)

ପ୍ରୋତ୍ସାହନ

- ୯୦% ସବ୍‌ସିଡି, ଏମ୍‌ଏସ୍‌ଏମ୍‌ଇ ପାଇଁ କାର୍ଯ୍ୟାନ୍ୱୟନ ଖର୍ଚ୍ଚ
- ୫% ଅତିରିକ୍ତ ଭାରତ ସରକାରଙ୍କ ଅଂଶଦାନ ଯଦି ଏମ୍‌ଏସ୍‌ଏମ୍‌ଇ ନିମ୍ନଲିଖିତ ମାଧ୍ୟମରେ ପଞ୍ଜିକରଣ କରିଥିବେ
  - ଉଦ୍ୟୋଗ ସଂଘ/ଓଇଏମ୍
  - ସ୍ଫୁର୍ତ୍ତି କ୍ଲଷ୍ଟର
  - ମହିଳା, ଅନୁସୂଚିତ ଜାତି/ଅନୁସୂଚିତ ଜନଜାତିର ସମନ୍ୱିତ ଥିବା ୟୁନିଟ୍
  - ଏନ୍‌ଇଆର୍ ସ୍ଥିତ

ୱେବ୍‌ସାଇଟ୍ ପାଇଁ ସ୍କାନ୍ କରନ୍ତୁ

ଅଧିକ ଜାଣିବା ପାଇଁ ଲଗ୍ ଅନ୍ କରନ୍ତୁ lean.msme.gov.in

#LeanHaiYakeenHai

CBC 05205/15/0002/2324

# ରାଜ୍ୟ ଖବର





କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ପଟାଙ୍ଗି ପୋଲିସ ୨୬ନଂ ଜାତୀୟ ରାଜପଥର ରାଜୁଗୁଡା ଗ୍ରାମ ଛକଠାରେ କାର୍ ସହ ୧୩୧ କେଜି ଗଞ୍ଜେ ଜବତ କରିବାରେ ସଫଳ ହୋଇଛି । ଏଥି ସହିତ ଘଟଣାରେ ସଂପୃକ୍ତ ବିହାର ରାଜ୍ୟ ସିବାନ ଜିଲ୍ଲାର ରାମପୁର ରିତ କୁମାର ମିଶ୍ର (୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି କୈବଲ୍ୟ ସେଠ୍ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ପଟାଙ୍ଗି ପୋଲିସ ଏକ ଟିମ୍ ଯୋଡିମାଦେଲି ଗ୍ରାମ ରାସ୍ତାରେ ରାତ୍ରକାଳୀନ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ ଏକ କାର୍ (ୟୁପି ୧୪ ଡିଜେ ୩୨୫୩) ରେ ଗଞ୍ଜେ ଚୋରାଚାଲାଣ ହେଉଅଛି । ଏହାପରେ ପୋଲିସ ଟିମ୍ ରାଜୁଗୁଡା ଛକ ନିକଟରେ ପହଂଚି ନାକାବନ୍ଦି କରିଥିଲେ। ଏହି ସମୟରେ ପଟାଙ୍ଗି ଆଡୁ ଆସୁଥିବା ଏକ କାର୍ ପୋଲିସକୁ ଦେଖି କିଛି ଦୂରରେ ଅଟକିଥିଲା। ପରେ କାରରେ ଥିବା ଜଣେ ଯୁବକ ଗାଡିରୁ ଓହ୍ଲାଇ ଫେରାର ହେବାକୁ ଉଦ୍ୟମ କରୁଥିଲା । ତେବେ ପୋଲିସ ଟିମ ଉକ୍ତ ଯୁବକକୁ କାବୁ କରିବା ସହ କାରଟିକୁ ଯାଂଚ କରିଥିଲେ। କାରରେ ଏକ ଚାମ୍ପର କରି ସେଥିରେ ୬ଟି ପଲିଥିନ ବ୍ୟାଗରେ ଗଞ୍ଜେ ରହିଥିବା ଜଣାପଡିଥିଲା। ଉକ୍ତ ଗଞ୍ଜେ ଜବତ କରିବା ସହିତ ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ବିହାର ରାଜ୍ୟ ସିବାନ ଜିଲ୍ଲାର ରାମପୁର ରିତ କୁମାର ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି କୈବଲ୍ୟ ସେଠ୍ ସୂଚନା ଦେଇଛନ୍ତି।

# ମନରେଗା କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକରେ ମନରେଗା ଯୋଜନାରେ ବାରମ୍ବାର ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି । ଜବକାର୍ଡଧାରୀଙ୍କୁ ଉପେକ୍ଷା କରି ବ୍ଲକ୍‌ରେ ମେସିନ୍ ସହାୟତାରେ ଏନଆରଇଜିଏସ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏପରି ସ୍ଥିତିରେ ଗରିବ ଶ୍ରେଣୀର ଲୋକେ ଶ୍ରମ ପାଉନଥିବା ବେଳେ କେତେକ ସ୍ଥାନରେ କିଛି ବି କାର୍ଯ୍ୟ ନକରି ଠିକାଦାର ମାନେ ସରକାରୀ ଅଧିକାରୀମାନଙ୍କୁ ହାତ ବାରିସି କରି ମିଥ୍ୟା ବିଲ୍ କରିନେଉଥିବା ଅଭିଯୋଗମାନ ଆସୁଛି । ଏଥିସହିତ କେତେକ ସ୍ଥାନରେ ପୁରୁଣା ପୋଖରୀ ଓ ରାସ୍ତାଗୁଡ଼ିକର ସାମାନ୍ୟ କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରି ନେଉଥିବା ଅଭିଯୋଗ ହେଉଛି । ଏପରି ଘଟଣା ଦେଖିବାକୁ ମିଳିଛି ଏରସମା ବ୍ଲକ ସୋମପୁର ପଞ୍ଚାୟତ ରୋଗଲ ଅଣିଖିଆ ଗ୍ରାମରେ। ଅଣିଖିଆ ଗ୍ରାମର ବଡ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ମେସିନ୍ ସାହାଯ୍ୟରେ କରାଯାଉଛି । ଏହି ପୋଖରୀ ପୁନରୁଦ୍ଧାର କେବଳ ନାମକୁ ମାତ୍ର କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିବାର ଯୋଜନା ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି।ବିଷେଶ କରି ଦୀର୍ଘ ଚାରି ବର୍ଷ ହେବ ଆମ୍ବିକୀ ପଞ୍ଚାୟତ, ପଦ୍ମପୁର ପଞ୍ଚାୟତ, ସୋମପୁର ପଞ୍ଚାୟତ, ପୋଖରୀଆପଡା ପଞ୍ଚାୟତ, ବାଲିତୁଠ ପଞ୍ଚାୟତ, ଚଟୁଆ ପଞ୍ଚାୟତ, ବାମଦେଇପୁର ପଞ୍ଚାୟତ, ଭିତର ଅନ୍ଧାରୀ ପଞ୍ଚାୟତ, କୁଞ୍ଜକୋଠୀ ପଞ୍ଚାୟତ, କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ, ଜାନକାଦେଇପୁର ପଞ୍ଚାୟତ, ବଳେଇପୁର ପଞ୍ଚାୟତରେ ପୋଖରୀ ଖୋଳାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଥିବା ବେଳେ ଫଲ୍ସ ବିଲ୍ ହୋଇଥିବା ଅଭିଯୋଗ ହୋଇଛି। ଯଦି ଏହି ପଞ୍ଚାୟତର ଭିଜିଲାନ୍ସ ତଦନ୍ତ କରାଯିବ ତାହେଲେ ପ୍ରକୃତ ସତ୍ୟା ସତ୍ୟ ସମ୍ମାକୁ ଆସିବ ଏବଂ ପଞ୍ଚାୟତରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅସଲ ମୁଖା ଖୋଲିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ତୁରନ୍ତ ଏଭଳି କାର୍ଯ୍ୟକୁ ବନ୍ଦ କରିବା ପାଇଁ ପଞ୍ଚାୟତର ବୃଦ୍ଧିଜୀବିମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ତେବେ ଏହି ଅଭିଯୋଗକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

### ଖୁଲମଖୁଲା ମେସିନ୍‌ରେ ଚାଲିଛି ମନରେଗା କାର୍ଯ୍ୟ

# ଅଭିଯୋଗ ପରେ ବି ତଦନ୍ତ ହେଉନି



ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକରେ କ୍ରମାଗତ ଭାବେ ମନରେଗା ଯୋଜନାରେ ମେସିନ ଦ୍ୱାରା କାର୍ଯ୍ୟ ଜାରୀ ରହିଥିବା ବେଳେ ଶ୍ରମିକ କାର୍ଯ୍ୟ ଦର୍ଶାଇ ପ୍ରତେକ ପଞ୍ଚାୟତରେ କୋଟି କୋଟି ଟଙ୍କା ହରିଲୁଟ ହେଉଛି କିନ୍ତୁ ଅଭିଯୋଗ ପରେ ମଧ୍ୟ ପ୍ରଶାସନିକ ସ୍ତରରେ ତଦନ୍ତ ବଦଳରେ ଦୁର୍ନୀତିର ଗୁମର ଫାଇଲ ତଳେ ଅଟକି ରହୁଛି। ବର୍ତମାନ ଡ଼ାବୁଗାଁ ବ୍ଲକ ଭେଣ୍ଡି ମାଳ ଗ୍ରାମ ରେ ଟ୍ରେନସ୍? କାର୍ଯ୍ୟ ମେସିନ ଦ୍ୱାରା ହେଉଥିବା ଦେଖିବାକୁ ମିଳିଛି। ଡ଼ାବୁଗାଁ ବ୍ଲକ ଅଞ୍ଚଳ ପଂଚାୟତ ଭେଣ୍ଡିମାଳ ଗ୍ରାମର ଜାନି ସାହି ଠାରେ ଟ୍ରେଞ୍ଚ କାମ ମେସିନ ଦ୍ୱାରା ହୋଇଥିବା ଦେଖିବାକୁ ମିଳିଛି ତାହାର କୋଡ ନୋ ୧୦୫୫୮୯୯୪ ସୂଚନା ଫଳକରେ ଉଲ୍ଲେଖ ରହିଅଛି। ତାସହ ଫଳକ ଗୋଟାଏ ଯାଗାରେ ଥିବା ବେଳେ କାମ ଭେଣ୍ଡି ମାଳ ଛକ ଠାରୁ ହଳଦୀ ଗ୍ରାମକୁ କରଯାଇଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଅଞ୍ଚଳବାସୀ କାମ ଧନ୍ଦା ନ ପାଇ ବାହାର ରାଜ୍ୟ ଦାଦନ ଖଟିବାକୁ ଯାଉଛନ୍ତି। ଅପରକ୍ଷରେ କାର୍ଯ୍ୟ ସ୍ଥଳରେ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଦର୍ଶାଇବା ନିୟମ ରହିଥିବା ବେଳେ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଛି। କୋଉଠି ଫଳକ ରହିଛି ତ କୋଉଠି ଫଳକ ନଥିବା ଦେଖିବାକୁ ମିଳିଛି। ମେସିନ ଦ୍ୱାରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସରିବାକୁ ବସିଲାଣି। ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ତଦାରଖ ଅଭାବ ସହ ମନରେଗା ଯୋଜନା ନିୟମକୁ ଖୁଲମ୍ ଖୁଲା ଉଲଂଘନ କରିବା ଘଟଣାର ତଦନ୍ତ କରିବା ଆବଶ୍ୟକତା ରହିଛି।

## ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ

ମାଲକାନଗିରି, ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ କରି କୋଠା ନିର୍ମାଣ କରିଥିବା ଯୋଗୁଁ ମାଲକାନଗିରି ତହସିଲ ଅନ୍ତର୍ଗତ ଏମଭି-୪୨ ଗ୍ରାମର ପିୟୁସ୍ ବରାଳଙ୍କ କୋଠାକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି। ଏଣୁ ମାଲକାନଗିରି ତହସିଲଦାର ଶ୍ରୀ ସୟଦ ସବୀର ସାହ ଙ୍କ କାର୍ଯ୍ୟାନୁଷ୍ଠାନ କ୍ରମେ ପ୍ରଶାସନ ଓ ପୋଲିସ ପ୍ରଶାସନ ଙ୍କ ଉପସ୍ଥିତି ରେ ସରକାରୀ ଜାଗାରେ ନିର୍ମାଣ କରାଯାଇଥିବା କୋଠାକୁ ଭଙ୍ଗା ଯାଇଛି। ଏଥି ନିମନ୍ତେ ଉପ ଜିଲ୍ଲାପାଳ, ଡଃ ଅକ୍ଷୟ କୁମାର ଖେମୁଣ୍ଡୁ ମାଜିଷ୍ଟ୍ରେଟ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଅତିରିକ୍ତ ତହସିଲଦାର ଶ୍ରୀ ଜଗଦୀଶ କରତାମି ଉପସ୍ଥିତ ଥିଲେ। ସୂଚନା ଥାଉ କି ଏଥି ନିମନ୍ତେ ମାଲକାନଗିରି ତହସିଲ୍ କାର୍ଯ୍ୟାଳୟ ତରଫରୁ ଶ୍ରୀ ବରାଳ ଙ୍କୁ ତିରିଶ ଦିନିଆ ନୋଟିସ୍ ପ୍ରଦାନ କରାଯାଇଥିଲା। ନୋଟିସ୍ ସମୟ ଅତିକ୍ରମ ହୋଇ ଯାଇଥିଲେ ସୁଦ୍ଧା ସରକାରୀ ଜାଗାକୁ ଖାଲି କରା ଯାଇନଥିଲା। ତେଣୁ ସରକାରୀ ଜାଗାକୁ ଜବରଦଖଲ କରିଥିବାରୁ ଶୁକ୍ରବାର ଅର୍ଥାତ୍ ୨୩ ଜୁନ୍ରେ କୋଠାଟିକୁ ଭଙ୍ଗା ଯାଇଛି। ଏହି ଉଚ୍ଛେଦ ବେଳେ ଅନ୍ୟ ମାନଙ୍କ ମଧ୍ୟରେ ରାଜସ୍ୱ ପରିଦର୍ଶକ, ଶ୍ରୀ ରଣଦା ପ୍ରସାଦ ମଣ୍ଡଳ, ରାଜସ୍ୱ ନୀରିକ୍ଷକ, ଶ୍ରୀ ଶ୍ରୀନିବାସ ପଟ୍ଟନାୟକ ଏବଂ ତହସିଲ୍ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ବିଜେପି ପକ୍ଷରୁ କଳା ଦିବସ ପାଳନ



କୋରାପୁଟ, (ଭାସ୍କର ନ୍ୟୁଜ): ୧୯୭୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆପତକାଳ ଘୋଷଣା କରିଥିଲେ । ଏହାକୁ ଗଣତନ୍ତ୍ରର ହତ୍ୟା ଦର୍ଶାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି ପକ୍ଷରୁ କଳା ଦିବସ ଭାବରେ ପାଳନ କରାଯାଉଛି । କୋରାପୁଟ ବିଜେପି ପକ୍ଷରୁ ସ୍ଥାନିୟ ଟାଉନ ହଲଠାରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଛତିଶଗଡ ବିରୋଧୀ ଦଳ ନେତା ଧରମଲାଲ କୌଶିକ ଉପସ୍ଥିତ ଥିଲେ । ୧୯୭୫ ମସିହାରେ ଆପତକାଳୀନ ସମୟରେ ଲୋକତନ୍ତ୍ର କିପରି ହତ୍ୟା କରାଯାଇ ଏକଚଟିଆ ଶାସନ କରାଯାଇଥିଲା ସେ ବିଷୟରେ ଶ୍ରୀକୌଶିକ ବଖାଣିଥିଲେ । ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଲାଗୁ କରି ଦେଶରେ ମତଦାନ ନିଷିଦ୍ଧ, ଜନତାଙ୍କ ସ୍ୱାଧୀନତା କ୍ଷୁଣ୍ଣ ଓ ଗଣମାଧ୍ୟମ ସ୍ୱରକୁ ସଙ୍କୁଚିତ କରିଥିଲେ ବୋଲି କୌଶିକ କହିଛନ୍ତି। ଏଥିସହ ଏକଚାଟିଆ ଭାବେ ମନ୍ତ୍ରିମଣ୍ଡଳ ପରିଚାଳନା ଏହାର ଉଦାହରଣ ଥିଲା ବୋଲି କୌଶିକି କହିଛନ୍ତି । କାର୍ଯ୍ୟକ୍ରମରେ ଦଳୀୟ ନେତା ସୟ ପାଣ୍ଡେ, ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସଂପାଦକ କାଳୀରାମ ମାଝୀ, ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ, ପୂର୍ଣ୍ଣିମା ନାୟକ, ବିଜୟ ମିଶ୍ର, ଦେବେନ୍ଦ୍ର ମହାନ୍ତି, ସବିତା ପ୍ରଧାନ, ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ବିପଦ ଭଞ୍ଜନ ଦାସ, ରାଜ୍ୟ ଏସସି ମୋର୍ଚ୍ଚା ସଂପାଦକ ଜି.ସିବ କୁମାର ଓ ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥଲେ । ଏହି ଅବସରରେ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀର ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଂଯୁକ୍ତ ମୋର୍ଚ୍ଚା ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ଶ୍ରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାଷଣ ଦେଉଥିବା ବେଳେ ବିଜୁଳି କାଟି ଯାଇଥିଲା । ଫଳରେ ସଭାଗୃହଟି ଅନ୍ଧାର ହୋଇଯାଇଥିଲା । ଏହା ସତ୍ତ୍ୱେ ମୁଖ୍ୟ ଅତିଥି ଅନ୍ଧାରରେ ଭାଷଣ ଦେଇଥିଲେ । ପରେ ଉପସ୍ଥିତ ନେତାଙ୍କ ମୋବାଇଲ ଲାଇଟିରେ କାର୍ଯ୍ୟକ୍ରମ ଚାଲିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ବର୍ଷର ଶାସନ କାଳରେ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସଂପର୍କରେ ଲୋକଙ୍କୁ ଜଣାଇବାକୁ ଉପସ୍ଥିତ ନେତା ଓ କର୍ମୀଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରୀଣି ସଦସ୍ୟ ଉମେଶ ଖୋସଲା, ଜିଲ୍ଲା ଏସସି ସଭାପତି ଟଙ୍କଧର ବିଶୋଇ, ଜିଲ୍ଲା ଅଳ୍ପସଂଖ୍ୟକ ମୋର୍ଚ୍ଚା ସଭାପତି ମଙ୍ଗଳ ମଣି ତୁରୁକ୍, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ସବିତା ପ୍ରଧାନ ଓ ଲୋକସଭା ବିସ୍ତାରକ ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୋଦିଙ୍କ ଶାସନ କାଳରେ ବିଭିନ୍ନ ମୋର୍ଚ୍ଚା ନିମନ୍ତେ କରାଯାଇଥିବା କାର୍ଯ୍ୟ ସଂପର୍କରେ ନେତାମାନେ ଆଲୋକପାତ କରିଥିଲେ । ଜିଲ୍ଲା ବିଜେପି ସାଧାରଣ ସଂପାଦକ ଦେବେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋରାପୁଟ ନଗର ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମୁଖ୍ୟଅତିଥି ଏଠାରେ ପହଂଚିବା ପରେ ଜିଲ୍ଲା ସଭାପିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥଲେ । ଜିଲ୍ଲା ସଭାପତିଙ୍କ ଠାରୁ ଆରମ୍ଭ କରି ବିଜେପି ନେତାମାନେ ମୁଖ୍ୟ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## କାଳଞ୍ଜି ସମାଜ ପ୍ରତିଭା ସମ୍ମାନ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି ବୈଠକ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସମାଜର କୃତୀ ଛାତ୍ର, ଛାତ୍ରୀ ଯେଉଁମାନେକି ଚଳିତ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ଶତକଡା ୮୦%ନମ୍ବର ରଖି କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଂକୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତି କରାଗଲା। କେନ୍ଦ୍ର ପରିଷଦ ସଭାପତି ସନ୍ତୋଷ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନୀଳାଞ୍ଚଳ ପୋଲେଇ, କୋଷାଧକ୍ଷ ବିଭୁତି ଭୂଷଣ ଜେନା, ମୁଖ୍ୟ ସଂଗଠକ ସତ୍ୟ ନାରାୟଣ ସ୍ୱାଇଁ, ଉପ ସଭାପତି ବୃନ୍ଦାବନ ଖଟେଇ, ସଂଗଠନ ସମ୍ପାଦକ ଅନ୍ତର୍ଯ୍ୟାମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିବାସହ କିଛି ଅଞ୍ଚଳ କର୍ମକର୍ତା ମଧ୍ୟ ଯୋଗଦେଇଥିଲେ। ଉକ୍ତ ପ୍ରତିଭା ସଂମାନ କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖ ଜୁଲାଇ ୨୦୨୩ ପୂର୍ବାହ୍ନ ୧୦ ଘଣ୍ଟ ସମୟ ରେ 'ବିଜୁ ସ୍ମୃତି ଭବନ'ସାଗର ବନ୍ଧ, ସୋରଡ଼ା ଠାରେ ମାନ୍ୟବର ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ଆବାହକ ରେ ଅନୁଷ୍ଠିତ ହେବ। ପ୍ରତି ଅଂଚଳ ର କୃତୀ ଛାତ୍ରଛାତ୍ରୀ ମାନେ ଯେପରି ଯୋଗଦେବେ ସେଥିପାଇଁ ପ୍ରତିସ୍ତର ର କର୍ମକର୍ତା ମାନେ ନିଷ୍ଠାର ସହ ଦାୟିତ୍ୱ ନେବା ପାଇଁ ନିଷ୍ପତ୍ତି କରାଯାଇଥିଲା। ଏଥିରେ ମୁଖ୍ୟ ସଂଗଠକ ସତ୍ୟ ନାରାୟଣ ସ୍ୱାଇଁ ଙ୍କ ତରଫରୁ ଭାଗ୍ୟଶାଳୀ ବିଜେତା ପୁରସ୍କାର ପ୍ରଦାନ କରାଯିବ। ଅତିଥି ଭାବେ ମାନ୍ୟବର ସାଂସଦ ପ୍ରମିଳା ବିଷୋୟୀ, ବିଧାୟକ ପୂର୍ଣଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଓଆସ୍କା ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ ଯୋଗଦେବା ପାଇଁ ସଂମତି ପ୍ରଦାନ କରିଥିବା ସଭାପତି କହିଥିଲେ ଏଥିସହ କଇଣ୍ଡି ଆଞ୍ଚଳିକ ପରିଷଦର ପୂର୍ବତନ ସଭାପତି ସ୍ୱର୍ଗତ ସୁବାସ ଚନ୍ଦ୍ର ସ୍ୱାଇଁ, ବନ୍ଥପଲ୍ଲୀ ଆଞ୍ଚଳିକ ପରିଷଦର ପୂର୍ବତନ ସଭାପତି ଶ୍ୟାମସୁନ୍ଦର ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବା ପାଇଁ ସ୍ଥିର କରାଗଲା। ଶେଷରେ ଜଗବନ୍ଧୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଘେରି ମାଫିଆଙ୍କ କବ୍‌ଜାରେ ପାଣି ନିଷ୍କାସନ ପଥ



ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅଧୀନ ମାହାଙ୍ଗା ନଈର ପାଣି ନିଷ୍କାସନ ବାଟ ଏବେ ଘେରି ମାଫିଆଙ୍କ କବଜାରେ। ଜବରଦଖଲ ଘେରି ଉଠା ନଗଲେ ଉଦବୃତ୍ତ ବର୍ଷା ପାଣି ନିଷ୍କାସନରେ ବାଧା ସୃଷ୍ଟି ହେବ ଫଳରେ ମାହାଙ୍ଗା ନଦୀର ଉଭୟ ପାର୍ଶ୍ୱରେ ଥିବା ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେବ। ତହସିଲ କର୍ତ୍ତୃପକ୍ଷ ତୁରନ୍ତ ଘେରିକୁ ଉଚ୍ଛେଦ କରିବାକୁ ନୂଆଗାଁ ମହାବୀର କୃଷକ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହୋଇଛି। ଏରସମାର ଗଡକୁଜଙ୍ଗ ପଞ୍ଚାୟତ ନୋଳିଆ ସାହି ଉପକଣ୍ଠରେ ପ୍ରବାହିତ ହେଉଥିବା ଜଟାଧାର ମୁହାଣ ପୂର୍ବ ଉପକୂଳର ବଙ୍ଗୋପସାଗର ଓ ହଂସୁଆ ନଦୀ, ମାହାଙ୍ଗା ନଦୀ, ସନ୍ତରା ନଦୀ, ହାଡୁଆ ନଦୀ, ବାଲିଆ ମରା ନଦୀ, ସଫେଇ ଧାର ଆଦି ଅନେକ ନଦୀ ଜୋର ଜଟାଧାର ମୁହାଣ ସହିତ ମିଶିଛି। ଏହି ନଦୀ ମାନଙ୍କରେ ପ୍ରତିଦିନ ଜୁଆର ଓ ଭଟ୍ଟା ହେଉଥିବାରୁ ନଦୀ ପଥ ପରିଷ୍କାର ଥାଏ। ମାତ୍ର ମାହାଙ୍ଗା ନଈରେ ପଚାଶରୁ ଅଧିକ ଚାଞ୍ଚେରା ଘେରି ନିର୍ମାଣ କରାଯାଇ ବର୍ଷା ପାଣି ନିଷ୍କାସନ ପଥକୁ ଅବରୋଧ କରାଯାଇଛି। ଏମିତି ସ୍ଥିତିରେ ଘେରି ମାଫିଆ ମାନେ ଲାଭବାନ ହେଉଥିବା ବେଳେ ଚାଷୀ ଜଳ ନିଷ୍କାସନ ଚିନ୍ତାରେ ଘାଣ୍ଟି ହେଉଛନ୍ତି। ପ୍ରତିବର୍ଷ ଏରସମା ତହସିଲଦାରଙ୍କ ଦ୍ୱାରା ବର୍ଷା ଦିନ ପୂର୍ବରୁ ଏହି ଚାଞ୍ଚେରା ଘେରି ଉଚ୍ଛେଦ କରାଯାଇଥାଏ। ଚାଞ୍ଚେରା ଘେରି ଉଚ୍ଛେଦର ମାସେ ଦୁଇ ମାସ ମଧ୍ୟରେ ପୁଣି ଘେରି ମାଫିଆମାନେ ନଦୀ ପଠାକୁ ନିଜ କବଜାକୁ ନେଇଯାଇଥାନ୍ତି। ମାହାଙ୍ଗା ନଦୀର ଉଭୟ ପାର୍ଶ୍ୱରେ କୋଡିଏ ଖଣ୍ଡି ମୌଜାର ହଜାର ହଜାର ଚାଷଜମି ରହିଛି। ଜଳସେଚନ ଅଭାବରୁ ଏହି ଜମିରେ ଏକଫସଲି ଧାନ ଚାଷ କରାଯାଏ। ମାତ୍ର ଉପକୂଳ ନୂଆଗାଁ, ଢ଼ିଙ୍କିଆ ଓ ଗଡ଼କୁଜଙ୍ଗର କିଛି ଚାଷ ଜମିରେ ଖରାଦିନିଆ ଡାଲୁଅ ଧାନ ଚାଷ କରାଯାଏ। ଚଳିତ ବର୍ଷ ବର୍ଷା ଦିନିଆ ଧାନ ଚାଷ ପାଇଁ ମାହାଙ୍ଗା ନଦୀର ଉଭୟ ପାର୍ଶ୍ୱରେ ହଳ ବୁଲା ସହିତ ବୁଆ ଧାନ ପଡିସାରିଛି।ଏବେ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ମାତ୍ର ମାହାଙ୍ଗା ନଦୀ ପଥରୁ ଜବରଦଖଲ ଘେରି ଉଠା ନଗଲେ ଉଦବୃତ୍ତ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ। ଫଳରେ ମାହାଙ୍ଗା ନଦୀର ଉଭୟ ପାର୍ଶ୍ୱରେ ଥିବା ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେବ ।ବିଳମ୍ବ ହେଉ ପଛେ ଏରସମା ତହସିଲଦାର ତୁରନ୍ତ ଉଚ୍ଛେଦ କରିବାକୁ ନୂଆଗାଁ ମହାବୀର କୃଷକ ସୁରକ୍ଷା ମଞ୍ଚର ସଭାପତି ଦୁର୍ଯ୍ୟୋଧନ ପ୍ରଧାନ, କମ୍ରେଡ଼ ବାସୁଦେବ ଖଣ୍ଡୁଆଳ ପ୍ରମୁଖ ଦୃଢ ଦାବି କରିଛନ୍ତି।

## ମା ଓ ଶିଶୁ କନ୍ୟାର ମୃତ୍ୟୁକୁ ନେଇ ଭିନ୍ନଭିନ୍ନ ଅଭିଯୋଗ

ଆସିକା, (ଭାସ୍କର ନ୍ୟୁଜ୍): ବିଷ କ୍ରିୟାରେ ଅଚେତ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ କୁ ସ୍ଥାନାନ୍ତର ହେଉଥିବା ବେଳେ ୨୧ ବର୍ଷୀୟା ଆରତୀ ବିଷୋୟୀ ଆସିକା ନିକଟରେ ମୃତ୍ୟୁ ହୋଇଯାଇଛି। ଆସିକା ମେଡିକାଲ ରେ ତାଙ୍କ ଶବ ରଖି ବ୍ୟବଚ୍ଛେଦ ପାଇଁ ବୁଗୁଡା ପୋଲିସ ପହଞ୍ଚି ଥିବା ବେଳେ ପରିବାର ଲୋକଙ୍କୁ ଏନେଇ ସୂଚନା ଦେଇଛନ୍ତି। ଅନ୍ୟ ପଟେ ଦେଢ଼ ବର୍ଷର ଶିଶୁ ମାଁ ସହ ଗୁରୁତର ହୋଇ ଭଞ୍ଜନଗର ମେଡିକାଲ ରେ ମୃତ୍ୟୁ ହୋଇଛି। ଝିଅର ସବ ପଡିଛି ଭଞ୍ଜନଗର ରେ ଆଉ ମାଁ ର ଶବ ପଡିଛି ଆସିକା ରେ । ଏହି ଘଟଣା ନେଇ ମହିଳାଙ୍କ ସ୍ୱାମୀ ଉଭୟଙ୍କ ଭିତରେ କୌଣସି କଳହ କି ଅଶାନ୍ତି ନଥିବା କହୁଥିବା ବେଳେ ଅନ୍ୟ ମୃତକଙ୍କ ବାପା ଘର ପକ୍ଷରୁ ଶାଶୁଘର ଲୋକେ ତାଙ୍କୁ ବିଷ ଦେଇ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ଗଞ୍ଜାମ ଜିଲ୍ଲା ବାଲିପଦର ଫାଣ୍ଡି ଅଧିନସ୍ତ ପୋଚାଲୁଣ୍ଡି ଗାଁର ଆସିଛି ଏଭଳି ଅଘଟଣ। କୃଷ୍ଣଚନ୍ଦ୍ର ବିଷୋୟୀ ଙ୍କ ସ୍ତ୍ରୀ ଆରତୀ ବିଷୋୟୀ ଓ ଦେଢ଼ ବର୍ଷର ଶିଶୁ କନ୍ୟା ଦୀସାଙ୍କିତା ବିଷୋୟୀ ଙ୍କ ମୃତ୍ୟୁ ହୋଇଛି। ଯାହାକୁ ନେଇ ଗ୍ରାମ ରେ ଭିନ୍ନ ଭିନ୍ନ ମତ ରହୁଛି। ଏହା ପାରିବାରିକ କଳହରୁ ନା ଅସାନ୍ତି ଯୋଗୁଁ ମା ନିଜେ ବିଷପାନ କରିବା ସହିତ ନିଜ ଶିଶୁ କନ୍ୟା କୁ ବିଷ ପିଆଇ ଆତ୍ମହତ୍ୟା କରିଛି। ନା ତାଙ୍କୁ ଶାଶୁ ଘର ଲୋକ ମାରି ଆତ୍ମହତ୍ୟା ରୂପ ଦେଉଛନ୍ତି ତାହା ଏବେ ପୋଲିସ ତଦନ୍ତ ପରିସରରେ ରହିଛି। ପୋଲିସ ଆସିକା ମେଡିକାଲ ରେ ପହଂଚି ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ କୁ ଅପେକ୍ଷା କରିଛି। ଏପଟେ ଖବର ସଂଗ୍ରହ ଶେଷ ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନି।

## ବିଶ୍ୱ ନିଶା ନିବାରଣ ଦିବସ ପାଳିତ

ମାଲକାନଗିରି, ମାଲକାନଗିରି ଜିଲ୍ଲାରେ ଆନ୍ତର୍ଜାତିକ ନିଶ୍ଚେତକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ପାଳନ କରାଯାଇଅଛି। ଏହି ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଏବଂ ଅବକାରୀ ବିଭାଗ ର ମିଳିତ ଆନୁକୁଲ୍ୟରେ ଜିଲ୍ଲା ସଦରମହକୁମା ଠାରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଉଦ୍ଘାଟନ କରିଥିଲେ। ଏଥି ସହ, ଦଣ୍ଡକାରଣ୍ୟ ଖେଳପଡ଼ିଆ ଠାରେ ଏକ ଶପଥ ଗ୍ରହଣ କାର୍ଯକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଯୋଗ ଦେଇ ଶପଥ ପାଠ କରାଇଥିଲେ । ଯୁବପିଢୀ, ରାଷ୍ଟ୍ରର ଶକ୍ତି ଏବଂ ସମାଜ ଓ ଦେଶର ବିକାଶରେ ଯୁବଶକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ନିଶାମୁକ୍ତ ଭାରତ ଅଭିଯାନରେ ଅଧିକରୁ ଅଧିକ ଯୁବକଯୁବତୀ ସାମିଲ ହେବା ଅତ୍ୟନ୍ତ ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଏହି ଅବସରରେ କହିଥିଲେ । ସୂଚନା ଥାଉ କି, ଆନ୍ତର୍ଜାତିକ ନିଶ୍ଚେତକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ପ୍ରତିବର୍ଷ ୨୬ ଜୁନ୍ ରେ ନିଶା ମୁକ୍ତ ବିଶ୍ୱ ଗଠନ ନିମନ୍ତେ ପାଳନ କରାଯାଇଥାଏ।

# ସହିଦ ଦିବସ ପାଳିତ

ରାଇଘର, (ଭାସ୍କର ନ୍ୟୁଜ୍): ରାଇଘର ବିଜୁ ଜନତା ଦଳ ତରଫରୁ କୁମୁଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯାମଦୋରା ଠାରେ ଶ୍ରୀ ବନସିଂ ଗଣ୍ଡ ଓ ଶ୍ରୀ ଆଇତୁୱାରୀ ରାଉତଙ୍କ ୨୩ତମ ସହିଦ ଦିବସ ପାଳିତ ହୋଇଯାଇଛି। ସହିଦ ସ୍ତମ୍ଭରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଉଦେଶ୍ୟରେ କିଛି ସମୟ ସ୍ମୃତିଗାନ କରିଥିଲେ। ପ୍ରକାଶ ଥାଉ କି ଗତ ୨୦୦୦ ମସିହାରେ ଜମି ଜମାକୁ କେନ୍ଦ୍ର କରି ବଙ୍ଗାଳି ଓ ଆଦିବାସୀ ଙ୍କ ମଧ୍ୟ ରେ ଗଣ୍ଡ ଗୋଳ ର ସୂତ୍ରପାତ ହୋଇଥଲା। ଓ ସେହି ସମୟରେ ଏହି ଦୁଇ ଜଣ ଙ୍କ ପ୍ରାନହାନି ଘଟିଥିବା। ଏହି ସହିଦ୍ ଦିବସରେ ଅତିଥିଭାବେ ବିଜୁ କେବିକେ ଉପଦେଷ୍ଟା ଡବ୍ଲୁ ଗଣ୍ଡ,ନବରଙ୍ଗପୁର ଜ଼ିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ,ବ୍ଲକ ବିଜେଡି ସଭାପତି ରାଇସିଂ ଗଣ୍ଡ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ବ୍ଲକ ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ୧ନମ୍ବର ଜ଼ିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାଥ ଗଣ୍ଡ, ୪ନମ୍ବର ଜ଼ିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ, ବରିଷ୍ଠ ବିଜେଡି ନେତା ରଘୁନାଥ ଗଣ୍ଡ, ସାଲିକ ଗଣ୍ଡ, ଫୁଲସିଂ ଗଣ୍ଡ, ଜୟଦେବ ପୂଜାରୀ, ଶଙ୍କର ବର୍ମା, କୃଷ୍ଣ ଗଣ୍ଡ, କାଳିଆ ଗଣ୍ଡ, ଖୁଡୁକ ସରପଞ୍ଚ ଦୟାନନ୍ଦ ଗଣ୍ଡ, ଦେବାଗାଁ ସରପଞ୍ଚ ଚରଣ ଗଣ୍ଡ, ପାରୁଆ ସରପଞ୍ଚ, ପ୍ରଣବ ଭୂୟାଁ, ସୁରେଶ ଭାରତି, ମୁନା ପାତ୍ର, ଜୋନ ସଭାପତି ପ୍ରେମଲାଲ ଗଣ୍ଡ, ଗୋନା ସମିତି ସଭ୍ୟ କୁଅଁର ଗଣ୍ଡ, ରୂପସିଂ ଗଣ୍ଡ, ଫୁଲସିଂ ଗଣ୍ଡ, ତୁଳସୀ ଗଣ୍ଡ, ଚରଣ ଗଣ୍ଡ, ଗଣେଶ କୁମ୍ଭାର, ଅଶୋକ ହରିଜନ, ରିଙ୍କୁ ମିଶ୍ର, ଦିଲ୍ଲୀପ ପାତ୍ର, ଓମପ୍ରକାଶ ଗଣ୍ଡ, ଗୋଦାସ ଗଣ୍ଡ, ସଞ୍ଜୟ ନାୟକ, ରାମଦାସ ଗଣ୍ଡ, ଜୟଦେବ ପୂଜାରୀ, ପ୍ରେମା ଖମାରୀ, ମାନ ଦିଦି, ଲକ୍ଷ୍ମୀ ସୁନାନୀ, ତଥା ବିଜେଡିର ବରିଷ୍ଠ ଯୁବ-ଛାତ୍ର ଓ ମହିଳା ଙ୍ଗସଭଶ ର ସମସ୍ତ କାର୍ଯ୍ୟାକର୍ତ୍ତା ଉପସ୍ଥିତ ରହିଥିଲେ।

# ଆଗାମୀ ସାଧାରଣ ନିର୍ବାଚନକୁ ନେଇ ଲକ୍ଷ୍ମୀପୁରରେ ସରଗରମ ରାଜନୀତି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳିରେ କେଉଁ ଦଳ କାହାକୁ ଟିକଟ୍ ଦେବ,କିଏ ପ୍ରାର୍ଥୀ ହେଲେ ଦଳ ଲାଭରେ ରହିବ ତାକୁ ନେଇ ଏବେ ଚା ଖଟିରେ ଆଲଚନା ଯୋର ସୋର ଚାଲିଛି ।କିଛି ସରକାରି କର୍ମଚାରି ନିଜ ନିଜ କର୍ମ ଛାଡି ଏବେ ରାଜନିତିରେ ପାଦ ଥାପିବା ଆରମ୍ଭ ଜରିଥିବା ଜଣା ପଡିଛି। ଜାହାକକୁ ନେଇ ଏଠାକାର ରାଜନିତି ପୁରା ସରଗରମ ହୋଇ ଉଠିଥିବା ଦେଖିବାକୁ ମିଳିଛି ।ସେମାନେ ନିଜ କର୍ମଛାଡି ଏବସ ରାଜନିତି ଆଡେ ଅଧିକ ଧଚୟାନ ଦେଉଥିବା ବେଳେ ସବୁ କିଛି ଜାଣିବି ପ୍ରସାସନ ଚୁପ ବସିଛି ।ଏହାର ମୁଖ୍ୟ କାରଣ କିଛି ସରକାରି କର୍ମଚାରି ମଧ୍ୟ ନିଜର ଦାଇତ୍ୱ ତୁଲାଇବା ବଦଳରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳିରେ ବିଧାୟକ ପ୍ରାର୍ଥି ପାଇଁ ଆଶାଇ ଥିବା ଜଣା ପଡିଛି ।ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳି ପାଇଁ ଟିକେଟ୍ ପାଇବା ମୋହ ଏଠି ବଢିବାରେ ଲାଗିଛି ।ବିଜେଡି ଦଳକର ଟିକଟ୍ ପାଇବା ଲାଇନରେ କିଛି ଶିକ୍ଷକ ଥିବା ବେଳେ ସେମାନେ ବିଦ୍ୟାଳୟକୁ ନଜାଇ ଲୋକଙ୍କ ବିଶ୍ୱାସ ଭାଜନ ହେବାକୁ ଏବେ ଠାରୁ ଦୁର୍ଗମ ଅଞ୍ଚଳ ବୁଲି ପଇସା ଖର୍ଚ୍ଚ କରିବାରେ ଲାଗି ପଡିଛନ୍ତି। କ୍ରିକେଟ୍ ଖେଳ ଠୁ ଆରମ୍ଭ କରି ଜାନି ଯାତ୍ରା ଭଳି ପ୍ରତ୍ୟେକ କାର୍ଯ୍ୟକ୍ରମରେ ମଧ ଯୋଗ ଦେଉଛନ୍ତି ।ଖାଲି ସେତିକି ନୁହଁ ଥାନା କୋଟ୍ କଚେରି ଆଗରେ ମଧ ସେମାନଙ୍କୁ ଦେଖିବାକୁ ମଜଲୁଛି ।ହେଲେ ରାଜନିତୀର ପସା ପାଲି ଖେଳ କାହାକୁ ଉପରକୁ ଉଠାଇବ କାହାକୁ ତଳକୁ ଖସାଇବ ସେ ପାଠ କାହା ପାଖରେ ନାହିଁ। ଖାସ କରି ଏଠି ବିଜେଡି ଓ କଂଗ୍ରେସ ଦଳ ମଧ୍ୟରେ କଡା ଟକର୍ ହେବାକୁ ଯାଉଥିବା ବେଳେ ବିଜେଡି ଦଳରେ ଏବେ ଅଗା ବଗା ଖଗା ସମ୍ପିଙ୍କ ଲମ୍ବା ଲାଇନ୍ ଲାଗିଥିବା ଦେଖା ଦେଖିବାକୁ ମିଳୁଛି ।ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳି ଆଗରୁ ଲଗାତାର କଂଗ୍ରେସ ଦଳ ଅଧିନରେ ଥିବା ବେଳେ ସେଥିରେ ଟିକେ ପରିବର୍ତ୍ତନ ଦେଖା ଦେଇଛି ।ବର୍ତମାନ କୌଣସି ଦଳ ଏଠି ଲଗାତାର ଦ୍ୱିତିୟ ଥର ବିଜୟ ଲାଭ କରିନି ।ଏଥରକ କିନ୍ତୁ ନବୀନ ବାବୁଙ୍କ ଭାବ ମୁର୍ତ୍ତି,ଲୋକଆଭିମୁଖି ବିଭିନ୍ନ ଯୋଜନାକୁ ନେଇ ବିଜେଡି ଦଳ ଦ୍ୱିତୀୟ ଥର ବାଜି ମାତ୍ କରିବ ବୋଲି ଚର୍ଚ୍ଚାଇ ଯୋରଦାର ଚାଲିଛି ।ହେଲେ ଏହା ମଧ୍ୟରେ ବିଧାୟକ ପ୍ରାର୍ଥୀବି ସେମିତି ହେଇଥିବା ଦରକାର, ନଚେତ ବାର ବର୍ଷର ତପସ୍ୟା ସୁଖୁଆ ପଡାରେ ଜିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। କଂଗ୍ରେସ ଦଳ ଛାଡି ବିଜେଡିରେ ଯୋଗ ଦେଇଥିବା ବର୍ତ୍ତମାନର ରାଜ୍ୟ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର କୁଳେସିକା ଏଠାକାର ଲୋକଙ୍କ ପାଇଁ ସବୁଠୁ ଉଚ୍ଚିତ ପ୍ରାର୍ଥି ବୋଲି ସୁଣିବାକୁ ମିଳିଛି ।କୈଳାସ ଚନ୍ଦ୍ର କୁଳେସିକା କଂଗ୍ରେସ ଦଳରେ ୨୦୧୪ ମସିହାରେ ବିଜେଡି ଦଳର ହେମା ଗମାଙ୍ଗଙ୍କୁ ବିପୁଳ ପରିମାଣ ଭୋଟରେ ହରାଇ ବିଜୟ ଲାଭ କରିଥିଲେ ।ହେଲେ ୨୦୧୯ରେ କିନ୍ତୁ ମାତ୍ର ୧୧୨ଟି ଭୋଟରେ ପରାଜିତ ହୋଇଥିଲେ ।ଲୋକ ସମ୍ପର୍କ,ପରଉପକାରୀ ଭାବେ ସେ ନିର୍ବାଚନ ମଣ୍ଡଳିରେ ବେସ ପରିଚିତ ଥିବା ବେଳେ ତାଙ୍କ ସମର୍ଥିତ ବ୍ଲକ ଅଧକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି ।ବର୍ତ୍ତମାନର ବିଧାୟକ ଲକ୍ଷ୍ମୀପୁର ବ୍ଲକରେ କମ ଭୋଟ ପାଇଥିବାରୁ ସେ ରାଗ ରୁସା କରି ଆଜି ଯାଏଁ ଲକ୍ଷ୍ମୀପୁର ବ୍ଲକ ମାଡୁ ନଥିବା ସାଧରଣରେ ଟୁପୁରୁ ଟାପୁରୁ ଚାଲିଥିବା ବେଳେ ତାଙ୍କ ପ୍ରତି ବ୍ଲକ ବାସିନ୍ଦାଙ୍କ ବିତୃଷ୍ଣା ଭାବ ଥିବା ସାଧାରଣରେ ଏବେ ଚର୍ଚ୍ଚାର ବିସୟ ପାଲଟିଛି ।ଅନ୍ୟ ପଟେ କୋରାପୁଟ ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ମଧ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥୀ ଦୌଡରେ ଥିବା ଶୁଣିବାକୁ ମିଳୁଛି ।ହେଲେ ଜିଲ୍ଲା ପରିଷଦ ଅଧକ୍ଷା ପଦବି ପାଇବା ଦିନଠୁ ସସ୍ମିତା ମେଲେକାଙ୍କ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳିର କେବଳ ବନ୍ଧୁଗାଁ ବ୍ଲକକୁ ଛାଡି ଦେଲେ ଆଉ ତିନଟି ବ୍ଲକରେ ଆଜି ଯାଏଁ ତାଙ୍କ ପାଦ ପଡି ନଥିବା ସାଧରଣେ ଆଲୋଚନା ହେଉଛି ।କାଭାଁ କିଛି ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ସେ ଯୋଗ ଦେଉଥିବା ବେଳେ ଅନ୍ୟ ବ୍ଲକ କଥା ଜମାରୁ ଚିନ୍ତା କରୁନାହାନ୍ତି ।ଏଇ ଭଳି ରାଜନିତିକୁ ନେଇ ଦଳ କାହାକୁ ଟିକେଟ୍ ଦେଉଛି ଓ ଭୋଟର୍ କାହାକୁ ବାଛୁଛନ୍ତି ତାହା ଆଗାମି ନିର୍ବାଚନରେ ଜଣା ପଡିବ ବୋଲି ସାଧାରଣରେ ମତ ପ୍ରକାସ ପାଇଛି। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ମଧ ନିର୍ବାଚନ ଜିତିଲା ପରଠୁ ଆଜି ଜାଏଁ ଲକ୍ଷ୍ମୀପୁର ବ୍ଲକରେ ଥିବା ସମସ୍ୟା ଉପରେ ଗୁରୁତ୍ୱ ଦେଉ ନଥିବା ଭଳି ଜିଲ୍ଲା ପରିଷଦ ଅଧକ୍ଷା ମଧ ସେଇ ରାସ୍ତାରେ ଚାଲିଥିବା ଲୋକେ କହୁଛନ୍ତି ।ଭୋଟ ସମୟ ଆସିଲେ ଏମାନେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଛନ୍ତି, କିନ୍ତୁ ଜିତି ଗଲା ପରେ ଅନେକ ପ୍ରକାରର ବାହାନା ଦେଖାଇ ଆଉ ତାଙ୍କର ଦେଖା ମିଳୁନି ।ଏହା କିପରି ରାଜନୀତି ତାହା ବୁଝା ପଡୁନି ବୋଲି ବୁଦ୍ଧିଜିବିଙ୍କ ମହଲରେ ମତ ପ୍ରକାସ ପାଇଛି। ଏସବୁ ଜାଣିବା ପରେ ଆସନ୍ତା ନିର୍ବାଚନରେ ଦଳ କାହାକୁ ଟିକେଟ୍ ଦେଉଛି ଓ କାହାକୁ ଭୋଟର ମାନେ ବିଧାୟକ ଭାବେ ବାଛୁଛନ୍ତି ତାହା ଏବେ ଦେଖିବାକୁ ବାକି ରହିଥିବା ବେଳେ କିଛି ବିଜେଡି ଦଳର ପୁରୁଖା କର୍ମି ନିଜ ନିଜ ଭାଗ୍ୟ ପରିକ୍ଷା କରିବାକୁ ମଧ ଆଶା ବାନ୍ଧିଛନ୍ତି।



“ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।”
-ଆଦି ଶଙ୍କରାଚାର୍ଯ୍ୟ



“ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।”
-ବି.ଆର୍ ଆମ୍ବେଦକର



## ରୁଷିଆରେ ବିଫଳ ବିଦ୍ରୋହ

# ଅଳ୍ପକେ ବର୍ତ୍ତିଲା ପୁତିନ୍ ଶାସନ

ରୁଷିଆର ସର୍ବୋଚ୍ଚ ଶାସକ ତଥା ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଏକ ବଡ ସଂକଟରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ୱାଗ୍ନର୍ ଗ୍ରୁପ୍ ରୂପେ ପରିଚିତ ରୁଷର ଏକ ଘରୋଇ ସେନାବାହିନୀ ଦେଶରେ ବିଦ୍ରୋହ ସୃଷ୍ଟି କରିବାକୁ ଯେଉଁ ଉଦ୍ୟମ କରିଥିଲେ, ସରକାରୀ ସେନା ତାକୁ ପଣ୍ଡ କରିଦେଇଛନ୍ତି। ଫଳରେ ରୁଷରେ ଗୃହଯୁଦ୍ଧର ଆଶଙ୍କା ଟଳିଯାଇଛି ଏବଂ ପୁତିନ୍ଙ୍କ ଆସନ ପୁଣି ସୁଦୃଢ ହୋଇପାରିଛି। ଦେଶରେ ବାର ଘଣ୍ଟା ଧରି ଏକ ଅସ୍ଥିର ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ପୁତିନ୍ଙ୍କ ସଫଳ ରଣନୀତି ଯୋଗୁଁ ୱାଗ୍ନର୍ ଗ୍ରୁପ୍ (ବିଦ୍ରୋହୀ ଗୋଷ୍ଠୀର ହିଂସାତ୍ମକ କାର୍ଯ୍ୟକଳାପକୁ) ରୋକାଯାଇଛି। ୱାଗ୍ନର୍ ଗ୍ରୁପ୍ର ମୁଖ୍ୟ ପ୍ରିଗୋଜିନ୍ ବିଦ୍ରୋହ ଘଟାଇ ରୋଷ୍ଟୋଭ ସହରକୁ ଦଖଲ କରିନେଇଥିଲେ। ଏବେ ରୁଷ ସେନା ଏହାକୁ ବିଦ୍ରୋହୀଙ୍କ କବଳରୁ ମୁକୁଳାଇବା ସହ ସମସ୍ତ ପ୍ରତିବନ୍ଧକକୁ ହଟାଇ ଦେଇଛନ୍ତି। ପରିବହନ ସମେତ ସମସ୍ତ ଅତ୍ୟାବଶ୍ୟକ ସେବା ପୁଣି ଚାଲୁ କରାଯାଇଛି। ତେବେ ରାଜଧାନୀ ମସ୍କୋ ନଗରୀରେ ସୁରକ୍ଷା ଦୃଷ୍ଟିରୁ ସମସ୍ତ ସାମୂହିକ କାର୍ଯ୍ୟକ୍ରମକୁ ଜୁଲାଇ ପହିଲା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଘରୋଇ ସେନାବାହିନୀ ୱାଗ୍ନର୍ ଗ୍ରୁପ୍ ୟୁକ୍ରେନ୍ ଯୁଦ୍ଧ ନେଇ ରୁଷ ଶାସକଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ବିଶେଷକରି ଏହି ଗ୍ରୁପ୍କୁ ରୁଷ ସେନା ପକ୍ଷରୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର କିମ୍ବା ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀ ଯୋଗାଯାଉନଥିଲା। ଏହି କାରଣରୁ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଗ୍ରୁପ୍ର ବିବାଦ ମୁଣ୍ଡ ଟେକିଥିଲା। ମସ୍କୋ ଜାଣିଶୁଣି ଏଭଳି କରୁଥିବା ଗ୍ରୁପ୍ ମୁଖ୍ୟ ପ୍ରିଗୋଜିନ୍ ଅଭିଯୋଗ କରିଥିଲେ। ତାଙ୍କ ଘରୋଇ ସେନାର ଅନେକ ଯୋଦ୍ଧା ରୁଷର ଏଭଳି ଉଦାସୀନତା ଯୋଗୁଁ ହିଁ ପ୍ରାଣ ହରାଇଥିବାର ସେ ଦର୍ଶାଇଥିଲେ। ଏହି କାରଣରୁ ରୁଷ୍ ସରକାରଙ୍କ ନୂଆ ସାମରିକ ନିର୍ଦ୍ଦେଶନାମାକୁ ମଧ୍ୟ ୱାଗ୍ନର୍ ଗ୍ରୁପର ମୁଖ୍ୟ ପ୍ରିଗୋଜିନ୍ ଏଡାଇ ଯାଉଥିଲେ। ପରିଶେଷରେ ବିବାଦ ଚରମ ସୀମାରେ ପହଞ୍ଚିବାରୁ ଶନିବାର ବିଦ୍ରୋହୀ ୱାଗ୍ନର୍ର ସେନା ରୁଷର ଦୁଇଟି ସହରକୁ ଦଖଲ କରିନେବା ପରେ ରାଜଧାନୀ ମସ୍କୋ ଆଡକୁ ଅଗ୍ରସର ହେଉଥିଲେ। ମାତ୍ର ମସ୍କୋ ଆଉ ୩୬୦ କିଲୋମିଟର ଥିବାବେଳେ ରାଷ୍ଟ୍ରପତି ପୁତିନ୍ ଗୃହଯୁଦ୍ଧକୁ ଏଡାଇବା ପାଇଁ ବେଲାରୁଷ୍ ରାଷ୍ଟ୍ରପତିଙ୍କ ଶରଣାପନ୍ନ ହୋଇଥିଲେ ଏବଂ ବେଲାରୁଷ୍ର ରାଷ୍ଟ୍ରପତି ତୁରନ୍ତ ହସ୍ତକ୍ଷେପ କରି ବିଦ୍ରୋହର ଅନ୍ତ ଘଟାଇଥିଲେ। ତାଙ୍କ ମଧ୍ୟସ୍ଥତାରେ ବିବାଦର ସମାଧାନ ହୋଇଥିବାର କୁହାଯାଉଛି। ପ୍ରିଗୋଜିନ୍ ଓ ତାଙ୍କ ବିଦ୍ରୋହୀ ସେନା ମସ୍କୋ ଦଖଲ କରିନେଇଥିଲେ, ରୁଷ ନେତା ପୁତିନଙ୍କ ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥାଆନ୍ତା। ତେବେ ବେଲାରୁଷ ରାଷ୍ଟ୍ରପତିଙ୍କ ମଧ୍ୟସ୍ଥତାର ସର୍ତ୍ତ ଅନୁଯାୟୀ ୱାଗ୍ନର ଗ୍ରୁପ ମୁଖ୍ୟ ପ୍ରିଗୋଜିନ୍ଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାମଲାକୁ ହଟାଇ ଦିଆଯିବ ଏବଂ ପରେ ପରେ ତାଙ୍କୁ ସୁରକ୍ଷିତ ଭାବରେ ବେଲାରୁଷ୍କୁ ପଠାଇଦିଆଯିବ। ସେହିପରି ରୁଷର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହଟାଇ ଦିଆଯାଇ ତାଙ୍କର ସ୍ଥାନରେ ଆଉ ଜଣଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରୂପେ ଅବସ୍ଥାପିତ କରାଯାଉଥିବାରୁ ମିଳିଥିବା ସୂଚନାନୁଯାୟୀ ରୁଷରେ ୱାଗ୍ନର୍ ଗ୍ରୁପ୍ ଯେଉଁ ବିଦ୍ରୋହର ସୂତ୍ରପାତ କରିଥିଲେ, ସେ ସଂପର୍କରେ ଆମେରିକାର ଗୁଇନ୍ଦା ସଂସ୍ଥା ପୂର୍ବରୁ ଅବଗତ ଥିଲା ଏବଂ ପ୍ରିଗୋଜିନ୍ଙ୍କ ସହ ଏକ ଗୋପନ ବୁଝାମଣା ହୋଇଥିଲା। ଏବେ ପ୍ରିଗୋଜିନ୍ଙ୍କ ଉପରୁ ବିବାଦ ଟଳିଗଲେ ମଧ୍ୟ ଆଗକୁ ଯେ ଅଧିକ ସମସ୍ୟା ନଆସିବ, ତାହା କହିହେବ ନାହିଁ। କାରଣ ରୁଷ-ୟୁକ୍ରେନ୍ ଯୁଦ୍ଧ ପୁତିନ୍ଙ୍କୁ ବିଶ୍ୱ ଆଗରେ ଏକ ଖଳନାୟକର ଭୂମିକାରେ ଅବତୀର୍ଣ୍ଣ କରାଇଛି।



# ଏଇତ ଜିନ୍ସର କମାଲ !

ପ୍ରସନ୍ନ କୁମାର ମିଶ୍ର
ପୁରୀ-୨, ମୋ- ୮୦୧୮୮୭୫୩୩୫

ମାତ୍ର ୪୦ ବର୍ଷ ତଳେ ଯୁବପିଢ଼ିର ଫେସନ ପୋଷାକ ରୂପେ ପରିଚିତ 'ଜିନ୍ସ' ଏବେ ଏକବିଂଶ ଶତାବ୍ଦୀରେ ଲୋକଙ୍କ ସାଧାରଣ ପୋଷାକରେ ପରିଣତ ହୋଇଗଲାଣି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ଓ ବୟସ୍କ ପର୍ଯ୍ୟନ୍ତ ସଭିଙ୍କର ଏହା ଏକ ଆକର୍ଷଣୀୟ ଫେଶନ ପୋଷାକ। ଏବେ ପ୍ରୌଢ ଏପରିକି ଅଣ୍ଟା ନଇଁଯାଉଥିବା ବୃଦ୍ଧମାନେ ସକାଳୁ ସକାଳୁ ଜିନ ପୋଷାକ ପିନ୍ଧି ମର୍ଣ୍ଣିଂୱାକ୍ରେ ଧାଉଁଥିବାର ଦୃଶ୍ୟ ସହର ବଜାରରେ ଏକ ସାଧାରଣ କଥା। କାରଣ ହେଉଛି କେବଳ ଏହି ଜିନ୍ସ ପ୍ୟାଣ୍ଟ ପିନ୍ଧି ସତୁରି ବର୍ଷର ପ୍ରୌଢ଼ ନିଜକୁ ପଇଁତିରିଶ ବର୍ଷର ଯୁବକ ମନେ କରିପାରୁଛି। ଏଇତ ଜିନ୍ସର କମାଲ! ତେବେ ଏହି ଜିନ୍ସ ପୋଷାକ କ'ଣ ? ଏହା କେବେ ଓ କିପରି ଆରମ୍ଭ ହେଲା ? ଯୁବକ ଯୁବତୀମାନଙ୍କ ପାଇଁ ଏହା ଏତେ ପସନ୍ଦର ପୋଷାକ କାହିଁକି ? ଇତ୍ୟାଦି ଇତ୍ୟାଦି ଅନେକ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଚାଲନ୍ତୁ ଫେରିଯିବା, ପ୍ରାୟ ୧୫୦ ବର୍ଷ ପଛକୁ।

୧୮୫୦ ମସିହାରେ ସ୍ୱର୍ଣ୍ଣଖଣିର ସନ୍ଧାନ ମିଳିବା ପରେ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ପ୍ରଦେଶ ସୁନାର 'ଭଣ୍ଡାର ଘର' ହିସାବରେ ପରିଚିତ ହୋଇଥିଲା। ସେହି କାରଣରୁ ବିଶ୍ୱର ବିଭିନ୍ନ ଅଞ୍ଚଳରୁ ବହୁ ସ୍ୱର୍ଣ୍ଣ ଉତ୍ତୋଳନକାରୀ ସଂସ୍ଥା ଓ ଅସଂଖ୍ୟ ଶ୍ରମିକ ସୁନାଖଣିଗୁଡ଼ିକ ନିକଟରେ ଡେରା ପକାଇ ରହିଥିଲେ। ଏତିକିବେଳେ ଆମେରିକାର ଗ୍ରାମାଞ୍ଚଳରୁ 'ଲେଭି ଷ୍ଟ୍ରାଅସ୍' ନାମକ ଗୋଟିଏ କୋଡ଼ିଏ ବର୍ଷର ବାଳକ କାନ୍ଭାସରେଗୁଡ଼ିଏ ତମ୍ବୁ ତିଆରି କରି ବିକ୍ରି ଉଦ୍ଦେଶ୍ୟରେ ଉକ୍ତ ଖଣି ଅଞ୍ଚଳକୁ ଆସିଥିଲା। ଉଦ୍ଦେଶ୍ୟ ଥିଲା, ଖଣି ଅଞ୍ଚଳରେ ବହୁ ଲୋକ ଏକତ୍ରିତ ହେଉଥିବାରୁ ସେମାନଙ୍କର ଅସ୍ଥାୟୀ ରହଣି ନିମନ୍ତେ ତମ୍ବୁର ଆବଶ୍ୟକତା ପଡ଼ିବ। ମାତ୍ର ତା' ହେଲା ନାହିଁ। ସେ ଆଣିଥିବା ତମ୍ବୁ ବିକ୍ରି ହେଲା ନାହିଁ। କାରଣ ଶ୍ରମିକ ଓ କର୍ମଚାରୀମାନେ ତମ୍ବୁ ଆବଶ୍ୟକ କରୁନଥିଲେ। ଷ୍ଟ୍ରାଅସ୍ ଖୁବ୍ ବୁଦ୍ଧିମାନ, ପରିଶ୍ରମୀ ଓ ଧୈର୍ଯ୍ୟବାନ ବାଳକ ଥିଲେ। ଏତେଗୁଡ଼ାଏ ଟଙ୍କା ଦେଇ କିଣି ଆଣିଥିବା ତମ୍ବୁଗୁଡ଼ିକ ବିକ୍ରୟ ନହେବାରୁ ସେ ଅଧୈର୍ଯ୍ୟ ନ ହୋଇ ଏଗୁଡ଼ିକୁ ଅନ୍ୟ କି ଉପାୟରେ ଉପଯୋଗ କରିହେବ ଚିନ୍ତା କଲେ। ଶ୍ରମିକମାନଙ୍କ ସହିତ ମିଶି ସେ ଜାଣିପାରିଲେ ଯେ, ଏହି ଲୋକମାନେ ଖଣିରେ କାମ କରୁଥିବାରୁ ସେମାନେ ଅଧିକ ଦିନ ବ୍ୟବହାର ଉପଯୋଗୀ ଏବଂ ମୋଟା କନାର ପ୍ୟାଣ୍ଟ ଚାହୁଁଛନ୍ତି। ଲେଭି ଷ୍ଟ୍ରାଅସ୍ ତୁରନ୍ତ ଲାଗିପଡ଼ିଲେ ଓ ନିଜ ପାଖରେ ଥିବା ତମ୍ବୁକୁ କାଟି ସେଇ 'ତମ୍ବୁ କନା'ରେ ପ୍ୟାଣ୍ଟ ତିଆରି କରି ବିକିଲେ। କର୍ମଚାରୀ, ବିଶେଷ ଭାବେ ଖଣି ଶ୍ରମିକମାନେ ଏହାକୁ ପସନ୍ଦ କଲେ। କାରଣ ଏହା ଖୁବ୍ ମଜଭୁତ ଥିଲା ଏବଂ ଷ୍ଟାଇଲିସ୍ ମଧ୍ୟ । ସେଥିପାଇଁ ସେ ତିଆରି କରିଥିବା ସବୁ ପ୍ୟାଣ୍ଟ ଅଳ୍ପଦିନ ଭିତରେ ବିକ୍ରି ହୋଇଗଲା। ଏଥିରେ ଉତ୍ସାହିତ ହୋଇ ବହୁଳ ଭାବେ ତମ୍ବୁ କନାରେ ପ୍ୟାଣ୍ଟ ତିଆରି କରି ରୀତିମତ ବ୍ୟବସାୟ ଆରମ୍ଭ କରିଦେଲେ। ସେ ଏହି ନୂତନ ଧରଣର ପ୍ୟାଣ୍ଟର ନାମ ରଖିଥିଲେ 'ଲେଭି ଜିନ୍ସ'। ସେ ଏହାର ୧୦ ବର୍ଷ ପରେ 'ଲେଭି ଜିନ୍ସ'ରେ ବ୍ୟବହୃତ କଞ୍ଚାମାଲ 'ମୋଟା ତମ୍ବୁ କନା' ବଦଳରେ ନାଇଲସ୍ ନାମକ ସ୍ଥାନରୁ ନୂତନ ଭାବେ ଆମଦାନୀ କରାଯାଇଥିବା ଓ ଗାଢ଼ ନୀଳ ରଙ୍ଗରେ ବୁଡ଼ାଯାଇଥିବା ଏକପ୍ରକାର ଶକ୍ତ ସୂତାକନାରେ ନୂଆ ଜିନ୍ସ ତିଆରି କଲେ । ପ୍ୟାଣ୍ଟ ସହିତ ଲେଭି ଷ୍ଟ୍ରାଅସ୍ ଗ୍ରାହକମାନଙ୍କୁ ଗ୍ୟାରେଣ୍ଟି ଦେଲେ ଯେ 'ଏହି ନୂଆ ଜିନ୍ସ କପଡ଼ା ଧୋଇଲେ ସଙ୍କୁଚିତ ହେବ ନାହିଁ। ଏଥିରେ ଭାଙ୍ଗ ପଡ଼ିବ ନାହିଁ କିମ୍ବା ରଙ୍ଗ ଛାଡ଼ିବ ନାହିଁ।'

ଲେଭି ଷ୍ଟ୍ରାଅସଙ୍କ ଏହି ଗ୍ୟାରେଣ୍ଟିଦିଆ ପ୍ରଚାର ବେଶ୍ କାମ ଦେଲା। ଅଳ୍ପଦିନ ଭିତରେ 'ଲେଭି ଜୀନସ୍' ବିକ୍ରୟର ଶୀର୍ଷସ୍ଥାନରେ ପହଞ୍ଚି ଏକ ନୂତନ ଇତିହାସ ସୃଷ୍ଟି କଲା ଏବଂ ଖଣି ଶ୍ରମିକମାନଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇଗଲା। କାନ୍ଧରେ ତମ୍ବୁ ଧରି ବୁଲି ବୁଲି ବିକୁଥିବା ଲେଭି ଷ୍ଟ୍ରାଅସ ଜଣେ କୋଟିପତି ବ୍ୟବସାୟୀରେ ପରିଣତ ହୋଇଗଲେ। ସେତେବେଳକୁ ତାଙ୍କର ବୟସ ମାତ୍ର ୩୦ ବର୍ଷ ହୋଇଥିଲା ।

୨ୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାରେ ଯୁବକମାନଙ୍କୁ ଧରିନେଇ ଜବରଦସ୍ତ ନୌସେନାରେ ଭର୍ତ୍ତି କରାଯାଉଥିଲା। ସେତେବେଳେ ଯୁଦ୍ଧ ବିଭାଗର କର୍ତ୍ତୃପକ୍ଷ ଏହି ନୂତନ ଭାବେ ଯୋଗ ଦେଇଥିବା ଯୁବ ସୈନିକମାନଙ୍କ ବ୍ୟବହାର ନିମନ୍ତେ ବହୁ ସଂଖ୍ୟାରେ 'ଲେଭି ଜିନ୍ସ' ଆବଶ୍ୟକ କଲେ। ଲେଭି ଷ୍ଟ୍ରାଅସ ନିଜ କମ୍ପାନୀ ତିଆରି ଜିନ୍ସ ସବୁ ଆବଶ୍ୟକ ପରିମାଣରେ ଯୋଗାଇଲେ। ପାଞ୍ଚ ବର୍ଷ ପରେ ଯୁଦ୍ଧ ଶେଷ ହେବାରୁ ଏହି ନବନିଯୁକ୍ତ ଅଳ୍ପ ବୟସର ଯୁବ ସୈନିକମାନଙ୍କୁ ଅବ୍ୟାହତ ଦିଆଗଲା। ଏହିମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର / ଯୁବକ ପୁନଃ ଶିକ୍ଷାଲାଭ ନିମନ୍ତେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଲେ। କିନ୍ତୁ ନିଜ ନିଜର ପୂର୍ବ ଅଭ୍ୟାସବଶତଃ ସେମାନେ ଆଗରୁ ବ୍ୟବହାର କରିଥିବା ସେଇ 'ପୁରୁଣା, ଘୋସରା ଓ ରଙ୍ଗଛଡ଼ା' ଜୀନ୍ ପ୍ୟାଣ୍ଟ ପିନ୍ଧି କ୍ୟାମ୍ପସ ଓ ସହର ବଜାରରେ ବୁଲିବାରେ ଲାଗିଲେ।

କୌଣସି ଉଦ୍ଦେଶ୍ୟ ନଥାଇ କେବଳ ଅଭ୍ୟାସବଶତଃ ପିନ୍ଧୁଥିବା ଏହି ପୁରୁଣା ଜିନ୍ସ ପ୍ୟାଣ୍ଟଗୁଡ଼ିକ ସେମାନଙ୍କର ଅଜାଣତରେ ଯୁବସମାଜ ଭିତରେ 'ଏକ ନୂତନ ଫେଶନ ପୋଷାକ' ହିସାବରେ ଆଦୃତ ହୋଇଗଲା। ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ଏହି ଆକର୍ଷଣୀୟ, ସୁନ୍ଦର ଓ କସରତୀ ଦେହଧାରୀ ଛାତ୍ରମାନେ ହଠାତ୍ ଅନ୍ୟମାନଙ୍କ ଆଗରେ ଜଣେ ଜଣେ 'ଦୀପ୍ତିମାନ ପୌରୁଷର ପ୍ରତୀକ' ରୂପେ ଉଭା ହୋଇ ଉଠିଲେ। ସେହିଦିନ ଠାରୁ ଏହା ଯୁବକ ଯୁବତୀମାନଙ୍କର ମନପସନ୍ଦ ପୋଷାକରେ ପରିଣତ ହୋଇଗଲା। ଲେଭି ଷ୍ଟ୍ରାଅସ୍ ତିଆରି କରୁଥିବା ଏହି ପୋଷାକ କମ୍ପାନୀର ନାମ ରଖିଥିଲେ 'ଲେଭି ଷ୍ଟ୍ରାଅସ ଆଣ୍ଡ କୋଃ'। ୧୮୭୨ ମସିହାରେ ଜାକୋବ୍ ଡେଭିସ ନାମକ ଜନୈକ ଦରଜୀ ବନ୍ଧୁ ଷ୍ଟ୍ରାଅସଙ୍କୁ ଏକ ଚିଠି ଲେଖିଥିଲେ। ସେଥିରେ ସେ ପରାମର୍ଶ ଦେଇଥିଲେ ଯେ ସାଧାରଣ କପଡାରେ ଏକ ନୂତନ ପ୍ରକାର ମିଶ୍ରଣ ଦେଇ ସେଥିରେ ସିଲେଇ କଲେ ତାହା ଦୀର୍ଘଦିନ କାର୍ଯ୍ୟକ୍ଷମ ରହିବ । ସେହି ପରାମର୍ଶ ଅନୁସାରେ ଷ୍ଟ୍ରାଅସ ପୋଷାକ ତିଆରି କଲେ ଏବଂ ପରେ ପରେ ଏହାର ପେଟେଣ୍ଟ କରି ନେଇଥିଲେ। ସେ ଜର୍ମାନୀର ଦେଶୀୟ ବଂଶଜ ଏବଂ ବାଭାରିଆ ଅଞ୍ଚଳର ମୂଳ ବାସିନ୍ଦା। ୧୮୪୬ ମସିହାରେ ଟି.ବି. କାରଣରୁ ପିତାଙ୍କ ମୃତ୍ୟୁ ପରେ ସେ ନିଜର ଦୁଇଭଉଣୀଙ୍କ ସହିତ ସ୍ଥାୟୀ ଭାବେ ନିଉୟର୍କ ଚାଲି ଆସିଥିଲେ ଯେଉଁଠାରେ ତାଙ୍କର ଅନ୍ୟ ଦୁଇଭାଇ ପୂର୍ବରୁ ବାସ କରୁଥିଲେ । ପରବର୍ତ୍ତୀ ସମୟରେ ସେ୧୮୫୦ ମସିହାରେ ଆମେରିକାର ସାମଫ୍ରାନ୍ସିସକୋକୁ ବ୍ୟବସାୟ ଉଦ୍ଦେଶ୍ୟରେ ଚାଲିଆସିଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଆଉ ସେଠାରୁ ନିଜ ଦେଶକୁ ଫେରିନଥିଲେ। ଲେଭି ଷ୍ଟ୍ରାଅସ ୧୮୨୯ ମସିହା ଫେବୃଆରୀ ୨୬ ତାରିଖ ଜନ୍ମ ଗ୍ରହଣ କରିଥିଲେ ଏବଂ ଲସ୍ ଆଞ୍ଜେଲେସରେ ୧୯୦୨ ମସିହା ସେପେମ୍ବର ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

କମ୍ପାନୀ ଏବେ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ। ତଥାପି କମ୍ପାନୀ ପୁରୁଣା ପରମ୍ପରାକୁ ତ୍ୟାଗ ନ କରି 'ନେଳୀ ରଙ୍ଗର କନାରେ କମଳା ରଙ୍ଗ ସୂତା ସିଲେଇ, ନାଲି ରଙ୍ଗର ଝାଲର ଓ ଆକର୍ଷଣୀୟ ମଗରଛାପ ଥିବା ଅଣ୍ଟା ଚମଡ଼ା ପଟି' ପେଟେଣ୍ଟ ଡିଜାଇନର ପ୍ୟାଣ୍ଟ ସବୁ ପ୍ରସ୍ତୁତ କରୁଛି। ବିଶ୍ୱର କୋଣ ଅନୁକୋଣରେ ଥିବା କମ୍ପାନୀର ୩୦୦୦ ରୁ ଉର୍ଦ୍ଧ୍ୱ ନିଜସ୍ୱ ଷ୍ଟୋରରେ ଏବେ ମଧ୍ୟ ଲେଭି ଜିନ୍ସ ଉପଲବ୍ଧ। କମ୍ପାନୀ ପ୍ରଚାରରେ ଏବେ ମଧ୍ୟ 'ଆଲବର୍ଟ ଆଇନଷ୍ଟାଇନ ଓ ମାର୍ଲୋନ ବ୍ରାଣ୍ଡୋଙ୍କ ପସନ୍ଦ' ଉଲ୍ଲେଖ କରାଯାଉଛି । ବିଶ୍ୱବ୍ୟାପି ପ୍ରତିଯୋଗିତା ସତ୍ତ୍ୱେ ଆଜିର ଦିନରେ ସେହି ଲେଭି ଜିନ୍ସ(Levi Jeans)ର ପ୍ୟାଣ୍ଟ ହିଁ ନୂତନ ଯୁବପିଢ଼ିର ପ୍ରଥମ ପସନ୍ଦ ।



# ଗରିବଙ୍କ ସଂଖ୍ୟାକୁ ନେଇ ବିରୋଧାଭାସ

ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,ମୋ- ୯୪୩୮୪୮୫୦୯୪

ଆମ ଦେଶର ଅର୍ଥବ୍ୟବସ୍ଥା ଦ୍ରୁତ ଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧ୍ୟରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛନ୍ତି । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛନ୍ତି । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାନ୍ତି ଓ ତଥ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି । କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରିବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଆସିଛନ୍ତି । ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରିବଙ୍କ ସଂଖ୍ୟା ୪୧.୫କୋଟି କମିଛି। ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରିବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ତ୍ୱେ ଭାରତର ଲୋକେ କରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରିବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି। ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରିବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟ ଓ ଆଇଏମ୍ଏଫ୍ (ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି। ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରିବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରିବ ଥିଲେ । ଏବେ ୨୬.୯ କୋଟି ଗରିବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରି କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରିବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରିବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶିକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶିକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାସ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ । ସୁଖଦ କଥା ହେଉଛି ୨୦୨୨-୨୩ରେ ଭାରତର ଆର୍ଥିକ ବିକାଶ ହାର ୭.୨ ପ୍ରତିଶତ ରହିଛି, ବିଶ୍ୱସ୍ତରରେ ଏହା ହେଉଛି ସର୍ବାଧିକ ଏବଂ ଦୃତ ବିକାଶ ହାର । ଫ୍ରାନ୍ସ, ବ୍ରିଟେନ ଏବଂ ଜର୍ମାନୀ ୧ ପ୍ରତିଶତରେ ରହିଛି ଏପରିକି ଚୀନର ବିକାଶ ହାର ଠାରୁ ଭାରତର ବିକାଶ ହାର ଦେଢ଼ଗୁଣା ହୋଇଛି । କୃଷିର ବିକାଶ ହାର ବଢ଼ିଛି। ଦେଶର ଉଦ୍ୟୋଗ କ୍ଷେତ୍ର ମଧ ବିକାଶ କରିଛି । କିନ୍ତୁ ପ୍ରଶ୍ନ ଉଠୁଛି ଯେ ବିକାଶ ଏବଂ ଅର୍ଥବ୍ୟବସ୍ଥାର ବିସ୍ତାରର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନାହିଁ କାହିଁକି ? ଯଦି ଏହାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଥାନ୍ତା ତେବେ ଦେଶରୁ ଗରୀବ ଲୋକଙ୍କ ସଂଖ୍ୟା କମିଥାନ୍ତା ନିଶ୍ଚୟ । ପ୍ରଧାନମନ୍ତ୍ରୀ ସାର୍ବଜନୀକ ମଞ୍ଚରେ ଯାହା କହିଲେ ତାର ଠୋସ୍ ଆଧାର ଥିବ ନିଶ୍ଚୟ । ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି । ଏଣୁ ଆଶା କରାଯାଇପାରେ ଯେ କେନ୍ଦ୍ର ସରକାର ଏ ବାବଦରେ ଗୁରୁତ୍ୱର ସହ କିଛି ଠୋସ୍ ପଦକ୍ଷେପ ନେଇଛନ୍ତି ଅଥବା ନେବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ କଥା ଯଦି ସତ ତେବେ ଖୁବ୍ କମ୍ ଦିନରେ (ବର୍ଷରେ) ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହୋଇଯିବ ଓ ଦେଶରେ ଆଉ ଗରିବ ରହିବେ ନାହିଁ ।



# ରଥେ ତୁ ବାମନଂ ଦୃଷ୍ଟ୍ୱା...

ଅବନୀ ଚନ୍ଦ୍ର ଦାସ
ସାଇ ସଦନ, ପ୍ରଶାନ୍ତି ବିହାର,
ଭୁବନେଶ୍ୱର - ୨୪
ମୋ: ୯୯୩୭୫୩୭୯୭୪

ଆମ ଶାସ୍ତ୍ର ରେ କୁହାଯାଇଛି - 'ଦୋଳେ ତୁ ଦୋଳ ଗୋବିନ୍ଦମ୍ ଚାପେ ତୁ ମଧୁସୂଦନମ୍, ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମମ୍ ନ ବିଦ୍ୟତେ ।' ଅର୍ଥାତ୍ ଦୋଳ ବିମାନରେ ଗୋବିନ୍ଦଙ୍କୁ, ଚାପ (ନୌକା ବିହାର)ରେ ମଧୁସୂଦନଙ୍କୁ ଏବଂ ରଥ ଉପରେ ବାମନ ରୂପୀ ବଡ ଠାକୁରଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏ ନାହିଁ, ପ୍ରାଣୀର ମୋକ୍ଷ ପ୍ରାପ୍ତି ହୁଏ ବୋଲି ଶାସ୍ତ୍ର ମତ ପ୍ରମାଣ ରହିଛି। ଏପରିକି, ପରମ୍ପରା କ୍ରମେ ଏହା ଲୋକବିଶ୍ୱାସରେ ଦୃଢ଼ୀଭୂତ ହୋଇଛି । ବିଶ୍ୱନିୟନ୍ତାଙ୍କ ଭିନ୍ନ ଭିନ୍ନ ନାମ ମଧ୍ୟରୁ ଗୋବିନ୍ଦ, ମଧୁସୂଦନ, ବାମନ ଆଦି ନାମ ଅନ୍ୟତମ । ଉତ୍କଳୀୟ ସଂସ୍କୃତିର ମହାନ୍ ପାରମ୍ପରିକ ପର୍ବପର୍ବାଣୀ ଯାନିଯାତ୍ରା, ଓଷା, ବ୍ରତ ଆଦି ପାଳନ ଯେଉଁ ଆଧାତ୍ମିକ ଉନ୍ମେଷ ଘଟାଇଛି, ତାହା ବିଶ୍ୱ ବିଦିତ ହୋଇଛି । ଉତ୍କଳ ପ୍ରଦେଶର ଶ୍ରୀକ୍ଷେତ୍ର ଧାମରେ ଗଙ୍ଗବଂଶୀୟ ରାଜାମାନେ ଶ୍ରୀ ଜଗନ୍ନାଥଙ୍କ ଉପାସନା ପୀଠର ସ୍ଥାପନା କରି ଏକ ବିଶ୍ୱ ପ୍ରସିଦ୍ଧ ଗୌରବମୟ ପରମ୍ପରାର ସ୍ୱାକ୍ଷର ଅଙ୍କନ କରିଯାଇଛନ୍ତି । ଦେବଭୂମି ଭାରତ ବର୍ଷରେ ବହୁ ପ୍ରଖ୍ୟାତ ପ୍ରାଚୀନ ଦେବଦେବୀଙ୍କ ଉପାସନା ପୀଠ ରହିଛି । ଅଥଚ, ସେହି ସବୁ ପୀଠରେ ଅଧିଷ୍ଠିତ ଦେବତାମାନଙ୍କ ନାମକରଣ ଲୋକାଚାର ରେ ନିର୍ଦ୍ଦିଷ୍ଟ ଭାବେ ସଂପୃକ୍ତ ପୀଠ ସହିତ ଯୋଡ଼ି ହୋଇ ରହିଛି। ଯଥା: କାଶୀରେ କାଶୀନାଥ, ଦ୍ୱାରକାରେ ଦ୍ୱାରିକାନାଥ, ଅଯୋଧାରେ ଆଯୋଧାନାଥ ଓ ବଦ୍ରିକାରେ ବଦ୍ରିନାଥ ପ୍ରଭୃତି ଦେବତାମାନେ ଉପାସିତ ହେଉଥିବା ବେଳେ, ଉତ୍କଳରେ ଅଧିଷ୍ଠିତ ଦେବତା ଉତ୍କଳ ନାଥ ଭାବରେ ନୁହେଁ, ବରଂ ସାରା ଜଗତର ନାଥ 'ଶ୍ରୀଜଗନ୍ନାଥ'ନାମରେ ପୂଜିତ, ଅର୍ଚ୍ଚିତ, ହୋଇ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇ ରହିଛନ୍ତି । ତାଙ୍କରି ପାଇଁ ଉତ୍କଳୀୟ ପରମ୍ପରା ରେ ସଂଶ୍ଳିଷ୍ଟ ହୋଇ ରହିଛି ବାର ମାସରେ ତେର ପର୍ବ । ସେଥିପାଇଁ ଉତ୍କଳର ସଂସ୍କୃତିକୁ 'ଜଗନ୍ନାଥ ସଂସ୍କୃତି' କହିବା ଯଥାର୍ଥ ବୋଧ ହେଉଛି । ଏହି ସଂସ୍କୃତି ରେ ସନ୍ନିବେଶିତ ସମସ୍ତ ନୀତି କାନ୍ତି, ଆଚାର ବିଚାର, ପୂଜା ପାଠ, ବିଧି ବ୍ୟବସ୍ଥା ଲୋକାଚାରରେ ପ୍ରଚଳିତ ପାରମ୍ପରିକ ଚଳଣି ଠାରୁ ଭିନ୍ନ ନୁହେଁ ।

ପୂର୍ବେ ଯାତ୍ରା କରିବା ଥିଲା ସାମାଜିକ ଚଳଣିର ଏକ ବିଶେଷ ଆକର୍ଷଣ । ଏକତ୍ର ସମ୍ମିଳିତ ହେବା ପାଇଁ ଯାତ୍ରା କରିବା, ଜଳପଥ ଯାତ୍ରା କରିବା, ବନ୍ଧୁ ପରିଜନ ବିଶେଷତଃ ମାତୁଳାଳୟ କିମ୍ବା ମାଉସୀମା ଗୃହକୁ ପରିଦର୍ଶନରେ ଯାତ୍ରା କରିବା ସାମାଜିକ ବିଧି ବ୍ୟବସ୍ଥାର ପରମ୍ପରା ମାନ କାହିଁ କେଉଁ ପୂରାକାଳରୁ ଚଳି ଆସିଛି । ତେବେ, ଏହି ସବୁ ଯାତ୍ରାର ମାଧ୍ୟମ ଥିଲା ବିମାନ, ନୌକା ଏବଂ ଅଶ୍ୱ ଚାଳିତ ରଥ ପ୍ରଭୃତି। ସମାଜର ବଡପଣ୍ଡା ଅର୍ଥାତ୍ ରାଜା ରାଜୁଡ଼ା ମାନେ ଏହି ସବୁ ଯାନ ବାହନ ବ୍ୟବହାର କରି ଯାତ୍ରା କରୁଥିଲେ । ତେଣୁ ସେହି ମାନ୍ୟତାରେ ନିଜର ଆରାଧ୍ୟ ଦେବତାଙ୍କୁ ବିମାନରେ ବସାଇ ଦୋଳବେଦୀକୁ ନେବା, ନୌକା ବିହାର କରାଇବା ଏବଂ ରଥାରୂଢ଼ କରାଇ ଜନ୍ମବେଦୀକୁ ଅବା ମାଉସୀମା ମନ୍ଦିରକୁ ବିଜେ କରାଇବାର ବିଧି ଆମ ସଂସ୍କୃତିରେ ସଂଯୋଜିତ ହୋଇଛି ବୋଲି କୁହାଯାଇପାରେ । ପ୍ରାୟତଃ ସବୁ ପ୍ରଚଳିତ ଆମ ପାରମ୍ପରିକ ଯାନିଯାତ୍ରା ମହୋତ୍ସବ ସହିତ ଉତ୍କଳୀୟ ଜନଜୀବନ ର ଛାପ ଦେଖିବାକୁ ମିଳେ । ଏହି ପରିପ୍ରେକ୍ଷୀରେ ଆମେ ଉତ୍କଳର (ଅଧୁନା ଓଡ଼ିଶାର) ଶ୍ରୀକ୍ଷେତ୍ର ଧାମ ପୁରୀ ଠାରେ ବିଶ୍ୱ ପ୍ରସିଦ୍ଧ ଗୌରବମୟ ପରମ୍ପରା ଗତ ରଥ ଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପଳିତ ହୋଇ ଆସୁଛି । ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରି ନବଦିନ ବ୍ୟାପୀ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହାକୁ କେହି କେହି 'ଶ୍ରୀଗୁଣ୍ଡିଚା ଯାତ୍ରା' ବା 'ନବଦିନ ଯାତ୍ରା' ମଧ୍ୟ କହିଥାନ୍ତି । ପୁଣି, ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ର ନାମାନୁସାରେ ଏହା 'ଘୋଷଯାତ୍ରା' ଭାବେ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଏହି ଦିନ ଶ୍ରୀମନ୍ଦିରରୁ ବାହାରି ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଙ୍କୁ ତିନି ସୁସଜ୍ଜିତ ରଥରେ (ଯଥାକ୍ରମେ ତାଳ ଧ୍ୱଜ, ଦେବଦଳନ ବା ଦର୍ପ ଦଳନ ଏବଂ ନନ୍ଦିଘୋଷ ରଥରେ) ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି । ମାଆ ସୁଭଦ୍ରାଙ୍କ ଦେବଦଳନ ରଥରେ ଶ୍ରୀ ଜଗନ୍ନାଥଙ୍କ ଚକ୍ର ଆୟୁଧ ପ୍ରଭୁ ସୁଦର୍ଶନଙ୍କୁ ମଧ ବିଜେ କରାଇ ନିଆଯାଇଥାଏ ।

ବିଶ୍ୱ ପ୍ରସିଦ୍ଧ ଏହି ରଥଯାତ୍ରାର ମହିମାମୟ ଗାଥା ଅବର୍ଣ୍ଣନନୀୟ । ମାନବୀୟ ଲୀଳା ରଚନା କରି ଆମର ଆରାଧ ଦିଅଁ ମାନେ କିପରି ଜନମାନସକୁ ବିଶ୍ୱ ପ୍ରେମରେ ଉଦବୁଦ୍ଧ କରିଚାଲିଛନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ଏହି ରଥଯାତ୍ରା । ଶତାବ୍ଦୀ ଶତାବ୍ଦୀ ଧରି ଶ୍ରୀକ୍ଷେତ୍ର ଧାମରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କଦ୍ୱରା ପାଳିତ ହୋଇ ଆସୁଥିବା ଏହି ରଥ ଯାତ୍ରା ସମଗ୍ର ବିଶ୍ୱର ଏକ ସର୍ବଶ୍ରେଷ୍ଠ ମହୋତ୍ସବ ଭାବେ ମାନ୍ୟତା ଲାଭ କରିଛି । ଦେଶ ବିଦେଶରୁ ଅସଂଖ୍ୟ ଭକ୍ତମାନେ ଛୁଟି ଆସନ୍ତି, ରଥ ଉପରେ ବିଜେ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନର ସୌଭାଗ୍ୟ ଲାଭ କରିବା ପାଇଁ । ଶ୍ରୀକ୍ଷେତ୍ର ଧାମର ଅନେକ ମହତ୍ତ୍ୱ ରହିଛି । ଭାରତର ଚାରି ଶ୍ରେଷ୍ଠ ଆଧାତ୍ମିକ କ୍ଷେତ୍ର ବା ଧାମ ମଧ୍ୟରେ ଏହା ଅନ୍ୟତମ । ଶ୍ରୀ ଅର୍ଥାତ୍ ଲକ୍ଷ୍ମୀ ମାତାଙ୍କ କ୍ଷେତ୍ର ବୋଲି ଶ୍ରୀକ୍ଷେତ୍ର, ମନ୍ଦିର କୁ ଶ୍ରୀମନ୍ଦିର କହିବାର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି । ଏହି କ୍ଷେତ୍ରର ଅନ୍ୟ ନାମ ମଧ ଶଙ୍ଖ କ୍ଷେତ୍ର ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । ଚକ୍ର ସହିତ ଶ୍ରୀଜଗନ୍ନାଥଙ୍କ ହସ୍ତ ଶୋଭିତ ଶଙ୍ଖ ଉପଲକ୍ଷେ ଏପରି ନାମକରଣ ହୋଇ ଥାଇପାରେ ।

ଆଉ ମଧ ଶ୍ରୀଜଗନ୍ନାଥଙ୍କୁ ଲୌକିକତା ମତେ ପୁରୁଷୋତ୍ତମ ବୋଲି ଆଖ୍ୟାୟିତ କରାଯାଇଛି । ପରଂବ୍ରହ୍ମ ପୁରୁଷୋତ୍ତମ ଯେଉଁ କ୍ଷେତ୍ର ବା ସ୍ଥାନ ରେ ଲୀଳା ଖେଳା କରିଚାଲିଛନ୍ତି, ତାହା ପୁରୁଷୋତ୍ତମ କ୍ଷେତ୍ର ଭାବେ ମଧ ପରିଚିତ ହୋଇଛି । ଶ୍ରୀକ୍ଷେତ୍ରରେ କ୍ଷେତ୍ରାଧୀଶ ଦିଅଁ ଙ୍କୁ ବଡ ଠାକୁର, ତାଙ୍କ ଦେଉଳକୁ ବଡ ଦେଉଳ, ଦାଣ୍ଡକୁ ବଡ଼ଦାଣ୍ଡ, ତାଙ୍କ ପ୍ରସାଦକୁ ମହାପ୍ରସାଦ ବୋଲି କୁହାଯାଉଛି । ଲୋକ ବିଶ୍ୱାସ ରେ ବଡଦେଉଳ ଶୀର୍ଷ ଭାଗରେ ନୀଳଚକ୍ର ସ୍ଥାପିତ ହୋଇଛି ଓ ପତିତ ଲୋକ ମାନଙ୍କୁ ଉଦ୍ଧାର କରିବା ପାଇଁ ପତିତପାବନ ନେତ ଉଡୁଛି । ଶ୍ରୀଜଗନ୍ନାଥ ଓଡ଼ିଶାର ଇଷ୍ଟ ଦେବତା ହୋଇ ଶ୍ରୀକ୍ଷେତ୍ରରେ ଅଧିଷ୍ଠିତ ହେଲେ ହେଁ, ସେ ସମଗ୍ର ଜଗତର ନାଥ ବା ଆରାଧ ପ୍ରଭୁ ବଡ ଠାକୁର ବୋଲି ବିଦିତ ହୋଇଛନ୍ତି ।

ସ୍କନ୍ଦ ପୁରାଣରେ ବର୍ଣ୍ଣନା ଅନୁସାରେ ମାନବୀୟ ଲୀଳା ପ୍ରକଟ କରି ଜଗତକର୍ତ୍ତା ସ୍ୱଂୟ ଭଗବାନ ଏଠାରେ ଦାରୁ ରୂପେ ଅଧିଷ୍ଠିତ ହୋଇଛନ୍ତି । ତେବେ ରଥରେ ଯାତ୍ରା କରି ଦାରୁ ଦିଅଁ ମାନବ ଜାତିକୁ କେଉଁ ସନ୍ଦେଶ ଦେବାକୁ ଚାହାଁନ୍ତି ? ରମ୍ ଧାତୁରେ ଥ ବର୍ଣ୍ଣ ଯୁକ୍ତ ହୋଇ 'ରଥ' ଶବ୍ଦଟି ସୃଷ୍ଟି ହୋଇଛି । ରମ୍ ଧାତୁ କ୍ରୀଡା ଜନିତ ବ୍ୟାପାର ହୋଇଥିବା ବେଳେ ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରଭୁଙ୍କର ଏହି ରଥ ଯାତ୍ରା ଏକ ଭାବ ବନ୍ଧନର ଲୀଳା ଖେଳା ବୋଲି କୁହାଯାଇ ପାରିବ । ଏଠାରେ ଭକ୍ତ ଓ ଭଗବାନଙ୍କର ମିଳନ ହୁଏ । ଜୀବାତ୍ମା ଓ ପରମାତ୍ମାଙ୍କ ଲୀଳା ଖେଳା ପ୍ରକଟିତ ହୁଏ ।

ପୁଣି, ରଥକୁ କେହି କେହି ଚକ୍ର ଯାନ ମଧ କହିଥାନ୍ତି । ଅଶ୍ୱ ଚାଳିତ ଚକ୍ର ଯାନରେ ଆରୁଢ଼ ହୋଇ ପ୍ରାଚୀନ କାଳରେ ରାଜା ମହାରାଜା ମାନଙ୍କର ମହିମା ପ୍ରଖ୍ୟାପନ କରାଯାଉଥିଲା । ଆର୍ଯ୍ୟଭୂମି ଭାରତ ବର୍ଷରେ ସେହି ପ୍ରାଚୀନ ପରମ୍ପରାର ପ୍ରତୀକ ସ୍ୱରୂପ ସାରା ଜଗତର ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର ପାଇଁ 'ରଥଯାତ୍ରା' ର ସୂତ୍ରପାତ ହୋଇଛି ବୋଲି କୁହାଯାଇପାରେ । ଶ୍ରୀକ୍ଷେତ୍ରରେ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରୁ ପାଳିତ ହୋଇ ଦଶମୀ ତିଥିରେ ଶ୍ରୀ ଜୀଉମାନେ ଶ୍ରୀମନ୍ଦିରକୁ ଫେରି ଆସିବାର ବିଧି ରହିଛି । ତାଙ୍କ ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ଯାତ୍ରା ବୋଲି କୁହାଯାଇଛି । ସିଂହଦ୍ୱାର ନିକଟରେ ରଥଉପରେ ବିରାଜିତ

ହୋଇ ରହିଥିବା ଦିଅଁ ପାଖରେ ଅଧର ପଣା ନୀତି ସମ୍ପନ୍ନ ହୁଏ । ସୁନାବେଶ ହୋଇ ପୁଣି ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି ପ୍ରଭୁ । ଶେଷରେ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିର ସ୍ଥିତ 'ନୀଳାଦ୍ରି ମଣ୍ଡପ' ବା 'ରତ୍ନ ସିଂହାସନ'କୁ ବିଜେ ହୋଇଥାନ୍ତି । ଏହି ପ୍ରଥା କୁ 'ନୀଳାଦ୍ରି ବିଜେ' ନାମରେ ଅଭିହିତ କରାଯାଇଛି । ଶ୍ରୀଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର । ଗୋଟିଏ ଜନ୍ମସ୍ଥଳୀ ଏବଂ ଅନ୍ୟଟି କର୍ମସ୍ଥଳୀ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅଶ୍ୱମେଧ ଯଜ୍ଞର ମହାବେଦୀ ମଣ୍ଡପ ହିଁ ଗୁଣ୍ଡିଚା ମଣ୍ଡପ ବା ମନ୍ଦିର । ଦାରୁବ୍ରହ୍ମ ଠାକୁର ବିଗ୍ରହ ମାନଙ୍କ ଜନ୍ମସ୍ଥାନ । ଶ୍ରୀମନ୍ଦିର ହେଉଛି ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ଆତ୍ମସ୍ୱରୂପ ବ୍ରହ୍ମା ଙ୍କ ଦ୍ୱାରା ସଂସ୍ଥାପିତ ରତ୍ନବେଦୀ ନୀଳାଦ୍ରି ମଣ୍ଡପ । ଯେଉଁଠି ନିତ୍ୟ ବିରାଜମାନ କରିଥାନ୍ତି ନୀଳାଦ୍ରି ନାଥ ଚତୁର୍ଦ୍ଧାମୂର୍ତ୍ତି । ନିତ୍ୟ ଲୀଳା ରଚାଇଥାନ୍ତି । ଗାଣିତିକ ସଂଖ୍ୟା ରେ ୯ (ନଅ) ଏକ ପୂର୍ଣ୍ଣ ସଂଖ୍ୟା ହୋଇଥିବା ଦୃଷ୍ଟିରୁ କଳିଯୁଗ ରେ ପୂର୍ଣ୍ଣ ବ୍ରହ୍ମ ଅବତାରି ପୁରୁଷଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଏହି ନବଦିନ ଯାତ୍ରା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । ସାମ୍ୟ, ମୈତ୍ରୀ, ମାନବବାଦର ଉଦ୍ ଘୋଷଣା ଏହି ରଥଯାତ୍ରା ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ଜାତିକୁ 'ବସୁଧୈବ କୁଟୁମ୍ବକମ୍ ' ସୂତ୍ରରେ ଆବଦ୍ଧ କରି ରଖିବାର ବ୍ୟବସ୍ଥା ଇଏ । ଏହି ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ରଥଯାତ୍ରାକୁ ଅନୁକରଣ / ଅନୁସରଣ କରି ଦେଶ, ବିଦେଶର ଅନେକ ସ୍ଥାନରେ ଏପରି ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେବାରେ ଲାଗିଲାଣି । ହେଲେ, ଉତ୍କଳୀୟ ପାରମ୍ପରିକ ସଂସ୍କୃତି ବ୍ୟତିରକେ କୌଣସି ସ୍ଥାନରେ ଅଦିନରେ ଏହା ପାଳିତ ହେବା, ଅପସଂସ୍କୃତି କୁ ଅଧିକ ପ୍ରାଧାନ୍ୟ ଦେଇ ଆମ ପ୍ରାଚୀନ ପରମ୍ପରାର ସଂସ୍କୃତି ମୂଳରେ କୁଠାରଘାତ କରିବା ସମୀଚୀନ ନୁହେଁ । ତେବେ, ସଂପ୍ରତି ବିଶ୍ୱ ସମୁଦାୟ କୁ ମହାମାରୀ କରୋନା କବଳିତ କରିଥିବା ଯୋଗୁ ଆମ ଦେଶରେ ଶ୍ରୀକ୍ଷେତ୍ର ଭିନ୍ନ ଅନ୍ୟତ୍ର ରଥଯାତ୍ରା ପାଳନ ନିଷେଧ କରାଯାଇଛି ।

କେବଳ ଓଡ଼ିଶାର ଶ୍ରୀକ୍ଷେତ୍ର ଧାମରେ ରଥଯାତ୍ରା ପାଳନ ହେଉଥିଲେ ବି, ମହାମାରୀ ସଂକ୍ରମଣର ଆଶଙ୍କା ଦୃଷ୍ଟିରୁ ବହୁଜନ ସମାଗମ କୁ ବାରଣ କରାଯାଇଛି । ଅବଶ୍ୟ, ଶ୍ରୀକ୍ଷେତ୍ର ବଡ ଦାଣ୍ଡରେ ପ୍ରଭୁଙ୍କୁ ରଥ ଉପରେ ପ୍ରତ୍ୟକ୍ଷ ଦର୍ଶନରୁ ଭକ୍ତ ବଂଚିତ ହେଉଥିଲେ ବି, ମହାମାରୀ କବଳରୁ ମାନବ ଜାତିର ସୁରକ୍ଷା ପାଇଁ କଟକଣା ନିୟମ ସମସ୍ତଙ୍କର ଅନୁପାଳନୀୟ । ମାନବ ଜୀବଦ୍ଦଶାର ସମୟକୁ ରଥର ଚକ, ମନକୁ ରଥରେ ଯୋଚିତ ଘୋଡ଼ା, ପ୍ରକୃତି ମାନଙ୍କୁ ରଥରେ ସଂଯୁକ୍ତ କାଷ୍ଠ ଖଣ୍ଡ ବୋଲି ବିଚାର କରି ନିଜ ହୃଦୟ ରୂପକ ରଥରେ ବାମନ ରୂପୀ ବଡ ଦିଅଁ ଙ୍କୁ ଆତ୍ମଜ୍ଞାନର ଶ୍ରଦ୍ଧାପୂର୍ଣ୍ଣ ବାଲୁକାମୟ ବଡଦାଣ୍ଡରେ ଦର୍ଶନ କରି ପାରିଲେ ଶ୍ରୀକ୍ଷେତ୍ର ରେ ପାଳିତ ହେଉଥିବା ରଥଯାତ୍ରାର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ।

## ବେଆଇନ ବନ୍ଧୁକ ସହ ବନ୍ୟଜନ୍ତୁ ଶିକାର ଘଟଣା

# ଛତିଶଗଡ଼ ଏସ୍‌ଟିଏଫ୍ ଓ କଳାହାଣ୍ଡି ବନ ବିଭାଗର ଚଢ଼ାଉ




କୋକସରା/ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଖଲିଗଡ଼ରେ ଛତିଶଗଡ଼ ଏସ୍‌ଟିଏଫ୍ ଟିମ୍ ଓ କଳାହାଣ୍ଡି ବନ ବିଭାଗ ମିଳିତ ଚଢ଼ାଉ କରି ଶନିବାର ସନ୍ଧ୍ୟାରେ ଜଣକୁ ଗିରଫ କରିବା ସହିତ ରବିବାର ୫ ଜଣକୁ ପଚରାଉଚରା ପାଇଁ ନେଇଥିବା ଘଟଣା ଜିଲ୍ଲାରେ ଚହଲ ସୃଷ୍ଟି କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ଅଧିନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ସନ୍ନିକଟ ଖଲିଗଡ଼ ଗ୍ରାମରୁ ଶନିବାର ସନ୍ଧ୍ୟାରେ ଦୈତାରୀ ଚଲାନ ନାମକ ଜଣେ ବ୍ୟକ୍ତିଙ୍କୁ ୬ଟି ବନ୍ଧୁକ, ଶିକାର ହୋଇଥିବା ଜୀବଜନ୍ତୁଙ୍କ ଅବଶେଷ ସହ ଗିରଫ କରାଯାଇଥିଲା। ବେଆଇନ ବନ୍ଧୁକ ସହ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କୁ ଆଣି ରବିବାର ସନ୍ଧାନି କୁକୁର ସହ ଖଲିଗଡ଼ ଗାଁ କୁ ଆସି ଘେରା ବନ୍ଦୀ କରିଥିଲେ। ଏହାପରେ ଏହି ଘଟଣାରେ ଗାଁର ୫ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ପଚରାଉଚରା କରିବା ପାଇଁ ଧର୍ମଗଡ଼ ରେଞ୍ଜ ଅଫିସ୍‌କୁ ନେଇଥିବା ଜଣାପଡିଛି। ୫ଜଣ ମଧ୍ୟରେ ଖଲିଗଡ଼ ବନ ସୁରକ୍ଷା କମିଟିର ସଭାପତି ଥିବାରୁ ଏହାକୁ ନେଇ ଗାଁରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, ଛତିଶଗଡ଼ରେ ହୋଇଥିବା ବନ୍ୟଜନ୍ତୁ ଶିକାରରେ ବ୍ୟବହାର ବନ୍ଧୁକ କଳାହାଣ୍ଡି ଜିଲ୍ଲାରୁ ଚାଲାଣ ହୋଇଥିବା ସୂଚନା ମିଳିବା ପରେ ସକ୍ରିୟ ହୋଇ ଉଠିଥିଲା ଛତିଶଗଡ଼ ଏସ୍‌ଟିଏଫ୍ ଓ ବନବିଭାଗ। ଏହାର ଛାନଭିନ୍ କରିବା ପରେ ଜୟପାଟଣା ରେଞ୍ଜ ମଙ୍ଗଳପୁର ଗାଁରୁ ଗତ କିଛି ଦିନ ତଳେ ବନ୍ଧୁକ ତିଆରି ସାମଗ୍ରୀ ସହ କିଛି ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଏହାର ଲିଙ୍କ୍ କୋକସରା ସହ ମଧ୍ୟ ଥିବା ଜଣାପଡିବା ପରେ ତଦନ୍ତକୁ ଯୋରଦାର କରିଥିବା ଛତିଶଗଡ଼ ଏସ୍‌ଟିଏଫ୍ ଟିମ୍‌ର ଏସ୍‌ଡିଓ ଗୋପାଳ କଶ୍ୟପ ସୂଚନା ଦେଇଛନ୍ତି। ଏହି ଘଟଣାର ୪ଦିନ ପରେ ଆଜି କୋକସରା ବ୍ଲକ୍ ଖଲିଗଡ଼ ଗାଁରୁ ଜଣକୁ ଗିରଫ ଓ ୫ ଜଣଙ୍କୁ ପଚରାଉଚରା ପାଇଁ ନିଆଯାଇଥିବା ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଆଲୋଚନା ଯୋର ଧରିଛି। ଆଜିର ଏହି ଚଢ଼ଉରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଗଜାନନ୍ଦ ଲାଡେଙ୍କ ସହିତ ଧର୍ମଗଡ଼ ରେଞ୍ଜ ଅଫିସର ଭବାନୀ ଶଙ୍କର କଅଁର, ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଛତିଶଗଡ଼ ଏସ୍‌ଟିଏଫ୍ ଟିମ୍ ଓ ବନବିଭାଗ, ଆମପାଣି ଥାନା ପୁଲିସ ଓ ଆଇଆର୍‌ବି ଯବାନମାନେ ସାମିଲ ହୋଇଥିଲେ।

## 'ଆମ୍ବେଦକରବାଦ ହିଁ ଆଣିପାରିବ ସମାଜରେ ଏକତା, ଭାଇଚାରା ଓ ସମାନତା'

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ସମଗ୍ର ବିଶ୍ୱରେ ଭାରତୀୟ ସମ୍ବିଧାନ ଓ ଏହାର ବିଧିବ୍ୟବସ୍ଥାକୁ ନେଇ କ୍ରମାଗତ ଆସ୍ଥା ବଢ଼ିବାରେ ଲାଗିଛି। ସେହିପରି ଭାବରେ ଦେଶରେ ସମ୍ବିଧାନ ଓ ସମ୍ବିଧାନ ନିର୍ମାତା ବାବା ସାହେବ ଡ. ବି.ଆର୍ ଆମ୍ବେଦକରଙ୍କ ନୀତି ଓ ଆଦର୍ଶ ସର୍ବୋପରି ଆମ୍ବେଦକରବାଦ ହିଁ ସମାଜରେ ଏକତା, ଭାଇଚାରା ଓ ସମାନତା ଆଣିପାରିବ ବୋଲି ଆଜି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଂହାଠାରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଂଗଠନ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନର ବ୍ଲକସ୍ତରୀୟ କମିଟି ଗଠନ ଓ ସାଧାରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନର ସଭାପତି ଶ୍ରୀବସ୍ତ ତାଣ୍ଡି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସାଧାରଣ ସଂପାଦକ ସୂର୍ଯ୍ୟନାରାୟଣ କୁମାର, ଉପସଭାପତି ଓମପ୍ରକାଶ ଛତ୍ରିଆ, ସଞ୍ଜୟ ମେହେର, କୋଷାଧକ୍ଷ ଦେବେନ୍ଦ୍ର ନାଏକ, ଉପଦେଷ୍ଟା ଯୋଗେଶ୍ୱର ସାଗର, ଏସ୍. ସୁଜାତା, ସାମାଜିକ ବିଭାଗ ମୁଖ୍ୟ ରେଣୁକା ଛତ୍ରିଆ, ଯୁବ ବିଭାଗ ମୁଖ୍ୟ ଚନ୍ଦନ ନାଏକ, ସଞ୍ଜୟ ସୁନାନୀ, କର୍ମଚାରୀ ବିଭାଗ ମୁଖ୍ୟ ବୈକୁଣ୍ଠ ବେମାଲ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶୀଲ କୁମାର ବାଗ, ମହିଳା ବିଭାଗ ଉପସଭାନେତ୍ରୀ ଲୀନା କୁମାର, ସଂପାଦିକା ଉଷାରାଣୀ ବାଗ, ନକଟିଗୁଡ଼ା ସଭାନେତ୍ରୀ ଅହଲ୍ୟା ନାଏକ, ସଦସ୍ୟା ସୋନାଲୀ ଦୀପ, ସ୍ନେହଲତା ଦୁର୍ଗା ପ୍ରମୁଖ ଯୋଗ ଦେଇଥିଲେ। ଏଇ ଅବସରରେ ଫେଡେରେସନର କର୍ଲାମୁଣ୍ଡା ବ୍ଲକ୍ ସଭାପତି ଭାବେ ବରୁଣ ସୁନା, ସାଧାରଣ ସଂପାଦକ ଭାବେ ତ୍ରିଭୁବନ ନାଗ, ଉପସଭାପତି ଭାବେ ବରୁଣ ଛତ୍ରିଆ, ରାଷ୍ଟ୍ରପତି ସୁନା, ସଚ୍ଚିଦାନନ୍ଦ ନାଏକ, ଟିକ ବାଗ, ସହ ସଂପାଦକ ଆନନ୍ଦ ନାଗ, ଯୁଗଳ ନାଗ, ଅଜୟ ମହାନନ୍ଦ, ରାଧେଶ୍ୟାମ ବାଗ, କୋଷାଧକ୍ଷ ଦଣ୍ଡପାଣି ନାଏକ, ଆଇନ ବିଭାଗ ମୁଖ୍ୟ ଭାବେ ଦଇତ କୁମାର ନାଏକ, ସାମାଜିକ ବିଭାଗ ମୁଖ୍ୟ ବିଶ୍ୱାମିତ୍ର ନାଗ, ଯୁବ ବିଭାଗ ସଭାପତି ଟୁନୁ ନନ୍ଦ, କର୍ମଚାରୀ ବିଭାଗ ମୁଖ୍ୟ ଶରତ ବାରିକ, ମିଡିଆ ବିଭାଗ ମୁଖ୍ୟ ଭାବେ ସତ୍ୟ ନାରାୟଣ କୁମାର, ସାଂସ୍କୃତିକ ବିଭାଗ କେଶବ ନନ୍ଦ, ନରେଶ ନାଏକ, ବ୍ଲକ୍ ଉପଦେଷ୍ଟା ଭାବେ ଦଇତରାମ ସୁନା, ମହିଷ ଚନ୍ଦ୍ର ସୁନା, ବୁଦ୍ଧେଶ୍ୱର ନାଗ, ରୂପାଧର କୁମାର, ଲକ୍ଷ୍ମଣ କୁମାର, ମଧୁସୂଦନ ବାଗ, ଶୁଭକେଶୀ କୁମାର, ଧର୍ମୁଦୟ ସେନାପତି, ତପି ସେନାପତି, ସୁନୀଲ ସୁନା, ବେଣୁଧର କୁମାର, ଚନ୍ଦ୍ରମଣି ନାଗ, ଟୁକୁମଣି ସୁନା, ଅଶୋକ କୁମାର, ଗୁର ସୁନା, ସନ୍ତଲାଲ ବିଭାର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଫେଡେରେସନର ବ୍ଲକ୍ ମହିଳା ବିଭାଗରେ ହେମବନ୍ତୀ ନନ୍ଦ, କମଳିନୀ ନାଏକ, ବିନୋଦିନୀ ଛତ୍ରିଆ, ତେଜବତୀ ନାଗ, ପ୍ରେମ ବେବର୍ତ୍ତା, ଦୀପା ବାଗ, ସୌରୀ ସୁନା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ମଧୁସୂଦନ ବାଗ ସଭା ପରିଚାଳନା କରିଥିବାବେଳେ ସଚ୍ଚିଦାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋକସରାରେ ଅବକାରୀ ଥାନା ଖୋଲିବାକୁ ଦାବି

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ଚୋରା ମଦ, ଗଞ୍ଜେଇ ସହ ଅନେକ ପ୍ରକାରର ନିଶା କାରବାର ବୃଦ୍ଧି ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ବହୁଳ ମାତ୍ରରେ ପ୍ରଭାବିତ କରୁଛି। ବ୍ଲକ୍‌ର ୨୨ ପଞ୍ଚାୟତର ଅଧିକାଂଶ ଗାଁରେ ମଦ ସହିତ ଅନେକ ନିଶା କାରବାର ବୃଦ୍ଧି ପାଇଛି। ଜୟପାଟଣାଠାରେ ଏକ ଅବକାରୀ ଥାନା ରହିଥିବାବେଳେ ଏହି ଥାନା ଅଧୀନରେ ଜୟପାଟଣା ସମେତ କୋକସରା ଅଞ୍ଚଳ ରହିଛି। ବିଭାଗ ପକ୍ଷରୁ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଧରପଗଡ଼ କରୁଥିଲେ ହେଁ ଆବଶ୍ୟକ ହିସାବରେ ଚଢ଼ାଉ ହୋଇପାରୁ ନାହିଁ। ଦୁଇଟି ବ୍ଲକ୍‌ର ୪୧ ପଞ୍ଚାୟତକୁ ଗୋଟିଏ ଅବକାରୀ ଥାନା ପକ୍ଷରୁ ନିଶା କାରବାରକୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ। କୋକସରା ବ୍ଲକରେ ଆମପାଣି ଓ କୋକସରା ପୁଲିସ ଥାନା ରହିଥିବାବେଳେ ମୋଟେର ଓ ଗୋତମୁଣ୍ଡାଠାରେ ଫାଣ୍ଡି ରହିଛି। ତେବେ ବିଭିନ୍ନ ସମୟରେ ପୁଲିସ ବିଭାଗ ପକ୍ଷରୁ ଯାହା ଚଢ଼ାଉ କରୁଛନ୍ତି ସେଥିରେ ନିଶା କାରବାର କରୁଥିବା ବେପାରୀମାନଙ୍କୁ କୌଣସି ପ୍ରକାରରେ ପ୍ରଭାବ ପଡୁନାହିଁ। ଫଳରେ ଦିନକୁ ଦିନ କୋକସରା ଅଞ୍ଚଳରେ ବେଆଇନ ଭାବେ ନିଶା କାରବାର ବୃଦ୍ଧି ପାଉଛି। ମାଲକାନଗିରି, କୋରାପୁଟ, ପଡୋଶୀ ଜିଲ୍ଲା ନବରଙ୍ଗପୁର ପଟୁ ଆମପାଣି ଘାଟି ରାସ୍ତାଦେଇ ଏହି ଅଞ୍ଚଳକୁ ଗଞ୍ଜେଇ କାରବାର ଯୋରଦାର ଚାଲିଥିବାବେଳେ ପୁଲିସ ଆଇନ୍ ଶୃଙ୍ଖଳା ଓ ଅନେକ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ନିଶା କାରବାରକୁ ରୋକିବା ପାଇଁ ଉଦ୍ୟମ କରିଥିଲେ ହେଁ କୋକସରା ଅଞ୍ଚଳକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ। ଫଳରେ ଏହି ଅଞ୍ଚଳରେ ଚାଲିଥିବା ନିଶା କାରବାର ଉପରେ କୌଣସି ଅଙ୍କୁଶ ରହୁନାହିଁ। ତେଣୁ ସରକାର ଏହା ଉପରେ ଗୁରୁତ୍ୱ ଦେବା ସହିତ କୋକସରାଠାରେ ଏକ ନୂତନ ଅବକାରୀ ଥାନା ଖୋଲିବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛି।

## ରୋଚକ ସ୍ଥିତିରେ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ରାଜନୀତି




ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ରୋଚକ ସ୍ଥିତିରେ ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ରାଜନୀତି। ସେମଧ୍ୟରୁ ଗୋଲାମୁଣ୍ଡା ବ୍ଲକ୍ ଉପରେ ସମସ୍ତଙ୍କ ନଜର। ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ଗୋଲାମୁଣ୍ଡା ବ୍ଲକ୍ ପାର୍ଥୀକୁ ବିଜୟୀ କରିବାରେ ନିର୍ଣ୍ଣାୟକ ଭୂମିକା ନେଉଥିବା କୁହାଯାଉଛି। ବହୁ ବାଦ ବିବାଦ ଭିତରେ ଛନ୍ଦି ହୋଇଥିବା ବର୍ତ୍ତମାନର ବିଧାୟକ ଦିବ୍ୟଶଙ୍କର ମିଶ୍ର ଆଗ ଭଳି ନିଜ ନିର୍ବାଚନ କ୍ଷେତ୍ରରେ ସକ୍ରିୟ ନରହିବା ନେଇ ରାଜନୀତି ସମୀକ୍ଷାରେ ପରିବର୍ତ୍ତନ ହେବା ଆଶାଙ୍କା କରାଯାଉଛି। ଏପରିକି ବିଜେଡି ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ଦଳୀୟ ଟିକେଟ ମିଳିବା ସମ୍ଭାବନା କମ୍ ଥିବା ଲୋକଙ୍କ ଭିତରେ ଏବେ ଠୁ ଚର୍ଚ୍ଚା ଜୋର ଧରିଛି। ତାଙ୍କରି ବିକଳ୍ପରେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ମୈଦାନକୁ ଦଳ ଓହ୍ଲାଇବା ନେଇ ଅଞ୍ଚଳରେ ଆଲୋଚନା ହେଉଛି। ସେଥିପାଇଁ ବ୍ଲକ୍ ଅଧ୍ୟକ୍ଷ ଜୋରସୋରରେ ଲୋକଙ୍କ ନିକଟତମ ହେବାରେ ଲାଗିପଡିଥିବା କୁହା ଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ପାଖକୁ ଯାଇ ସମସ୍ୟା ଓ ତାର ସମାଧାନ କରୁଥିବା ବେଳେ ଦ୍ୱାର ମୁହଁରେ ସେବା ଭଳି କାର୍ଯ୍ୟକ୍ରମ ଆପଣେଇ ଥିବା ମନେ ହେଉଛି। ଏପରିକି ବିଭିନ୍ନ କାର୍ଯ୍ୟକ୍ରମ ସହ ଲୋକଙ୍କ ସମସ୍ୟାର ସମାଧାନ କରିବା ଭଳି ପଦକ୍ଷେପ ନେଇ ସଦା ସର୍ବଦା ସୋସିଆଲ ମେଡିଆରେ ଚର୍ଚ୍ଚା ଭିତରେ ରହୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ରାଜନୀତି ପ୍ରଭାବ ଅଞ୍ଚଳରେ ଦିନକୁ ଦିନ ସକ୍ରିୟ ହେବାରେ ଲାଗିଛି। ବିଶେଷ କରି ଜିଲ୍ଲାରେ କଂଗ୍ରେସ ସ୍ଥିତି ନିଷ୍କ୍ରିୟ ଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସେ ପୁନଃ ଜୀବନ୍ୟାସ ଦେଇ ସକ୍ରିୟ ରଖିବାକୁ ଉଦ୍ୟମ କରୁଥିବା ଆଲୋଚନା ହେଉଛି। ସେ ୨୦୦୨ ମସିହାରେ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଛନ୍ତି। ୨୦୧୨ ମସିହାରେ ଗୋଲାମୁଣ୍ଡା ଯୁବକଂଗ୍ରେସ ସଭାପତି ପରେ ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ମସିହାରେ ଜୁନାଗଡ଼ ନିର୍ବାଚନ ଦାୟିତ୍ୱ ରହିବା ସହ ୨୦୨୦ ମସିହାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରି କଂଗ୍ରେସକୁ ଜୀବନ୍ୟାସ ଦେଇ ଥିବା ଚର୍ଚ୍ଚା ହେଉଛି। ତେବେ ସେ ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ନେବା ପରେ ଜିଲ୍ଲାରେ ଭୁବନ୍ଦକ ପ୍ରକ୍ରିୟା ସାଙ୍ଗକୁ ଗୋଲାମୁଣ୍ଡା ରେରେଜିଷ୍ଟ୍ରେସନ ଅଫିସ ସ୍ଥାପନ, ଚାଷୀଙ୍କ ଭିଭିନ୍ନ ସମସ୍ୟା, ବୀମା ଆଦି ଆନ୍ଦୋଳନ ମାଧ୍ୟମରେ ସଫଳ ହୋଇଥିବା ବଡ଼ ଉପଲବ୍ଧି ଥିବା କୁହାଯାଏ। ଏପରିକି କରୋନା କାଳରେ ଗାଁ ଗାଁରେ ରନ୍ଧା ଖାଦ୍ୟ ସହ ଶୁଖିଲା ଖାଦ୍ୟ ବଣ୍ଟନ କରି ଚର୍ଚ୍ଚା ଭିତରକୁ ଆସିଥିଲେ। ଅଞ୍ଚଳର ସମସ୍ୟା ହେଉ ଅବା ଚାଷୀଙ୍କ ସମସ୍ୟା ଅଥବା ସାଧାରଣ ଲୋକଙ୍କ ସମସ୍ୟା ହେଉ ସେ ଆଗ ଧାଡିରେ ଠିଆ ହୋଇ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରି ଆସୁଛନ୍ତି। ଯାହା ଲୋକଙ୍କ ନିକଟତର ହେବାରେ ସହାୟତା କରିଥିବା ଆଲୋଚନା ହେଉଛି। ତେବେ ଆଗାମୀ ନିର୍ବାଚନ ଯେତିକି ପାଖେଇ ଆସୁଛି ଗୋଲାମୁଣ୍ଡା ଅଞ୍ଚଳରେ ରାଜନୀତି ସେତିକି ଘନେଇବାରେ ଲାଗିଛି। ଜନସାଧାରଣ ସ୍ଥାନୀୟ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ଦଳ କାହାକୁ ପ୍ରାର୍ଥୀ କରିବ ସମୟ ସାପେକ୍ଷ। ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଆଶାୟୀ ପ୍ରାର୍ଥୀଙ୍କ ଲମ୍ବା ତାଲିକା ଥିବା ଅଞ୍ଚଳରେ ଆଲୋଚନା ହେଉଛି।

### ୬ ମାସ ନ ପୂରୁଣୁ ନବ ବିବାହିତାର ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତର ତେଲିସରାବାହିଲି ଗ୍ରାମରେ ରବିବାର ଜଣେ ବିବାହିତା ଯୁବତୀ ଆତ୍ମହତ୍ୟା କରିଥିବା ଜଣାଯାଇଛି। ତେବେ ମୃତକଙ୍କ ପରିବାର ଏହା ଆତ୍ମହତ୍ୟା ନୁହେଁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ସୂଚନା ମତେ ଭଟାପଲା ଲକ୍ଷ୍ମୀପଡ଼ାର ସ୍ୱର୍ଗତ ଯୁଧିଷ୍ଠିର ସାହୁଙ୍କ ଝିଅ କେତକୀ ସାହୁ ଗତ ଜାନୁଆରୀ ୧୫ ତାରିଖରେ ତେଲିସରାବାହିଲିର ରାଧେ ସାହୁଙ୍କ ପୁଅ ଆନନ୍ଦ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ମାସକ ପରେ ସ୍ୱାମୀଙ୍କ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା କେତକୀର କାକା ଅପେଶ୍ୱର ସାହୁ ଅଭିଯୋଗ କରିଛନ୍ତି। ତେଣୁ ତାକୁ ମାରିଦିଆଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ତେବେ ମୃତକଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଁଞ୍ଚି ବେଳେ ଯୁବତୀଙ୍କ ମୃତ ଶରୀର ଏକ ପଲଙ୍କ ଖଟରେ ରହିଥିବା ପରିବାର ପକ୍ଷରୁ କୁହାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତକ ମହିଳା ଜଣକ ଗର୍ଭବତୀ ଥିବା ସୂଚନା ମିଳିଛି। ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି।

## ଓଷ୍ଟାର ୩୩ ତମ ସାମ୍ବିଧାନିକ ସମ୍ମିଳନୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ମେଦିନୀପୁରସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘ ଓଷ୍ଟା, କଳାହାଣ୍ଡି ଶାଖାର ୩୩ତମ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ତିନି ବର୍ଷ ନିମନ୍ତେ କଳାହାଣ୍ଡି ଓଷ୍ଟା ଶାଖା ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ମନୋରଞ୍ଜନ ପାଣିଗ୍ରାହୀ ସଭାପତି ଓ ପ୍ରଭାତ ରଥ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ସନ୍ତୋଷ ରଥ କାର୍ଯ୍ୟକାରୀ ସଭାପତି, ପ୍ରଦୀପ୍ତ ପଣ୍ଡା, ବାଞ୍ଛାନିଧି ପଣ୍ଡା ଓ ପ୍ରଣତୀ ମହାପାତ୍ର ଉପସଭାପତି, ସୂର୍ଯ୍ୟ ଠାକୁର, ବିଷ୍ଣୁ ଗଉଡ ଓ ଅଞ୍ଜନା ସ୍ୱାଇଁ ଯୁଗ୍ମ ସମ୍ପାଦକ, ରାଜେନ୍ଦ୍ର ମହାନ୍ତି, ଦ୍ରୋଣ ତାଣ୍ଡି, ସନ୍ତୋଷ ପ୍ରଧାନ ଓ ଅଜୟ ସାହୁ କାର୍ଯ୍ୟକାରିଣୀ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହି ଅବସରରେ ମନୋରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ ବିଶ୍ୱାଳ, ଉପସଭାପତି ସାରଙ୍ଗଧର ଠାକୁର, ରାଜ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସହ ସମ୍ପାଦକ ଆଶୁତୋଷ ରଥ, 'ଶିକ୍ଷା ପ୍ରଦୀପ' ପତ୍ରିକାର ଯୁଗ୍ମ ସମ୍ପାଦକ ସନ୍ତୋଷ ସାହୁ, ବରଗଡ ଜିଲ୍ଲା ସମ୍ପାଦକ ସଞ୍ଜୟ ସିଂ, ମେଦିନୀପୁରର ପ୍ରଧାନ ଶିକ୍ଷକ ସୁଶୀଳ ବିଶ୍ୱାଳ, ଜିଲ୍ଲା ସମ୍ପାଦକ ପ୍ରଭାତ ରଥ, ପ୍ରାକ୍ତନ ରାଜ୍ୟ ସଭପତି ବିନୋଦ ପାଣିଗ୍ରାହୀ ମଞ୍ଚାସୀନ ଥିବା ଦେଖିବାକୁ ମିଳିଥିଲା। ସମ୍ପାଦକ ଶ୍ରୀ ରଥ ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହ ତିନି ବର୍ଷର ଆୟ ବ୍ୟୟର ତାଲିକା ଉପସ୍ଥାପନ କରିଥିଲେ। ସାମନ୍ତ ପଟ୍ଟଯୋଷୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସନ୍ତୋଷ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଷ୍ଟାର ପ୍ରାକ୍ତନ ସଭାପତି ବିନୋଦ ପାଣିଗ୍ରାହୀ ନବ ନିର୍ବାଚିତ ପଦାଧିକାରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

## 'ବୃକ୍ଷମାନଙ୍କ ସହିତ ଅସତ ବ୍ୟବହାର ନହେଉ'





କୋକସରା, (ଭାସ୍କର ନ୍ୟୁଜ୍): ମଣିଷ ନିଜ ସ୍ୱାର୍ଥ ସାଧନ ପାଇଁ ପ୍ରକୃତି ଓ ବୃକ୍ଷମାନଙ୍କ ସହିତ ଅସତ୍ ବ୍ୟବହାର କରିବାକୁ ପଛେଇ ନଥାଏ। ଜୈବ ବିବିଧତା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ତେବେ ରାସ୍ତା କଡ଼ରେ ଥିବା ବୃକ୍ଷମାନଙ୍କ ଉପରେ ଧାନ ବିହନ କମ୍ପାନୀମାନେ କିଳା ବାଡ଼େଇ ବିଜ୍ଞାପନ ଟିଙ୍ଗି ଚାଲି ଯାଉଛନ୍ତି। ଗଛ ଯେତେବେଳେ ବଢ଼ିବାକୁ ଲାଗିଥାଏ ଉପରୋକ୍ତ ଲୁହା କଣ୍ଟା ଗଛ ଭିତରେ ରହି ଯାଇଥାଏ। ଯଦି ଏହି ଗଛର ପଟା କଟାଯାଏ ତେବେ ଲୁହା କଣ୍ଟା ବାଡେଇ ଥିବା ହେତୁ ଏହାର ବୃହତ୍ ଅଂଶ ନଷ୍ଟ ହୋଇ ଯାଇଥାଏ। ଗୋଟିଏ ଗଛରେ ଯଦି ୧୦ରୁ ଉର୍ଦ୍ଧ ଲୁହା କଣ୍ଟା ବାଡାଯାଏ ତେବେ ସେହି ବୃକ୍ଷ ଭବିଷ୍ୟତରେ ପଟା, ଦ୍ୱାର ବନ୍ଧ, ଲଙ୍ଗଳ, ମଇ, ଖଟ କିମ୍ବା ଅନ୍ୟ ଆସବାବପତ୍ର ତିଆରି କରିବା ପାଇଁ ଅନୁପଯୁକ୍ତ ହୋଇଥାଏ। ଜୀବନ୍ତ ଗଛ ଉପରେ ଲୁହା କଣ୍ଟା ବଡେଇବା ହେତୁ ଗଛ ଉପରେ ଏହାର ଅନେକ ନକରାତ୍ମକ ପ୍ରଭାବ ପଡିଥାଏ। ଶାଗୁଆନ, ଅସନ, ଗମ୍ଭୀରା, ଶାଳ, ପିଆଶାଳ, ଅଶୋକ, ଅର୍ଜୁନ ଆଦି ଗଛ ମାନଙ୍କର ବୃଦ୍ଧି ପାଇବା ଗୁଣ ହ୍ରାସ ପାଇଥାଏ। ସେହିପରି ଫଳ ଗଛ ମାନଙ୍କରେ ଅତ୍ୟଧିକ ଲୁହା କଣ୍ଟା ବାଡାଇବା ଦ୍ୱାରା ଫଳ ପୁଷ୍ପ ଝଡି ଯିବାର ସମ୍ଭାବନା ଦେଖ ଦେଇଥାଏ। ଏହି ବୃକ୍ଷମାନଙ୍କରେ ଅନେକ ସରିସୃପ, ପକ୍ଷୀ ଓ ମାଙ୍କଡ଼ମାନେ ବସା ବାନ୍ଧି ରହିଥାନ୍ତି। ଲୁହା କଣ୍ଟା ଦ୍ୱାରା ସେମାନେ ଅନେକ ସମୟରେ ଆଘାତ ପ୍ରାପ୍ତ ହୋଇଥାନ୍ତି। ଅନ୍ୟ ପକ୍ଷରେ ବୃକ୍ଷର ମଧ୍ୟ ଜୀବନ ଅଛି, ସେ ମାନବ ସମାଜ ପାଇଁ ବରଦାନ ସୁଦୃଶ୍ୟ, ତେଣୁ ତା'ଉପରେ ଅତ୍ୟାଚାର କରିବା ଏକ ସୁସ୍ଥ ସମାଜର ପରିପନ୍ଥୀ ବୋଲି ପ୍ରକୃତି ପ୍ରେମୀମାନେ ମତପୋଷଣ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ' କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଦେଇ ସଂଯୋଗ କରୁଥିବା ୨୬ ନମ୍ବର୍ ଜାତୀୟ ରାଜପଥର ମୋଟେରଠାରୁ କୋକସରା, କାଉଡୋଲା ଦେଇ ଆମପାଣି ଘାଟି ପର୍ଯ୍ୟନ୍ତ ଶହଶହ ଗଛରେ କିଳା ବାଡେଇ ଅନେକ ପ୍ରକାରର ଧାନ ବିହନ କମ୍ପାନୀ ନିଜର ବିଜ୍ଞାପନ ଛାଇ ଦେଇଛନ୍ତି। ଏହି ବିଜ୍ଞାପନ ଫଳରେ ସଂପୃକ୍ତ କମ୍ପାନୀମାନେ ନିଜର ଲୋକ ପ୍ରିୟତା ବଢ଼ାଇ କୋଟି କୋଟି ଟଙ୍କା ଉପାର୍ଜନ କରୁଥିବା ବେଳେ ନିରୀହ ଜୀବ ଜନ୍ତୁ ଓ ବୃକ୍ଷ ଏହା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି। ବିଜ୍ଞାପନ ପ୍ରଦର୍ଶିତ କରିବା ପାଇଁ ଅନେକ ସ୍ଥାନ ଓ ମାଧ୍ୟମ ରହିଛି। ତେବେ ଆମର ଉପକାରୀ ବୃକ୍ଷମାନଙ୍କ ଉପରେ ଲୁହା କଣ୍ଟା ବାଡାଇ ବିଜ୍ଞାପନ ପ୍ରଦର୍ଶିତ କରିବା କେତେ ଦୂର ଠିକ୍ ବୋଲି ବୃଦ୍ଧିଜୀବି ମହଲରୁ ମତ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ଗଛ ଉପରେ ଏପରି ବିଜ୍ଞାପନ ପ୍ରଦର୍ଶିତ କରୁଥିବା ଧାନ ବିହନ କମ୍ପାନୀ ଉପରେ ଜଙ୍ଗଲ ବିଭାଗ ଓ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋକସରା ଅଞ୍ଚଳର ପ୍ରକୃତି ପ୍ରେମୀମାନେ ଦାବି କରିଛନ୍ତି।

## ରାଶିଫଳ


**ମଙ୍ଗଳବାର, ୨୭ ଜୁନ୍ ୨୦୨୩**



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ । ଆୟ ଅପେକ୍ଷା ଅଧିକ ବ୍ୟୟ ହେବ । ବ୍ୟପାରରେ ହାନି ସ୍ଥିତି ରହିବ । କୌଣସି କାମରେ ମନ ଲାଗିବ ନାହିଁ । ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ । ବ୍ୟପାରିକ ଯାତ୍ରା ସଫଳ ରହିପାରେ । ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ । ସୁଖ ସାଧନ ଉପରେ ଖର୍ଚ୍ଚ ହେବ ।




**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । କୌଣସି ମହିଳା ମିତ୍ରର ସାହାଯ୍ୟ କରି ପାରନ୍ତି । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ । କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ । ଆୟ ବ୍ୟୟରେ ସନ୍ତୁଳନ ରହିବ । ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ । ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ । କାହାର ଅପେକ୍ଷା କରନ୍ତୁ ନାହିଁ। ପଢିବା ଓ ଲେଖିବା ଇତ୍ୟାଦି କାର୍ଯ୍ୟରେ ଉତ୍ସାହ ରହିବ ।




**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ । ଆର୍ଥିକ ସମସ୍ୟା ଆସିବ । ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ କମଜୋର ରହିପାରେଫ । ବ୍ୟୟ ଅଧିକ ହେବ । କୌଣସି ଖବର ମିଳିପାରେ । କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ । କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ । ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ । ମିତ୍ରଙ୍କୁ ନିଜର ଦୁଖ ବ୍ୟଥା କୁହନ୍ତୁ । ଘରର କିଛି ପରିସ୍ଥିତି ଖରାପ ହୋଇପାରେ । ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି । ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ । ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ । ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ । ବାହାରକୁ ଯାଅନ୍ତୁ ନାହିଁ ।




**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ । ବିଦ୍ୟାଧ୍ୟାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ । ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି । ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ । ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ । ସମୟ ଅନୁକୂଳ ରହିବ । ଭରପୁର ପ୍ରୟାସ କରନ୍ତୁ ।




**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । ଜୋଖିମ ଉଠାନ୍ତୁ ନାହିଁ । କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ । ଚାକିରି ଯାଇ ପାରେ । ଆକସ୍ମିକ ଧନଲାଭ ହୋଇପାରେ । ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ । ଆୟର ନୂତନ ସ୍ରୋତ ମିଳିପାରେ ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ । ଉତ୍ସାହ ବର୍ଧକ ସୂଚନା ପ୍ରାପ୍ତ କରିବେ । କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢିବ । ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ । ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ । ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ । ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢିବ । ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ । ଏକ ଆଧାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ । ଅଟକିଥିବା ଟଙ୍କା ମିଳିବ । ଆର୍ଥିକ ଅବସ୍ଥା ଭଲ ହୋଇଯିବ । ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ । ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୁରା ହେବ ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ । ଧର୍ମ ପ୍ରତି ଆସ୍ଥା ବଢିବ । ପୂଜା ପାଠରେ ମନ ଲାଗିବ । ରାଜକୀୟ ସହଯୋଗ ପ୍ରାପ୍ତ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଲାଭରେ ବୃଦ୍ଧି ହେବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ନିଜର ଚିନ୍ତାକକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାଯ୍ୟ ନିଅନ୍ତୁ ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ । ଦୁର୍ଘଟନାର ସମ୍ଭାବନା ଅଛି । କିଛି କାର୍ଯ୍ୟ ଖରାପ ହୋଇପାରେ । ବିବାଦକୁ ବଢାନ୍ତୁ ନାହିଁ । ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ । ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ । ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ । ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ । ଧନ ପ୍ରାପ୍ତି ସୁଗମ ହେବ ।



**ମୀନ:**ବ୍ୟାପାରିକ ଯୋଜନା ବିଫଳ ହୋଇପାରେ । ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ । ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ । ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ । ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ । ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ । ଦୈନିକ ରାଶିଫଳ ପାଇବା ପାଇଁ ପେଜକୁ ଲାଇକ କରନ୍ତୁ ।




ସଙ୍କଳନ ସୂତ୍ର

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,

ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଠାରୁ ବଳିଘାଇ ପର୍ଯ୍ୟନ୍ତ ନଦୀବନ୍ଧର ଦୁଇପାର୍ଶ୍ୱରେ ହୋଇଥିବା ସୁଉଚ୍ଚ ଗୁଳ୍ମକୁ ଜେସିବି ମେସିନ ସହାୟତାରେ ସଫା କରାଯିବାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ନଦୀବନ୍ଧରେ ବହୁ ବାଙ୍କ ଥିବା ବେଳେ ସୁଉଚ୍ଚ ଗୁଳ୍ମ ଯୋଗୁଁ ସମ୍ମୁଖ ରାସ୍ତା ଦୃଶ୍ୟମାନ ହେଉନଥିଲା। ଫଳରେ ଏହି ବ୍ୟସ୍ତବହୁଳ ରାସ୍ତାରେ ପ୍ରତିବର୍ଷ ଛୋଟବଡ ଦୁର୍ଘଟଣା ଘଟୁଥିଲା। ଏଥିପାଇଁ ଗୁଳ୍ମ କଟାଯିବା ପାଇଁ ଦାବି ହୋଇ ଆସୁଥିଲା। ବିଭାଗ ପକ୍ଷରୁ ଜେସିବି ମେସିନ ସହାୟତାରେ ଗୁଳ୍ମ ସହ ବାଲିମାଟିର ନଦୀବନ୍ଧ ଉପରେ ବହଳ ଆଚ୍ଛାଦିତ ଘାସକୁ ମଧ ସଫା କରିଦିଆଯାଉଛି। ଏବେ ବର୍ଷାଋତୁ ଆରମ୍ଭ ହୋଇଛି। ଘାସ ସଫା କରିଦିଆଯିବା ଫଳରେ ବର୍ଷାରେ ବନ୍ଧ ଉପରୁ ବାଲିମାଟି ଧୋଇଯାଇ ବନ୍ଧ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଗୁଳ୍ମ ସଫା ହିତ ବଦଳରେ କ୍ଷତି ପହଞ୍ଚାଇବ ବୋଲି ବନ୍ଧ ପାର୍ଶ୍ୱବର୍ତ୍ତୀ ବାସିନ୍ଦାମାନେ ମତପୋଷଣ କରି ଜେସିବିକୁ ସୋମବାର ବନ୍ଦ କରିଦେଇଥିବା ଜଣାଯାଇଛି। ଏହି ସମୟରେ ବିଭାଗ ପକ୍ଷରୁ କୌଣସି ଯନ୍ତ୍ରୀ ଉପସ୍ଥିତ ନଥିବାରୁ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଜନସାଧାରଣଙ୍କ ଆବଶ୍ୟକତାକୁ ସମ୍ମାନ ଜଣାଇ ଜେସିବି ଦ୍ୱାରା କାର୍ଯ୍ୟ ହେବ ନାହିଁ ଓ ଶ୍ରମିକମାନଙ୍କ ଦ୍ୱାରା ଗୁଳ୍ମ କାଟି ସଫା କରାଯିବ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ସୂଚନା ଦେଇଛନ୍ତି।

## ବର୍ଷାରେ ଭୁଶୁଡିଲା ପମ୍ପ ହାଉସ



ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ବ୍ଲକ ସନ୍ତୁପଡା ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ନିର୍ମାଣ ହୋଇଥିବା ପମ୍ପ ହାଉସ ଓ ପାଣି ଟାଙ୍କି ସୋମବାର ଦିନ ଭୁଶୁଡି ନଦୀରେ ଭାସିଯାଇଛି। ଏହା ଉପରେ ତିନୋଟି ପଞ୍ଚାୟତ ବାସୀ ନିର୍ଭର କରିଥାନ୍ତି, ଏହା ଭୁଶୁଡି ପଡିବା ଯୋଗୁଁ ପ୍ରକାଶ ଥାଉକି ଏ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ନିମ୍ନମାନର ବୋଲି ସ୍ଥାନୀୟ ସରପଞ୍ଚ ସହଦେବ ସାହୁ ବାରମ୍ବାର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରି ଆସିଛନ୍ତି। କିନ୍ତୁ ପ୍ରଶାସନ ନିରବ ଦ୍ରଷ୍ଟା ସାଜିବା କାରଣରୁ ଆଜି ଏଭଳି ପରିସ୍ଥିତି ଘଟି ଶେଷରେ ପାଣି ଟାଙ୍କି ପମ୍ପ ହାଉସ ସମ୍ପୂର୍ଣ ଭୁଶୁଡି ପଡିଛି। ଆଜି ଏ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଯାଇଥିଲା। ଏହାକୁ ନେଇ ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ରଞ୍ଜନ କୁମାର ମହାନ୍ତିଙ୍କୁ ଭେଟି ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଜଳ ଯୋଗାଣକୁ ସ୍ୱାଭାବିକ କରା ନଗଲେ ବିଜେପି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଶ୍ରୀ ସାମଲଙ୍କ ପର୍ଶୁରାମ ବାରିକ, ସନ୍ତୁପଡା ସରପଞ୍ଚ ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଜେଡି ସରକାରରେ ବ୍ୟାପକ ଦୁର୍ନୀତି ଓ ପ୍ରବଳ ପିସି ଯୋଗୁଁ ତାଳଚେର ସନ୍ତୁପଡା ପମ୍ପ ହାଉସ ଓ ପାଣିଟାଙ୍କି ଭୁଶୁଡ଼ିଲା ବୋଲି ଶ୍ରୀ ସାମଲ କହିଛନ୍ତି। ବିଜେଡି ସରକାରରେ ପିସି ପ୍ରବଳ କାମ ଦୁର୍ବଳ ବୋଲି ସେ ଅଭିହିତ କରିଛନ୍ତି, ଏହାକୁ ନେଇ ବିଧାୟକ, ସାଂସଦ କଣ ପଦକ୍ଷେପ ନେଉଛନ୍ତି ସେ ପ୍ରଶ୍ନ କରିଛନ୍ତି ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମର ଧର୍ମପରାୟଣା ମହିଳା ସରସ୍ୱତୀ ସାହୁ (୭୫)ଙ୍କର ସୋମବାର ଦିବା ୨ଘଟିକା ସମୟରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହୁ ଦୀର୍ଘ ଦେଢ଼ବର୍ଷ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ, ସ୍ନେହଶୀଳା, ପରୋପକାରୀ ଓ ଧର୍ମପରାୟଣା ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ। ଏଥିସହ ସେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଜୀବନଜ୍ୟୋତି'ର ପରାମର୍ଶଦାତ୍ରୀ ତଥା ଉପଦେଷ୍ଟା ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ବୀରେନ୍ଦ୍ର, ସାନପୁଅ ସମାଜସେବୀ ଧୀରେନ୍ଦ୍ର, ବୋହୂ, ଝିଅ, ନାତି, ନାତୁଣୀଙ୍କ ସମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଘନଘନ ବିଦ୍ୟୁତ୍‌କାଟ୍‌କୁ ନେଇ ବିଦ୍ୟୁତ୍ ଉପଭୋକ୍ତା ସଂଘର ବିକ୍ଷୋଭ

ପରଜଙ୍ଗ(ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବିଦ୍ୟୁତ୍ ସବଡିଭିଜନ ଅଞ୍ଚଳରେ ଘନଘନ ବିଦ୍ୟୁତ୍ କାଟ ନେଇ ଉପଭୋକ୍ତା ସଂଘର ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ସବଡିଭିଜନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ଏହାର ପ୍ରତିକାର ଦିଗରେ ବିଭାଗୀୟ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ଦିଆଯାଇଛି। ଦୀର୍ଘ ବର୍ଷ ଧରି ଏହି ଡିଭିଜନକୁ ତାଳଚେର ଅଞ୍ଚଳ ଚାଇଁପାଳ ଗ୍ରିଡ୍‌ରୁ ୩୩ କେଭି ବିଦ୍ୟୁତ୍ ପରଜଙ୍ଗ ଡିଭିଜନ ସହିତ ସଂଯୋଗ ରହିଛି। ଏହି ଡିଭିଜନରୁ ପରଜଙ୍ଗ ବ୍ଲକ, କଙ୍କଡ଼ାହାଡ଼ ବ୍ଲକର ୧୦ ପଞ୍ଚାୟତ ଓ କାମାକ୍ଷାନଗର ଉପଖଣ୍ଡ ୬ ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ କରାଯାଇ ଉପଭୋକ୍ତାଙ୍କୁ ସେବା ଯୋଗାଇ ଦିଆଯାଇଛି। ଉକ୍ତ ବିଦ୍ୟୁତ୍ ଡିଭିଜନ ଅଧୀନରେ କେତେ କମ୍ପାନୀ ଗଲେଣି କେତେ କମ୍ପାନୀ ଆସିଲେଣି ହେଲେ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ଦୂର ହୋଇ ପାରୁନାହିଁ। କମ୍ପାନୀ ମାନେ ୩୩ କେଭି, ୧୧ କେଭି ଲାଇନ୍ ଉପରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳ କରି ସରଞ୍ଜାମ ବ୍ୟବହାର କରିଥିଲେ ମଧ୍ୟ ପୂର୍ବରୁ ଯେମିତି ବିଦ୍ୟୁତ୍ କାଟ ହେଉଥିଲା ବର୍ତ୍ତମାନ ଟାଟା କମ୍ପାନୀ ନେବା ଦିନଠାରୁ ଅଞ୍ଚଳରେ ଅଧିକ ବିଦ୍ୟୁତ୍ କାଟ ହେଉଛି। ଯାହାକି ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଅନେକ ଅସୁବିଧା ଭୋଗିବାକୁ ପଡୁଛି। ଚଳିତ ବର୍ଷ ଅସହ୍ୟ ଗରମ ଅନୁଭୂତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ମେଘ ପବନ ନଆସିବା ପୂର୍ବରୁ ବିଦ୍ୟୁତ୍ କାଟ ଓ ମେଘ ପବନ ବିଜୁଳି ଘଡଘଡି ହେଲେ ସମଗ୍ର ଅଞ୍ଚଳ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ଅଧିକାଂଶ ଗାଁକୁ ଦିନତମାମ ବିଦ୍ୟୁତ୍ ପାଇବା ତାଙ୍କ ପାଇଁ ସାତସପନ ହୋଇପଡ଼ିଥାଏ। ବର୍ତ୍ତମାନ କୌଣସି କାରଣ ନଥାଇ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ କାଟକୁ ଉପଭୋକ୍ତାଙ୍କୁ ଅସୁବିଧାରେ ପକାଉଛନ୍ତି । ଏହାର ତୁରନ୍ତ ସ୍ଥାୟୀ ପ୍ରତିକାର କରିବା ପାଇଁ ଲିଖିତ ଆକାରରେ ବିଭାଗୀୟ ଯନ୍ତ୍ରୀଙ୍କୁ ହସ୍ତାନ୍ତର କରାଯାଇଛି। ଯଦି ଏହାର ପ୍ରତିକାର ତୁରନ୍ତ ନହୁଏ ତେବେ ଆଗାମୀ ଦିନରେ ଉପଭୋକ୍ତା ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ପହିଲି ବର୍ଷାର ମଜା ନେଉଛନ୍ତି କୁନିକୁନି ପିଲା



ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ସହରର ତାପମାତ୍ରା ଧିରେଧିରେ ନିମ୍ନଗାମୀ ହେଉଛି। ଲୋକମାନେ ଯେଉଁ ଗ୍ରୀଷ୍ମତାତିକୁ ଅନୁଭୂତ କରି ଘରୁ ପଦାକୁ ଗୋଡ଼ କାଢୁନଥିଲେ ଏବେ ମୌସୁମୀର ଆଗମନକୁ ନେଇ ଅଞ୍ଚଳଟି ଶୀଥିଳତାରେ ପରିଣତ ହେଲାଣି। ଲାଗି ରହିଥିବା ଝିପିଝିପି ବର୍ଷାରେ ସ୍ଥାନୀୟ ବାଳକମାନେ ଏହି ପ୍ରଥମ ବର୍ଷାର ପହିଲି ଛୁଆଁରେ ଭିଜିଭିଜି ମଜା ନେଉଥିବା ଦୃଶ୍ୟ ବେଶ ଲୋକଙ୍କୁ ଆନନ୍ଦିନତ କରିଛି । ଦୁଇ ତିନି ଦିନ ହେବ ସମୟେ ସମୟେ ବର୍ଷା ହେବା ଯୋଗୁଁ ବାୟୁ ମଣ୍ଡଳ ଥଣ୍ଡା ପଡ଼ିବା ସହ ଗରମ ଓ ଗୁଳୁଗୁଳି ଅନୁଭୂତ କରୁନଥିବା ଅଞ୍ଚଳବସୀଙ୍କ ନିକଟରୁ ଶୁଣିବାକୁ ମିଳେ। ତେବେ ବର୍ଷାର ଆଗମନକୁ ନେଇ ଅକ୍ଷୟ ତୃତୀୟାଠାରୁ ଚାଷୀମନରେ ଆନନ୍ଦ ଓ ଉଦ୍ଭଲ୍ଲାସ ଭରିଦେଇଥାଏ। ଚାଷ କାର୍ଯ୍ୟରେ ନିଜକୁ ନିୟୋଜିତ କରି ବେଶ ଆନନ୍ଦିତ ହେଉଥିଲେ, ଏବେ ତାହା ଆଉ ପ୍ରାୟ ଦେଖାଯାଉନଥିବା ଆଖାପାଖ ଅଞ୍ଚଳର ଗ୍ରାମ ଗୁଡ଼ିକୁ ପରିଦର୍ଶନ କରି ଗଲେ ଶିଳ୍ପାୟନ ଓ ଖଣିଖାଦାନ ଯୋଗୁଁ ଚାଷକାର୍ଯ୍ୟ ଆଗଭଳି ହେଉ ନାହିଁ ବୋଲି ଚାଷୀଙ୍କ ମୁହଁରୁ ଶୁଣିବାକୁ ମିଳେ। ତେବେ ଆଷାଢ଼ମାସର ଆଷାଢ଼ୀ ଝଡ଼ରେ ତାଳଚେର ଫାଷ୍ଟଗେଟ୍ ରାମଚନ୍ଦ୍ରବଜାର ସ୍ଥିତ ଛୋଟ ପିଲାମାନେ ବର୍ଷାରେ ଭିଜୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ବୃକ୍ଷ ରୋପଣ

ତାଳଚେର (ଭାସ୍କର ନ୍ୟୁଜ୍): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ତାଳଚେର ବ୍ଲକର ବିଭିନ୍ନ ସ୍ଥାନରେ ପାଳନ କରିଛି ବିଜେପି। ସନ୍ତୁପଡା ପଞ୍ଚାୟତର ଶ୍ମଶାନରେ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ସରପଞ୍ଚ ସହଦେବ ସାହୁ, ପ୍ରଦୀପ ସାମଲ, ସୋମନାଥ ସାମଲ, ସୁଶୀଲ ସାମଲ, ପାଣ୍ଡୁ ମହାନ୍ତି, ମଦନ ମୋହନ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଜଗନ୍ନାଥପୁର କାଳୀ ମନ୍ଦିର ଠାରେ ପ୍ରାକ୍ତନ ସରପଞ୍ଚ ନରେନ୍ଦ୍ର ନାହାକ, ଜଗମୋହନ ନାଏକ, ଅନନ୍ତ ଚରଣ ନାହାକ, ପ୍ରକାଶ ସାହୁଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କରା ଯାଇଥିଲା । ତେଣ୍ଟୁଲେଇ ପଞ୍ଚାୟତର ଶିବ ମନ୍ଦିରରେ ପ୍ରତାପ ପଟ୍ଟନାୟକ ଓ ଦୀପକ ଦାସ ଙ୍କ ନେତୃତ୍ୱରେ ସାମୁହିକ ପୂଜାର୍ଚ୍ଚନା ସହ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ତାଳଚେରର ସମସ୍ତ ପଞ୍ଚାୟତ ଓ ଗ୍ରାମରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଛି ।

## ବୋଲେରୋ ଦୁର୍ଘଟଣାରେ ୧୩ ଆହତ



ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡି ପୁରୁଣାହାଟ ଠାରୁ ଅଳ୍ପ କିଛି ଦୂରରେ ରବିବାର ରାତି ପ୍ରାୟ ୧୦ଟାରେ ବିବାହ ଭୋଜି ଖାଇ ଫେରୁଥିବା ସମୟରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୮ଜଣ ଗୁରୁତର ହୋଇଥିବା ବେଳେ ୫ଜଣ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ପିରହାଟ ଥାନା ବାରସର ପଞ୍ଚାୟତ ଅଧିନ ନୂଆବନ୍ଧ ଗ୍ରାମରୁ ବିବାହ ଚତୁର୍ଥୀ ଭୋଜି ସାରି ବାସୁଦେବପୁର ଥାନା ଅଧୀନ ଗୁଆଗଡିଆ ଗ୍ରାମକୁ ଫେରୁଥିବା ବେଳେ ବୋଲେରୋ (ନଂ-ଓଡି ୨୨ସି ୪୮୩୯) ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାହାଫଳରେ ବୋଲେରୋରେ ଥିବା ୧୩ଜଣଙ୍କ ମଧ୍ୟରୁ ୮ ଜଣ ଗୁରୁତର ଆହତ ହୋଇଥିବା ବେଳେ ୫ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ଗୁଆଗଡିଆ ଗ୍ରାମର ନବୀନ ମଳିକ (୭୫), ଝୁନାରାଣୀ ମଳିକ (୨୧), ଅନସୂୟା ମଳିକ (୪୨), ପ୍ରମିଳା ମଳିକ (୪୫), ସସ୍ମିତା ମଳିକ (୨୯), ରଙ୍ଗଲତା ମଳିକ (୩୫), ଜନ୍ମେଞ୍ଜୟ ମଳିକ (୪) ଓ ଜୟନ୍ତ ମଳିକ (୧୪)। ଆହତ ବ୍ୟକ୍ତିମାନଙ୍କୁ ଚିକିତ୍ସା ପାଇଁ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଚତୁର୍ଥୀ ଭୋଜି ଖାଇ କନ୍ୟାପକ୍ଷର ଲୋକମାନେ ଫେରୁଥିବା ବେଳେ ତିହିଡ଼ି ପୁରୁଣାହାଟ ଠାରୁ କିଛି ଦୂରରେ ଚାଳକ ହଠାତ ବ୍ରେକ ମାରିବାରୁ ଭାରସାମ୍ୟ ହରାଇ ବୋଲେରୋ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ପରେ ତିହିଡ଼ି ଯୁବମଞ୍ଚ, ଉତ୍କଳମଣି ସେବା ସଂଘର ସଦସ୍ୟ, ସମାଜସେବୀ ଏବଂ ସ୍ଥାନୀୟ ଲୋକ ସେଠାରେ ପହଞ୍ଚି ବୋଲେରୋକୁ ଉଠାଇବା ସହ ଆହତମାନଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତିହିଡ଼ି ପୋଲିସ ବୋଲେରୋ ଚାଳକଙ୍କୁ ଅଟକ ରଖିବା ସହ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରିଥିବା ଜଣାଯାଇଛି।

## ମଶାଣିରୁ ଶବ ଚୋରି ଘଟଣାରେ ମାମଲା ରୁଜୁ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ କୂଳରେ ଥିବା ଗ୍ରାମ ଶ୍ମଶାନରୁ ଶୁକ୍ରବାର ରାତିରେ ଶବ ଚୋରି ହୋଇଥିବା ଘଟଣାରେ ଅଭିଯୋଗ କ୍ରମେ ସୋମବାର ମାମଲା ରୁଜୁ ହୋଇଛି। ଗ୍ରାମର ତପନ ବେହେରା ଏଥିନେଇ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ୨୦ ଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ଅକ୍ଷୟ ବେହେରାଙ୍କ ଶବକୁ ବୈତରଣୀ ନଦୀକୂଳ 'ସ୍ୱର୍ଗଦ୍ୱାର' ଶ୍ମଶାନରେ ସମାଧି ଦିଆଯାଇଥିଲା। ମାତ୍ର ୨୩ ତାରିଖ ରାତ୍ରରେ ଦୁର୍ବୃତ୍ତମାନେ ଗାତଖୋଳି ଶବ ନେବା ସହ କିଛି ଅଂଶ ପଡିଥିବା ପରଦିନ ସକାଳୁ ଜଣାପଡିଥିଲା। ସେଠାରେ ଏକ ମେଡିକାଲ ଗ୍ଲୋବ୍ସ ମଧ ପଡିଥିଲା। ଏଥିଯୋଗୁଁ ବାର୍ଷିକ କ୍ରିୟା ବାଧାପ୍ରାପ୍ତ ହେବ ଓ ସ୍ମୃତିଚଉରା ନିର୍ମାଣ ସମ୍ଭବ ହେବ ନାହିଁ। ଶବ ଉଦ୍ଧାର କରାଯିବା ସହ ଦୋଷୀକୁ ଧରିବାକୁ ଅନୁରୋଧ କରାଯାଇଛି। ଏଥିସହ ଅନୁରୂପ ଭାବେ ଗ୍ରାମର ଶ୍ରୀକାନ୍ତ ବେହୁରିଆ ଓ ଅନନ୍ତ ନାଥଙ୍କ ଶବକୁ ନିଆଯାଇଥିବା ଓ ଏହାକୁ ଉଦ୍ଧାର କରିବାକୁ ମଧ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଶନିବାର ସକାଳେ ଗ୍ରାମର କେତେକ ଯୁବକ ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ 'ସ୍ୱର୍ଗଦ୍ୱାର' ଶ୍ମଶାନର କେତେକ ସ୍ଥାନରେ ଖୋଳାଯାଇଥିବା ଦେଖିଥିଲେ। ସଦ୍ୟ ସଂସ୍କାର ହୋଇ ପୋତାଯାଇଥିବା ୩ଟି ଶବ ନଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗତ ଅପ୍ରେଲ ୨୪ ତାରିଖରେ ମୃତ୍ୟୁବରଣ କରିଥିବା ଗ୍ରାମର ଶ୍ରୀକାନ୍ତ ବେଉରିଆ, ଗତ ୩ ତାରିଖରେ ମୃତ୍ୟୁବରଣ କରିଥିବା ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନଥିବା ଜଣାପଡିଥିଲା। ଖୋଳାଯାଇଥିବା ୩ ଟି ଗାତ ନିକଟରୁ ସଂସ୍କାର ସମୟରେ ଶବର ପିନ୍ଧାବସ୍ତ୍ର ପଡିଥିଲା। ମାତ୍ର ୨୨ ଦିନ ପୂର୍ବେ ମୃତ୍ୟୁବରଣ କରିଥିବା ଅକ୍ଷୟ ଓ ଅନନ୍ତଙ୍କ ସଢ଼ାମାଂସ କଢାଯାଇ ପଡିଥିଲା। ଗୋଟିଏ ଗ୍ଲୋବସ ପଡିଥିଲା। ଗ୍ରାମବାସୀଙ୍କ ଶବ ମଧ ସୁରକ୍ଷିତ ନୁହେଁ ବୋଲି ଗ୍ରାମବାସୀମାନେ ମତପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଗଣମାଧ୍ୟମରେ ଏହି ଘଟଣା ପ୍ରକାଶ ପାଇବା ପରେ ଜିଲ୍ଲା ପୁଲିସ ଅଧିକ୍ଷକ ବରୁଣ ଗୁ□ପାଲ୍ଲି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେବା ପରେ ପୁଲିସ ଉପଖଣ୍ଡ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ଘଟଣାସ୍ଥଳକୁ ରବିବାର ଅପରାହ୍ନରେ ପ୍ରାଥମିକ ତଦନ୍ତ କରିଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର: ସମାଧାନ କମ୍, ଲୋକ ଦେଖାଣିଆ ବେଶୀ

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ପ୍ରତି ତିନି ମାସରେ ଖାଲି ଲୋକଦେଖାଣିଆ ଭାବେ ଅନୁଷ୍ଠିତ ହେଉଛି। ପ୍ରକାଶଯୋଗ୍ୟ ପୁରୀର ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଏଠାରୁ ବଦଳି ହେବା ଦିନ ଠାରୁ ଡେଲାଙ୍ଗରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେଲେ ଲୋକଙ୍କ ଦୁଃଖ ବୁଝିବାକୁ ଏହି ଶିବିରକୁ କୌଣସି ଜିଲ୍ଲାପାଳ ଆସୁନାହାନ୍ତି। କେବଳ ଅତିରିକ୍ତ ଜିଲ୍ଲାପାଳ ଏହି ଜନଶୁଣାଣି ଶିବିରରେ ଯୋଗ ଦେଉଥିବାବେଳେ ପୋଲିସ୍ ବିଭାଗର ଏସ୍‌ପି କିମ୍ବା ଏସ୍‌ଡିପିଓଙ୍କ ଦେଖାଦର୍ଶନ ନାହିଁ। ସବୁଠାରୁ କୌତୁହଳର ବିଷୟ ହେଲା ଯେଉଁ ପୋଲିସ୍ ଅଧିକାରୀଙ୍କ ବିରୋଧରେ ଲୋକଙ୍କ ଅଭିଯୋଗ ରହିଛି, ସେହି ଅଧିକାରୀ ଯଦି ଜନଶୁଣାଣି ଶିବିରରେ ଏସ୍‌ପିଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ନିର୍ବାହ କରନ୍ତି ତେବେ ସାଧାରଣଲୋକେ ନ୍ୟାୟ ପାଇବେ କେମିତି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡେଲାଙ୍ଗ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ହେଉଥିବା ଅଭିଯୋଗ ମଧ୍ୟରୁ ଅଧିକାଂଶ ଅଭିଯୋଗର ସମାଧାନ ହେଉ ନଥିବା ବେଳେ କେବଳ ଧର୍ମକୁ ଆଖିଠାର ସଦୃଶ ଏଠାରେ ପ୍ରଶାସନ ପକ୍ଷରୁ ପ୍ରତି ତିନି ମାସରେ ଥରେ ଲେଖାଏଁ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ତେବେ ଏହି ଶିବିରକୁ ବିଭିନ୍ନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ନଆସି



ସେମାନଙ୍କ ଅଧଃସ୍ତନ ଅଧିକାରୀଙ୍କୁ ଶିବିରକୁ ପଠାଇ ଦେଉଥିବାରୁ ଲୋକଙ୍କ ସମସ୍ୟାର ଆଶାନୁରୂପ ସମାଧାନ ହୋଇପାରୁନାହିଁ। ଏପରିକି ସଠିକ୍ ଭାବେ ପ୍ରଚାର ପ୍ରସାର ଅଭାବରୁ ଅଭିଯୋଗକାରୀଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବେ ହ୍ରାସ ପାଉବାରେ ଲାଗିଛି। ସୋମବାର ଦିନ ଡେଲାଙ୍ଗ ବ୍ଲକ୍ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ମଧ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରଶ୍ମିରେଖା ଦାସ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ତହସିଲଦାର ନିବେଦିତା ପରିଡ଼ା, ବ୍ଲକ୍ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ବିଡ଼ିଓ ଲାବନ୍ୟେନ୍ଦୁ ମହାନ୍ତି ଓ ଏବିଡ଼ିଓ ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ନିମନ୍ତେ ବିଭିନ୍ନ ଲାଇନ୍ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ୪୩ଟି ବ୍ୟକ୍ତିଗତ ଓ ୫-ଟି ସାମୁହିକ ଅଭିଯୋଗକୁ ମିଶାଇ ସମୁଦାୟ ୪୮ଟି ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇ ଏହାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ। ପୋଲିସ୍ ପ୍ରଶାସନ ସମ୍ପର୍କିତ ଅଭିଯୋଗ ଶୁଣିବାକୁ ଏହି ଶିବିରରେ କୌଣସି ଉଚ୍ଚପଦସ୍ଥ ପୋଲିସ୍ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଗଙ୍ଗୁଆ ନାଳର ପ୍ରଦୂଷିତ ବିଷାକ୍ତ ଜଳ ଦୟା, ଲୁଣା ଓ ଭାର୍ଗବୀ ନଦୀରେ ମିଶିବା ଯୋଗୁଁ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହେବା ସହ ଲୋକେ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି ବୋଲି ଅଖିଳ ଭାରତ କୃଷକ ମହାସଭା ତଥା ଦୟା ବଞ୍ଚାଅ ସୁରକ୍ଷା ଅଭିଯାନ,ପୁରୀ ଜିଲ୍ଲା କମିଟି ପକ୍ଷରୁ ଅଶୋକ ପ୍ରଧାନ, କିଷାନ ପଟ୍ଟନାୟକ, ରାମଚନ୍ଦ୍ର ମହାରଣା ଓ ତ୍ରିଲୋଚନ ବେହେରା ପ୍ରମୁଖ ଶତାଧିକ ଲୋକେ ଅଭିଯୋଗ କରିଥିଲେ। ଦୟା ନଦୀକୁ ଅବରୋଧମୁକ୍ତ କରିବା, ଜଳ ପ୍ରଦୂଷଣ ରୋକିବା, ଲୁଣା ନଦୀରେ ଆନିକଟ ନିର୍ମାଣ କରିବା, ସମସ୍ତ ମୁକୁଳା ପଡିଥିବା ପୋଲିଆ ଗୁଡିକରେ କବାଟ (ସ୍ଲୁଇସ୍ ଗେଟ୍) ବ୍ୟବସ୍ଥା କରିବା ସହ ସଠିକ୍ ଭାବେ ନଦୀ ଓ ନାଳ ଖନନ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଥିଲା। ଅଭିଯୋଗଗୁଡ଼ିକୁ ଶୁଣିବା ପରେ ୭ଦିନ ମଧ୍ୟରେ ସମସ୍ତ ସ୍ଲୁଇସ୍ ଗେଟ୍ ମରାମତି କରିବା, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଜଳସେଚନ ଓ ଡ୍ରେନେଜ୍ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ କ୍ଷେତ୍ର ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିବା, ସାମୟିକ ଭାବେ ଲୁଣା ନଦୀ ଖନନ କାର୍ଯ୍ୟ ବନ୍ଦ କରିବା ଓ ଟାଟା ପାୱାର କମ୍ପାନୀର ବିଜୁଳି କାଟ ଯନ୍ତ୍ରଣା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ମୁନିନ୍ଦା ପଞ୍ଚାୟତରେ ମେଗା ଜଳ ପ୍ରକଳ୍ପ ସମସ୍ୟା, ରାସ୍ତାଘାଟ ସମସ୍ୟା, ଭତ୍ତା ବଣ୍ଟନରେ ବ୍ୟାଙ୍କର ଅସହଯୋଗ ସମ୍ପର୍କରେ ସରପଞ୍ଚ ଶେଷଦେବ ବାରିକ, ସମିତି ସଭ୍ୟା ସ୍ୱର୍ଣ୍ଣଲତା ନାୟକ, କଲ୍ୟାଣପୁର ପଞ୍ଚାୟତ ସରପଞ୍ଚ ଗୋବର୍ଦ୍ଧନ ସେଠୀ ପ୍ରମୁଖ ଆରୋପ କରିଥିଲେ। ଲୋକଙ୍କ ସମସ୍ତ ଅଭିଯୋଗ ଶୁଣିବା ପରେ ଏଗୁଡ଼ିକର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ ବିଭିନ୍ନ ଲାଇନ୍ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡେଲାଙ୍ଗ ଥାନାଧିକାରୀ ଅନିଲ କୁମାର ମହାନ୍ତି, ଏସଆଇ କେଳୁଚରଣ ଜେନା, ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ ସଦଳବଳ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ଶିବିର ପରିଚାଳନାରେ ସହଯୋଗ ପାଇଁ ବ୍ଲକ୍ ଉପାଧକ୍ଷ ଦୁର୍ବାସା ନିଶଙ୍କ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅନାଥ ପିଲାଙ୍କ ସହ ଖୁସି ବାଣ୍ଟିଲେ ପତିପତ୍ନୀ


ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ଉପଖଣ୍ଡରେ ଅନେକ ସମାଜସେବୀ ନିଜର ଜନସେବା କାର୍ଯ୍ୟ ଆରମ୍ଭ କରି ସମାଜରେ ନିଜର କୀର୍ତ୍ତି ଅର୍ଜନ କରୁଥିବା ବେଳେ ସେହିପରି ଅନ୍ୟ ଉଦାରବ୍ୟକ୍ତି ବାଲ୍ୟଜୀବନରୁ ସମାଜସେବା ନିଜର ବ୍ରତଭାବେ ଗ୍ରହଣ କରିନେଇଛନ୍ତି ସହଧର୍ମିଣୀ ଓ ତାଙ୍କ ପତି । ସେହି ବ୍ୟକ୍ତି, ସମାଜସେବା କାର୍ଯ୍ୟକରି କେବେ ନିଜର ପ୍ରଶଂସାକୁ କେବେ ଆଶା ନକରି ଏହା ତାଙ୍କର ଜୀବନର ଏକ ବାସ୍ତବଚିତ୍ର ବୋଲି ଅନେକଙ୍କ ନିକଟରୁ ଶୁଣିବାକୁ ମିଳେ। ସୂଚନାଯୋଗ୍ୟ ଯେ, ତାଳଚେର ବ୍ଲକ ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମର ଶ୍ରୀମତୀ ଜଲ୍ଲି ବେହେରା ଓ ତାଙ୍କ ସ୍ୱାମୀ ବାପୁନ ସାହୁ ପ୍ରତ୍ୟେକ ସମୟରେ ଗରିବ ଏବଂ ଅସହାୟ ଲୋକମାନଙ୍କୁ ସାହାଯ୍ୟର ହାତବଢ଼ାଇ ସେମାନଙ୍କ ଦୁଃଖକୁ ଯଥା ସମ୍ଭବ ଲାଘବ କରୁଥିବା ବେଳେ ତେଟୁଂଲେଇ ବଳରାମ ଗ୍ରାମଠାରେ ଥିବା ଏକ ଅନାଥ ଆଶ୍ରମରେ ପଂହଚି ଉଭୟେ ଅସହାୟ ଏବଂ ଅନାଥ ପିଲାମାନଙ୍କୁ କୋଳେଇ ନେଇ ନିଜର ସ୍ନେହ ଅର୍ପଣ କରି ସେମାନଙ୍କୁ ଖାଦ୍ୟ ସାମଗ୍ରୀ ଓ ପାଠ ପଢ଼ିବାପାଇଁ ଆନୁସାଙ୍ଗିକ ଉପକରଣ ଇତ୍ୟାଦି ପ୍ରଦାନ କରି ଅଞ୍ଚଳରେ ଏକ ଚର୍ଚ୍ଚିତ ଚେହେରାରେ ପରିଣତ କରିପାରିଛନ୍ତି ।

## ୧୯୯୩ ବ୍ୟାଚର ଛାତ୍ର ଓ ଛାତ୍ରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନାସଭା

ଦୋଳସାହି(ଭାସ୍କର ନ୍ୟୁଜ୍) :ତିହିଡି ବ୍ଲକ ଅନ୍ତର୍ଗତ ସାମନ୍ତରାୟପୁର୍ ଉଚ୍ଚ ବିଦ୍ୟାଳୟରେ ୧୯୯୩ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ପ୍ରାକ୍ତନ ଛାତ୍ର ରଞ୍ଜିତ୍ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ଦାସ ଉପସ୍ଥିତ ରହି ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା କରିବା ସହିତ ଆଗାମୀଦିନରେ କିପରି ଶିକ୍ଷା ସହାୟତାରେ ନିଜର ପିତା ମାତା ସମ୍ମାନ ଦେବା ସହ ସୁନ୍ଦର ମଣିଷଟିଏ ହେବା ପାଇଁ ପ୍ରେରଣା ଦେଇଥିଲେ।

## ରାଶିଫଳ

ମଙ୍ଗଳବାର, ୨୭ ଜୁନ୍ ୨୦୨୩



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢ଼ିବ ଓ ପ୍ରଗତି ନିଶ୍ଚିତ ହେବ । ଆୟ ଅପେକ୍ଷା ଅଧିକ ବ୍ୟୟ ହେବ । ବ୍ୟପାରରେ ହାନି ସ୍ଥିତି ରହିବ । କୌଣସି କାମରେ ମନ ଲାଗିବ ନାହିଁ । ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ । ବ୍ୟପାରିକ ଯାତ୍ରା ସଫଳ ରହିପାରେ । ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ । ସୁଖ ସାଧନ ଉପରେ ଖର୍ଚ୍ଚ ହେବ ।




**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । କୌଣସି ମହିଳା ମିତ୍ରର ସାହାଯ୍ୟ କରି ପାରନ୍ତି । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ । କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ । ଆୟ ବ୍ୟୟରେ ସନ୍ତୁଳନ ରହିବ । ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ । ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ । କାହାର ଅପେକ୍ଷା କରନ୍ତୁ ନାହିଁ। ପଢିବା ଓ ଲେଖିବା ଇତ୍ୟାଦି କାର୍ଯ୍ୟରେ ଉତ୍ସାହ ରହିବ ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ । ଆର୍ଥିକ ସମସ୍ୟା ଆସିବ । ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ କମଜୋର ରହିପାରେଫ। ବ୍ୟୟ ଅଧିକ ହେବ । କୌଣସି ଖବର ମିଳିପାରେ । କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ । କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ । ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ । ମିତ୍ରଙ୍କୁ ନିଜର ଦୁଖ ବ୍ୟଥା କୁହନ୍ତୁ । ଘରର କିଛି ପରିସ୍ଥିତି ଖରାପ ହୋଇପାରେ । ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି । ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ । ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ । ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ । ବାହାରକୁ ଯାଆନ୍ତୁ ନାହିଁ ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ । ବିଦ୍ୟାଧାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ । ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି । ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ । ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ । ସମୟ ଅନୁକୂଳ ରହିବ । ଭରପୁର ପ୍ରୟାସ କରନ୍ତୁ ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । ଜୋଖିମ ଉଠାନ୍ତୁ ନାହିଁ । କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ । ଚାକିରି ଯାଇ ପାରେ । ଆକସ୍ମିକ ଧନଲାଭ ହୋଇପାରେ । ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ । ଆୟର ନୂତନ ସ୍ରୋତ ମିଳିପାରେ ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ । ଉତ୍ସାହ ବର୍ଧକ ସୂଚନା ପ୍ରାପ୍ତ କରିବେ । କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢ଼ିବ । ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ । ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ । ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ । ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢ଼ିବ । ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ । ଏକ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ । ଅଟକିଥିବା ଟଙ୍କା ମିଳିବ । ଆର୍ଥିକ ଅବସ୍ଥା ଭଲ ହୋଇଯିବ । ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ । ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୁରା ହେବ ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ । ଧର୍ମ ପ୍ରତି ଆସ୍ଥା ବଢ଼ିବ । ପୂଜା ପାଠରେ ମନ ଲାଗିବ । ରାଜକୀୟ ସହଯୋଗ ପ୍ରାପ୍ତ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଲାଭରେ ବୃଦ୍ଧି ହେବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ନିଜର ଚିନ୍ତାକକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାଯ୍ୟ ନିଅନ୍ତୁ ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ । ଦୁର୍ଘଟନାର ସମ୍ଭାବନା ଅଛି । କିଛି କାର୍ଯ୍ୟ ଖରାପ ହୋଇପାରେ । ବିବାଦକୁ ବଢାନ୍ତୁ ନାହିଁ । ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ । ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ । ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ । ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ । ଧନ ପ୍ରାପ୍ତି ସୁଗମ ହେବ ।



**ମୀନ:**ବ୍ୟାପାରିକ ଯୋଜନା ବିଫଳ ହୋଇପାରେ । ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ । ଜୀବନସାଥିଙ୍କ ମହତ୍ୱପୂର୍ଣ ସହଯୋଗ ମିଳିବ । ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ । ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ । ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ । ଦୈନିକ ରାଶିଫଳ ପାଇବା ପାଇଁ ପେଜକୁ ଲାଇକ କରନ୍ତୁ ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର



ନିମାପଡ଼ା (ଭାସ୍କର ନ୍ୟୁଜ୍) : ନିମାପଡ଼ା ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଫିସ ପକ୍ଷରୁ ଆଜି ଶିକ୍ଷା ସଚେତନତା ପରିକ୍ରମା ରଥ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷ ଶଙ୍କର ଭୋଇ ଏବଂ ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ ଉଦ୍‌ଘାଟନ କରିଥିଲେ । ପ୍ରାକ୍ଟିସିଂ ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପରିଚାଳନା କରିଥିଲେ । ପ୍ରାକ୍ଟିସିଂ ସ୍କୁଲର ଛାତ୍ରଛାତ୍ରୀମାନେ ଶିକ୍ଷା ସଂପର୍କିତ ପ୍ଲାକାର୍ଡ଼ ଧରି ସହର ପରିକ୍ରମା କରିଥିଲେ । ଛାତ୍ରଛାତ୍ରୀମାନେ ଶିକ୍ଷାଧିକାର ଆଇନ, ଶିଶୁର ଅଧିକାର, ଶିକ୍ଷା ପରିଚାଳନା, ନିୟମିତ ସ୍କୁଲକୁ ଆସିବା ବିଷୟକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆମେ ସ୍କୁଲ ଯିବା, ପ୍ରତ୍ୟେକ ପିଲା ପଢ଼ିବେ, ପ୍ରତ୍ୟେକ ପିଲା ବଢ଼ିବେ ବାର୍ତ୍ତାକୁ ପ୍ରଚାର କରିଥିଲେ। ଏବିଓ ସରୋଜିନୀ ମିଶ୍ର, ପ୍ରତିଭା ମହାନ୍ତି, ଲକ୍ଷ୍ମୀଧର ସେଠୀ, ସୁକାନ୍ତ ସାହୁ, ଶ୍ରୀମ' ରଥ, ନିର୍ମଳ ମିଶ୍ର, ରବି ତ୍ରିପାଠୀ, ବିଷ୍ଣୁ ପରିଡ଼ା, ମନୋରଞ୍ଜନ ମଙ୍ଗରାଜ, ନିରନ ବାରିକଙ୍କ ସହ ବିଇଓଙ୍କ ଅଫିସ କର୍ମଚାରୀ ଉପସ୍ଥିତ ଥିଲେ ।

### ବିଦ୍ୟୁତ ବିଭ୍ରାଟ ନେଇ ତେଜିଲା ଜନଅସନ୍ତୋଷ

## ରାସ୍ତା ଅବରୋଧ କଲେ ଉପଭୋକ୍ତା



କନ୍ଧମାଳ,(ଭାସ୍କର ନ୍ୟୁଜ ) : ସରକାର ନିରନ୍ତର ବିଦ୍ୟୁତ୍ ଯୋଗଣ ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଅନେକ ସ୍ଥାନରେ ଲୋକେ ବିଦ୍ୟୁତ୍ ଭଳି ମୌଳିକ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ କନ୍ଧମାଳ ବ୍ଲକର ଅନେକ ସ୍ଥାନରେ ପ୍ରବଳ ଗରମ ସତ୍ତ୍ୱେ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବା ବେଳେ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା କେହି ଶୁଣୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆଜି ବିଦ୍ୟୁତ ବିଭାଗର କର୍ମଚାରୀମାନେ ଉକ୍ତ ଅଞ୍ଚଳର ଏକ ହୋଟେଲକୁ ଖାଇବାକୁ ଯାଇଥିବା ବେଳେ ଲୋକେ ତାଙ୍କୁ ବିଦ୍ୟୁତ ସମସ୍ୟା ବିଷୟରେ ପଚାରିଥିଲେ। ସେମାନେ କୌଣସି ସନ୍ତୋଷ ଜଣକ ଉତ୍ତର ଦେଇ ନ ପାରିବାରୁ ଲୋକେ ବିଭାଗୀୟ ଅଧିକାରୀଙ୍କୁ ତାଙ୍କ ସହିତ କଥା କରାଇବାକୁ କହିଥିଲେ। ଫଳରେ ସେମାନେ ଜଣେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ କଥାକରାଇବାରୁ ସେ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ଲୋକେ ଉତ୍ତ୍ୟକ୍ତ ହୋଇ ଦୀର୍ଘ ୫ ଦିନ ହେଲା ଅନ୍ଧାରରେ ଥିବା କନ୍ଧମାଳ ବ୍ଲକ ଅନ୍ତର୍ଗତ ଖଟଖଟିଆ ଅଞ୍ଚଳର ଉପଭୋକ୍ତା ମାନେ ଉତ୍ତ୍ୟକ୍ତ ହୋଇ ରାଜ୍ୟ ରାଜପଥ ନଂ ୪୧କୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇ ଥିଲା। ଦୀର୍ଘ ୬ ଘଣ୍ଟା ପରେ ମନମୁଣ୍ଡା ପୋଲିସ ଉପସ୍ଥିତିରେ ବିଭାଗୀୟ ଏସଡ଼ିଓ ଦିଲେଶ୍ୱର ଆଚାର୍ଯ୍ୟ ସମସ୍ୟାର ତୁରନ୍ତ ସମାଧାନ କରିବା ସହିତ ଆଗାମୀଦିନରେ ଏହିଭଳି ସମସ୍ୟା ନ ହେବା ସହିତ ନିରବଛିନ୍ନ ଭାବେ ବିଦ୍ୟୁତ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକ ହଟିଥିଲା। ଅଞ୍ଚଳରେ ବାରମ୍ବାର ଏ ଭଳି ବିଦ୍ୟୁତ୍ କାଟକୁ ନେଇ ଲୋକେ ଅତିଷ୍ଠ ହୋଇ ପଡିଥିବା ବେଳେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି ।

## ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

ବୈଶିଙ୍ଗା (ଭାସ୍କର ନ୍ୟୁଜ୍) : ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତର ଜୟପୁରିଆ ଗ୍ରାମର ରଘୁ ମାରାଣ୍ଡିଙ୍କ ପୁତ୍ର କାରୁ ମାରାଣ୍ଡି (୫୩) ଙ୍କ ଆଜି ସୋମବାର ଅପରାହ୍ନରେ ହୃତଘାତରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ କାରୁ ନିଜ ଚାଷ କାର୍ଯ୍ୟ ବିଷୟରେ ପୁରୁଣିଆ ଯାଇଥିଲେ। ସେଠାରୁ ଫେରି ଘରେ ପହଞ୍ଚିବା ପରେ ତାଙ୍କ ମୁଣ୍ଡ ବୁଲାଇବା ଯୋଗୁଁ ବିଛଣାରେ ପଡି ଯାଇଥିଲେ। ପରିବାରବର୍ଗ ସଙ୍ଗେ ସଙ୍ଗେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ। ସେଠାରେ ଡାକ୍ତର ଅଙ୍କିତା ପୃଷ୍ଟି ମୃତ ବୋଲି ଘୋଷଣା କରିଥିଲେ। କଳମା ପଞ୍ଚାୟତର ସରପଞ୍ଚ ଗୋପିନାଥ ସିଂ ଏବଂ ପରିବାର ଲୋକ ଡାକ୍ତରଖାନାକୁ ଆସି ମର ଶରୀରକୁ ଗ୍ରାମ ନେଇଯାଇ ଅନ୍ତିମ ସଂସ୍କାର କରିଥିବା ଜଣାଯାଇଛି। ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳିଯାଇଥିବା ବେଳେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପାଚେରୀ ଭୁଶୁଡିବା ଘଟଣା

## ଥାନାରେ ସରପଞ୍ଚଙ୍କ ଅଭିଯୋଗ



ନିମାପଡ଼ା (ଭାସ୍କର ନ୍ୟୁଜ୍): ସାମାନ୍ୟ ବର୍ଷାରେ ପାଚେରୀ ଭାଙ୍ଗିବା ଖବର ପ୍ରସାରଣ ପରେ ସ୍ଥାନୀୟ ସରପଞ୍ଚ ନିମାପଡା ଥାନାରେ ଅଭିଯୋଗ କରିଛନ୍ତି ଯେ, କୌଣସି ଦୁର୍ବୃତ୍ତ ପାଚେରୀକୁ ଭାଙ୍ଗି ଦେଇଛି ବୋଲି । ଏ ସଂପର୍କରେ ମଧ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଦୁର୍ନୀତିକୁ ଲୁଚାଇବା ପାଇଁ ରୀତିମତ ଚକ୍ରାନ୍ତ ବୋଲି ଜନମତ ପ୍ରକାଶ ପାଇଛି । ପାଚେରୀକୁ ପୋତ ଦିଆନଯାଇ ମାଟି ଉପରେ ଠିଆ ହୋଇ ନିମ୍ନମାନର କରାଯାଇଥିବା କାରଣରୁ ବର୍ଷାହେବା ପରେ ପାଚେରୀ ଭୁଶୁଡି ପଡିଥିଲା । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଭୋଗଶାଳଦା ପଞ୍ଚାୟତ ସାଇଲୋ ଚକ ନିକଟରେ ରତ୍ନାକର ଦାଶ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ମଣ୍ଡପର ମୁଖ୍ୟ ଦ୍ୱାର ପଟେ ୧୦୦ଫୁଟରୁ ଉର୍ଦ୍ଧ୍ୱ ପାଚେରୀଟି ମୌସୁମିର ପହିଲି ବର୍ଷାରେ ଭୁଶୁଡି ପଡିଛି। ନିମ୍ନମାନର କାର୍ଯ୍ୟ କାରଣରୁ ପାଚେରୀଟି ଭୁଶୁଡିଥିବା ଜଣାପଡିଥିଲା। ପରେ ପଞ୍ଚାୟତର ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି, କୌଣସି ଦୁର୍ବୃତ୍ତ ପାଚେରୀଟି ଭାଙ୍ଗି ଦେଇଛି। ସେହିପରି ବିଡିଓଙ୍କ ନିକଟରେ ମଧ ସରପଞ୍ଚ ଅଭିଯୋଗ କରିଛନ୍ତି। ପାଚେରୀ ନିର୍ମାଣ କରିଥିବା ବ୍ୟକ୍ତିର ଦୋଷ ଦୁର୍ବଳତା ଲୁଚାଇବା ପାଇଁ ଏପରି କରାଯାଇଥିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କାହା ନାମରେ କାର୍ଯ୍ୟାଦେଶ ଥିଲା ସେହି ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ସାଧାରଣରେ ଆଲୋଚନା ହେଉଛି ।

## ଯୁବ ବିଜେଡିର ନୂତନ କାର୍ଯ୍ୟକର୍ତ୍ତା ମନୋନୀତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଯୁବ ଜନତାର ନୂତନ କାର୍ଯ୍ୟକର୍ତା ମନୋନୀତ ହୋଇଛନ୍ତି। ଇଶାଣୀବରହମପୁର ଗ୍ରାମପଞ୍ଚାୟତର ବିଶିଷ୍ଟ ବିଶିଷ୍ଟ ବିଜେଡି ଯୁବନେତା ତଥା ଶିର୍ଲୋ ସେବା ସମବାୟ ସମିତିର ନିର୍ଦ୍ଦେଶକ ଗୋପିନାଥ ପଲେଇଙ୍କୁ କଟକ ଜିଲ୍ଲା ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ରୂପେ ମନୋନୀତ କରାଯାଇଛି। ସେହିପରି ଭାବେ ଉପସଭାପତି ଭାବେ ସର୍ବଶ୍ରୀ ଶୁଧାଂଶୁ ଶେଖର ରାଉତରାୟ,ରଘୁନାଥ ସେଠୀ, ସଞ୍ଜୟ ଦଳାଇ,ସାଧାରଣ ସମ୍ପାଦକ ରୂପେ ଦିଲିପ କୁମାର ଜେନା,ରଞ୍ଜନ ସେଠୀ, ସନ୍ଦୀପ ନାୟକ ,ବିଦ୍ୟାଧର ବେହେରା,ସମ୍ପାଦକ ଭାବେ ଅନିଲ କୁମାର ବାରିକ,ପଙ୍କଜ ରାଉତ,ଦେବଦତ ମହାନ୍ତି,ଆଇଟିସି ଭାବେ ଅଭିଶେକ ଦତ, ପ୍ରକାଶ ବେହେରା ପ୍ରମୁଖଙ୍କୁ ମନୋନୀତ କରାଯାଇଥିବାର ଦଳୀୟ ସୂତ୍ରରୁ ଜଣାଯାଇଛି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) :ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିହପଡ଼ାଳ ଠାରେ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼. ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ।ସମ୍ମାନିତ ଅତିଥି ରୂପେ ଉପସଭାପତି ଅନୁପମ ବାନାର୍ଜୀ,ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ ।ଚଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ରେ ବିଦ୍ୟାଳୟ ର ଏ-୧ ଗ୍ରେଡ ରେ ଉତ୍ତୀର୍ଣ୍ଣ ହୋଇ ଥିବା ୧୭ଜଣ ଛାତ୍ରଛାତ୍ରୀ ଙ୍କୁ ସମ୍ମାନିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ କୁ ପ୍ରଧାନ ଆଚାର୍ଯ୍ୟ ଶିଶିର କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ଭାଇ ମାଡରେ ଭଉଣୀ ଗୁରୁତର

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ଭାଇମାଡରେ ଭଉଣୀ ଗୁରୁତର ଆହତ ହୋଇ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ ବଉଳପଦା ଗ୍ରାମର ମନୋରମା ପରିଡା (୪୬) ଅବିବାହିତ ହୋଇଥିବା ବେଳେ ନିଜ ଭାଇ ଯଯାତି କେଶରୀ ପରିଡା ଓ ଭଉଣୀଙ୍କ ପାଖରେ ରହୁଥିଲେ । ଭାଇ ଭଉଣୀ ମନୋରମାଙ୍କୁ ନିର୍ଯ୍ୟାତନା ଦେବା ସହ ଘରୁ ବାହାରିଯିବା ପାଇଁ ଧମକ ଦେବା ସହ ଭୋକ ଉପାସରେ ରହୁଥିଲେ । ବିନା କାରଣରେ ମନୋରମାଙ୍କ ଭାଇ ମାଡ ମାରିବା ସହ ଟଣା ଓଟରା କରି ଘରୁ ବାହାର କରିଦେଇଥିଲେ। ମନୋରମାଙ୍କ ଭଉଣୀ ଏକ ଲୁହା ରଡରେ ମାଡ ମାରିଥିବା ବେଳେ ଭାଇ ଯଯାତି ତଣ୍ଟି ଚିପି ଜୀବନରେ ମାରିଦେବା ଉଦ୍ୟମ କରିଥିଲା। କେତେକ ପଡୋଶୀ ସେଠାରେ ପହଞ୍ଚି ଯଯାତି ସେଠାରୁ ଘରକୁ ପଳାଇ କବାଟ କିଳିଦେଇଥିଲା। ଏ ସଂପର୍କରେ ମହିଳା ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ ମାମଲା ରୁଜୁ କରିଅଛି ।

## ଭାଇ ମାଡ଼ରେ ଭଉଣୀ ଘାଇଲା

ବାଲିପାଟଣା (ଭାସ୍କର ନ୍ୟୁଜ୍): ଭାଇ ଭାଉଜଙ୍କ କଳିରେ ମୁଣ୍ଡ ପୁରାଇ ଭାଇ ଠାରୁ ମାଡ ଖାଇଲା ଭଉଣୀ। ଭଉଣୀ କି ବିଚ୍ ରାସ୍ତାରେ ଭାଇ ଦରମଲା କରି ବାଡେଇଲା। ସ୍ଥାନୀୟ ଲୋକ ଭଉଣୀକୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହିତ ଭାଇକୁ ଥାନା ଜିମା ଦେଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁର ସ୍ଥିତ ନରଣପୁର ଗ୍ରାମର କାଳନ୍ଦୀ ପରିଡାଙ୍କ ପୁଅ ରଘୁ ପରିଡା (୩୦) କେନ୍ଦ୍ରାପଡ଼ା ଜିଲ୍ଲାର ହଳଦିଡିହ ଗ୍ରାମର ସୁଭଦ୍ରା ପରିଡା (୨୫) ଙ୍କୁ ଛଅ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ରଘୁଙ୍କ ୫ ବର୍ଷ ବୟସର ଗୋଟେ ଝିଅ ମଧ ଅଛି। ରଘୁ ଏବଂ ସୁଭଦ୍ରାଙ୍କ ସହିତ ୬ ମାସ ତଳେ କୌଣସି କାରଣରୁ ମନ ମାଳିନ୍ୟ ଘଟିବାରୁ ରଘୁ ତାଙ୍କ ସ୍ତ୍ରୀକୁ ନେଇ ବାପ ଘରେ ଛାଡ଼ି ଚାଲି ଆସିଥିଲେ। ଆଜି ରଘୁକୁ ନପଚାରି ରଘୁର ଭଉଣୀ ମଧୁସ୍ମିତା ଜେନା (୩୫) ଯିଏକି ରଘୁଙ୍କ ଶ୍ୱଶୁର ଘର ପାଖରେ ବାହାହୋଇଛନ୍ତି ସେ ନିଜ ଶ୍ୱଶୁର ବାବାଜି ଜେନା(୬୬) ଏବଂ ରଘୁର ସ୍ତ୍ରୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ବନମାଳିପୁରକୁ ଆସିଥିଲେ। ରଘୁ କହିବା କଥା ଯେ ତାଙ୍କୁ ନପଚାରି ଭଉଣୀ କାହିଁକି ତା ସ୍ତ୍ରୀକୁ ଘରକୁ ଆଣିଲା। ଏଥିପାଇଁ କଳି ଲାଗିବାରୁ ଭଉଣୀକୁ ବନମାଳିପୁର ବଟ ସ୍ଥିତ ବଜାରରେ ନିସ୍ତୁକ ମାଡ଼ ମାରି ଗୁରୁତର କରିଦେଇଥିଲା। ବଜାରରେ ଥିବା ଲୋକମାନେ ମଧୁସ୍ମିତାକୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥାନାକୁ ଖବର ଦେଇଥିଲେ । ବନମାଳିପୁର ଫାଣ୍ଡି ଅଧିକାରୀ ରଘୁ ଏବଂ ବାବାଜି ଜେନାକୁ ଆଣି ବାଲିପାଟଣା ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

## ମିଶନ ଶକ୍ତି ଗୃହକାମ ନିମ୍ନମାନର ଅଭିଯୋଗ

ନିଆଳୀ (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ପରିଷରରେ ପୂର୍ତ୍ତବିଭାଗ ଅଧିନରେ ୪୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟବରାଦ କରାଯାଇ ନିର୍ମାଣ କରାଯାଇଛି ମିଶନ ଶକ୍ତି ଗୃହ। ଏହି ଗୃହର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ନିମ୍ନମାନର କାମ ଯୋଗୁଁ ମିଶନ ଶକ୍ତି ଗୃହର ସ୍ଥାୟୀତ୍ୱ ନେଇ ଏବେ ଉଠିଛି ପ୍ରଶ୍ନ। ଏ ନେଇ ବିଭାଗୀୟ ଜେ.ଇ. ପ୍ରେମଲତା ଦାସଙ୍କୁ ଫୋନ୍ କରିବାରୁ ସେ ଫୋନ୍ ଉଠାଇ ନଥିଲେ। ବିଭାଗୀୟ ଏସ୍.ଡି.ଓ. ବିଧିବଦ୍ଧ ତଦନ୍ତ କରି ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ମାଟି ଚୋରାଚାଲାଣ ବିରୋଧରେ ଧାରଣା




ବାଲେଶ୍ୱର (ଭାସ୍କର ନ୍ୟୁଜ୍) : ରେମୁଣା ତହସିଲ ଅନ୍ତର୍ଗତ ନୂଆଗାଁ ଗ୍ରାମ ପଞ୍ଚାୟତର ପୋଖରୀ ଓ ଗୋଚର ଜମିରୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହୋଇଥିବା ମାଟି ଚାଲାଣକୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପୂର୍ବତନ ସରପଞ୍ଚ ଅମୂଲ୍ୟ ପରିଡ଼ା ଓ ସହଯୋଗୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ମାଟି ମାଫିଆମାନେ ସରକାରୀ ଅଫିସରଙ୍କ ସହଯୋଗରେ କେବଳ ନୂଆଗାଁ ନୁହେଁ ବରଂ ରେମୁଣା ବ୍ଲକର ଏକାଧିକ ପଞ୍ଚାୟତରୁ ମାଟି ଚୋରା ଚାଲାଣ କରୁଛନ୍ତି। ବିଶେଷ କରି ଏମଜିନରେଗା ପ୍ରକଳ୍ପରେ ଜାଲ ଜବକାର୍ଡ଼ ବ୍ୟବହାର କରି ଜେସିବିରେ ଖୋଳୁଥିବା ମାଟିକୁ ମାଫିଆମାନେ ଅନ୍ୟତ୍ର ବିକ୍ରି କରୁଛନ୍ତି। ଏନେଇ ପୂର୍ବରୁ ରେମୁଣା ତହସିଲଦାର, ବିଡିଓ ଏବଂ ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ବି ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଯୋଗୁଁ ଶେଷରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ଧାରଣାରତ ପୂର୍ବତନ ସରପଞ୍ଚ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପରିଡ଼ାଙ୍କ ସମେତ ଗୋପାଳ ଦାସ, ପ୍ରଫୁଲ ଦାସ, ପ୍ରଭାକର ସେଠୀ, ଗଣପତି ବଲିକ, କେଶବ ଲେଙ୍କା, ବାଞ୍ଛାନିଧି ବାରିକ, ମହେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡି ପୋଡିବା ଘଟଣା

## ୩ଜଣଙ୍କୁ କୋର୍ଟ ଚାଲାଣ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ଗାଡି ପୋଡା ଜଳା ମାମଲାରେ ୩ ଅଟକଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ତଳଗୁମାଣ୍ଡି ଗ୍ରାମର ଆମରି ତାଡିଙ୍ଗି, ବିଜୁ ହିମେରିକ ଓ ତଳପଡା ଗ୍ରାମର ସାଣ୍ଡା ହିନ୍ତ୍ରେକା। ତଳଗୁମାଣ୍ଡି ସରପଞ୍ଚଙ୍କ ସ୍ୱାମୀ ଏସବୁ ନାଟ ଲଗାଇ ନିରିହ ଲୋକଙ୍କୁ ଫସେଇଛନ୍ତି ବୋଲି ତଳଗୁମାଣ୍ଡି ନାଏବ ସରପଞ୍ଚ ଇନା ତାଡିଙ୍ଗିଙ୍କ ସମେତ ଲକ୍ଷ୍ମୀପୁର ସରପଞ୍ଚ ଶ୍ୟାମସୁନ୍ଦର ତାଡିଙ୍ଗି ଓ ସାଂସଦ ପ୍ରତିନିଧି ପବିତ୍ର ସାଉଁତା ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ତ୍ରୀବାଣି ନାମକ ଏକ କମ୍ପାନି ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡି ପଞ୍ଚାୟତର କର୍ଣ୍ଣକୋଣ୍ଡା ଖଣି ଅଞ୍ଚଳକୁ ରାସ୍ତା ନିର୍ମାଣ କାର୍ଯ୍ୟ ଚଳାଇଥିବା ବେଳେ ଗତ ମାସ ୨୭ ତାରିଖ ଦିନ କେହି ସେଠାରେ ବ୍ୟବହୃତ ଜେସିବି ମେସିନକୁ ନିଆଁ ଲଗାଇ ପୋଡି ଦେବା ସହ ଅନ୍ୟ କିଛି ଗାଡି ଗୁଡିକରେ ଭଙ୍ଗା ରୁଜା କରିଥିଲେ। ଏନେଇ କମ୍ପାନି ତରଫରୁ ସେଇ ସମୟରେ ନାରାୟଣପାଟଣା ଥାନାରେ ଲିଖିତ ଅଭିଯୋଗ କରାଜାଇଥିଲା। ନାରାୟଣପାଟଣା ଏକ ସମ୍ବେଦନଶିଳ ଅଞ୍ଚଳ ହେଇ୍ ବାରୁ ଲକ୍ଷ୍ମୀପୁର ଥାନାରେ ଗତ ଶୁକ୍ରବାର ଦିନ ତଳଗୁମାଣ୍ଡି ଅଞ୍ଚଳର ୧୧ ଜଣଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରିବା ପରେ ତିନି ଜଣଙ୍କୁ ରଖି ବାକି ୮ ଜଣଙ୍କୁ ନୋଟିସ୍ ଦେଇ ଛାଡି ଥିଲା। ଆଜି ଉକ୍ତ ଅଞ୍ଚଳର ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ମାନେ ଲକ୍ଷ୍ମୀପୁର ଥାନା ଆଗରେ ଗହଳି ଜମାଇ ଥିବା ନଜରକୁ ଆସିଥିଲା। ତିନି ଜଣ ଯୁବକଙ୍କୁ କୋର୍ଟ ଚାଲାଣ ପରେ ସମୁହ ନାରାୟଣପାଟଣା ଚାଲି ଯାଇଥିଲେ। ଲୋକେ ପୁରା ଅସାନ୍ତି ଥିବା ଜଣା ପଡୁଥିବା ବେଳେ ଆଗାମୀ ଦିନରେ ଉକ୍ତ ଅଞ୍ଚଳରେ ଖଣି ଉତ୍ତୋଳନକୁ ନେଇ ଘୋର ବିରୋଧ ହେବାର ଯଥେଷ୍ଟ ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ଏହି ଘଟଣାକୁ ନେଇ ଲୋକେ ପୁରା ତାତିକି ଥିବା ବେଳେ ଆଗକୁ ସାନ୍ତ ନାରାୟଣପାଟଣାରେ ଅଶାନ୍ତର ଝଡ ବହିବାକୁ ବେଶୀ ସମୟ ଲାଗିବନି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଜାତୀୟସେବା ଯୋଜନା ରଥଯାତ୍ରା ସେବା ଶିବିର ଉଦ୍‌ଯାପିତ



ପୁରୀ (ଭାସ୍କର ନ୍ୟୁଜ୍) : ରଥ ଯାତ୍ରା ଉପଲକ୍ଷେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ ୟୁନିଟ ତରଫରୁ ଆୟୋଜିତ ୭ଦିନିଆ ସେବା ଶିବିର ଉଦଯାପିତ ହୋଇଛି। ସାମନ୍ତ ଚନ୍ଦ୍ର ଶେଖର ଅଡିଟୋରିୟମଠାରେ ଆୟୋଜିତ ଶିବିରର ଉଦ୍‌ଯାପନି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜ କର୍ମୀ ସିଦ୍ଧାର୍ଥ ରାୟ ଜାତୀୟ ସେବା ଯୋଜନାର ଏନ୍ତୁଡ଼ିଶାଳ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ବୋଲି ସୂଚନା ଦେଇଥିଲେ। ଏଥିସହିତ ଏନ୍‌ଏସଏସ ଛାତ୍ରଛାତ୍ରୀଙ୍କ ଜୀବନ ଗଠନ ଚରିତ୍ର ଗଠନ ସହିତ ସାମାଜିକ ମୂଲ୍ୟ ବୋଧ କୁ ବଢାଇ ବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ଅନ୍ୟ ତମ ଅତିଥି ଭାବେ ପୂର୍ବତନ ପ୍ରୋଗ୍ରାମ ଅଫିସର ଗୌତମ ସେଠି, ଅଧାପିକା ନମିତା ମହାନ୍ତି, ଅଧାପିକ ଗୁରୁ ଚରଣ ନାୟକ, ମହେନ୍ଦ୍ର କୁମାର ମିଶ୍ର, ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓମ ପ୍ରସାଦ ମହାନ୍ତି ଏହି ଶିବିରରେ ରଥ ଯାତ୍ରାରେ ଏନ୍‌ଏସଏସ ତରଫରୁ ଯୋଗାଇ ଦିଆଯାଇଥିବା ସେବା ସଂପର୍କ ସୂଚନା ଦେଇ ଥିଲେ। ଏହି ଅବସରରେ ଶିବିରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ଓ ପ୍ରମାଣ ପତ୍ର ବିତରଣ କରିଥିଲେ।କାର୍ଯ୍ୟକ୍ରମ ଶେଷରେ ପ୍ରୋଗ୍ରାମ ଅଫିସର ଭି ଶାରଦା ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ବାରିକ, ଅଭିଳାଷ ମିଶ୍ର, ଅସିତ କୁମାର ମହାପାତ୍ର, ବିଜୟଲକ୍ଷ୍ମୀ ବରାଳ, କଲ୍ୟାଣୀ ସେଠୀ, ଶୁଭଶ୍ରୀ ପ୍ରଭୃତି ପରିଚାଳନା କରି ଥିଲେ।

## ସରପଞ୍ଚଙ୍କ ପ୍ରଶଂସନୀୟ କାର୍ଯ୍ୟ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ହିନ୍ଦୋଳ ବ୍ଲକ୍ ଗଣ୍ଡାନାଳୀ ପଞ୍ଚାୟତର ଯୁବ ସରପଞ୍ଚ ସୁନିଲ୍ କୁମାର୍ ସ୍ୱାଇଁ (କାଳିଆ) କ୍ଷୀରୋଦ ରାଉତଙ୍କ ଦେହାନ୍ତ ଖବର ଶୁଣି ସଙ୍ଗେ ସଙ୍ଗେ ତାଙ୍କ ଘରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ଯାହାକି ଗଣ୍ଡାନାଳୀ ପଞ୍ଚାୟତର ପୂର୍ବରୁ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ରାଶି ନଦେଇ ବାଟମାରଣା ହୋଇଥିବାର ଅନେକ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା। କିନ୍ତୁ ଏବେ ଯୁବ ସରପଞ୍ଚ ସୁନିଲ୍ ଆସିବା ପରେ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରଙ୍କୁ ଅର୍ଥ ରାଶି ପ୍ରଦାନ କରୁଛନ୍ତି। ଯୁବ ସରପଞ୍ଚଙ୍କର ଏପରି ମହତ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ତାଳଚେର (ଭାସ୍କର ନ୍ୟୁଜ୍) : ଯୁବରାଜ ଉଚ୍ଚ ବିଦ୍ୟାଳୟ ଏନ୍‌ଏନ୍‌ସି ପକ୍ଷରୁ ୧୨ଓଡ଼ିଶା ବାଟାଲିୟନ୍ ଢ଼େଙ୍କାନାଳଙ୍କ ନିର୍ଦ୍ଦେଶକ୍ରମେ ଏନଏନସି ଅଧିକାରୀ ସଦାନନ୍ଦ ପଣ୍ଡା ନେତୃତ୍ୱରେ ଡ୍ରଗ୍ସ ସେବନ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଏନଏନସି ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ଅଂଶ ଗ୍ରହଣ କରିଥିଲେ । ଏହା ପୂର୍ବରୁ ଏହି ବିଦ୍ୟାଳୟର ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ଲିଲା ସାଇ ନାୟକ ଓ ଦିବ୍ୟରଞ୍ଜନ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ସେମାନଙ୍କୁ ୨ହଜାରଟଙ୍କା ପ୍ରଦାନ କରାଯାଇଥିଲା।

### ସମସ୍ୟା ଘେରରେ ନିଶ୍ଚିନ୍ତକୋଇଲି ବ୍ଲକ୍ ପ୍ରାଣୀ ଚିକିତ୍ସାଳୟ

## କର୍ମଚାରୀ ଅଭାବରୁ ଗୋ ଚିକିତ୍ସା ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସାଳୟ ନାନା ସମସ୍ୟା ଘେରରେ ରହିଥିବାର ଅଭିଯୋଗ ହୋଇଛି। ଆବଶ୍ୟକୀୟ କର୍ମଚାରୀ ଅଭାବରୁ ଗୋ ସେବା ବାଧାପ୍ରାପ୍ତ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରାଣୀ ଓ ପଶୁ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ଗ୍ରାମପଞ୍ଚାୟତର ଲୋକମାନେ ପ୍ରାଣୀ ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି। ଏହି ପ୍ରାଣୀ ଚିକିତ୍ସାଳୟରେ ୨୦ଟି ଏଲଆଇ କେନ୍ଦ୍ର ରହିଛି। ଏହି ଏଲଆଇ କେନ୍ଦ୍ରରେ ୨୦ ଜଣ କର୍ମଚାରୀ କାର୍ଯ୍ୟ କରିବା କଥା। ମାତ୍ର ସମ୍ପ୍ରତି ୧୨ ଜଣ ଏଲଆଇ କାର୍ଯ୍ୟ କରୁଥିବା ବେଳେ ବନ୍ଧକାଟିଆ , ଦାଉଦପୁର, ଶିର୍ଲୋ, ମଣିଜଙ୍ଗ, ଝାଡେଶ୍ୱରପୁର, ବନ୍ଧୁପୁର, ଖଣ୍ଡସାହି, ଉତରକୂଳ ପ୍ରଭୃତି ୮ଟି କେନ୍ଦ୍ରରେ କୌଣସି ଏଲଆଇ ନାହାନ୍ତି। ତେବେ ୧୨ ଜଣ ଏଲଆଇ ,୨୦ଟି କେନ୍ଦ୍ରରେ କିପରି ପ୍ରାଣୀ ଚିକିତ୍ସା କରୁଥିବେ ତାହା ସହଜେ ଅନୁମେୟ। ଏହି ବ୍ଲକରେ ଗାଈ ଓ ମଇଁଷି ମିଶି ୫୨,୫୪୪ , ମେଣ୍ଢା ୧୧୭୫ଟି, ଛେଳି ୨୨,୬୦୮ଟି ଘୁଷୁରୀ, ୩୮୮ଟି ରହିଥିବାର ସରକାରୀ ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହି ବ୍ଲକରେ ମଧ ବହୁ ପରିମାଣରେ କୁକୁଡା ବତକ ରହିଛନ୍ତି। ଏହି ପଶୁ ପକ୍ଷୀଙ୍କ ଚିକିତ୍ସା ନିମନ୍ତେ ୨ ଜଣ ପ୍ରାଣୀ ଚିକିତ୍ସାଧିକାରୀ ଓ ୨ ଜଣ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରହିବାର ନିୟମ ରହିଛି। ନିକଟରେ ଏହି କାର୍ଯ୍ୟାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ତନ୍ମୟ ମହାନ୍ତି କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ପଦବୀ ଖାଲି ପଡିଥିଲା। ଏ ସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର



ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ବଲାଙ୍ଗୀରରେ କାର୍ଯ୍ୟକରୁଥିବା ଡାକ୍ତର ପ୍ରକାଶ ଚନ୍ଦ୍ର ବେଉରାଙ୍କୁ ନିକଟରେ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରୂପେ ନିଯୁକ୍ତି ପ୍ରଦାନ କରାଯାଇଛି। ତେବେ ଏହି ଚିକିତ୍ସାକେନ୍ଦ୍ରରେ ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରୂପେ ଡାକ୍ତର ସୁଦିପ୍ତା ସାହୁ କାର୍ଯ୍ୟ କରୁଛନ୍ତି। ତେବେ ୪୧ଟି ପଞ୍ଚାୟତର ପ୍ରାଣୀ ମାନଙ୍କୁ ଚିକିତ୍ସା କରିବା ଜଣେ ପ୍ରାଣୀ ଚିକିତ୍ସାଧିକାରୀ ଓ ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କ ପକ୍ଷେ କାଠିକର ପାଠ ହେଉଛି। ଅପରପକ୍ଷରେ ଏହି କାର୍ଯ୍ୟାଳୟରେ ଜଣେ ପ୍ରାଣୀ ଚିକିତ୍ସାଧିକାରୀ ଓ ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କ ପଦବୀ ଖାଲି ପଡିଛି। ଅପରପକ୍ଷରେ ଘରୋଇ ଭାବେ କାର୍ଯ୍ୟକରୁଥିବା କେତେକ ଅନଭିଜ୍ଞ କ୍ୱାକଙ୍କ ଉପରେ ସ୍ଥାନୀୟ ଲୋକେ ଗୋ ଚିକିତ୍ସା ନିମନ୍ତେ ନିର୍ଭର କରିବାକୁ ବାଧ ହେଉଛନ୍ତି। ତେବେ ଚିକିତ୍ସା ଅଭାବରୁ ଅକାଳରେ ବହୁ ପଶୁ ମୃତ୍ୟୁବରଣ କରିଥିବାର ଅଭିଯୋଗ ହୋଇଛି। ତେବେ ପ୍ରଶାସନ ତରଫରୁ ଏହାର ପ୍ରତିକାର ନିମନ୍ତେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସମ୍ପ୍ରତି ବର୍ଷା ଋତୁ ଆସିଯିବା କାରଣରୁ ସ୍ଥାନୀୟ ଅଞ୍ଚଳର ଗାଈ ଗୋରୁ ଓ ଗୃହ ପାଳିତ ପଶୁ ପକ୍ଷୀମାନେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗର ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଏପର୍ଯ୍ୟନ୍ତ ବିଭାଗ ତରଫରୁ କୌଣସି ପ୍ରତିଷେଧକ ଟୀକା ଦିଆଯାଇ ନଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ଆମ ପ୍ରତିନିଧି ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ବେଉରାଙ୍କୁ ପଚାରିବାରୁ ସେ ନିକଟରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ କୌଣସି କର୍ମଚାରୀ ନଥିବା କାରଣରୁ ପ୍ରତିଷେଧକ ଟୀକା ଠିକ୍ ଭାବେ ଦିଆଯାଇ ପାରିନାହିଁ। ଖୁବ ଶୀଘ୍ର ସମଗ୍ର ଅଂଚଳରେ ଟୀକାଦାନର ବ୍ୟବସ୍ଥା କରାଯିବ ବୋଲି ଡାକ୍ତର ଶ୍ରୀ ବେଉରା ପ୍ରକାଶ କରିଛନ୍ତି। ଜରୁରୀ କାଳୀନ ପରିସ୍ଥିତିରେ କିମ୍ବା ରାତି ଅଧରେ ଗାଈଗୋରୁଙ୍କ ଜରୁରୀ ଚିକିତ୍ସା ବେଳେ କୌଣସି କର୍ମଚାରୀ କିମ୍ବା ଡାକ୍ତରଙ୍କର ଦେଖା ସାକ୍ଷାତ ମିଳୁନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି କାର୍ଯ୍ୟାଳୟରେ ଖାଲିଥିବା ପଦବୀ ଗୁଡିକ ପୁରଣ କରାଯିବା ସହ କର୍ମଚାରୀଙ୍କ ନିମନ୍ତେ ଗୃହ ନିର୍ମାଣ କରାଯିବାକୁ ସାମାଜିକ କର୍ମୀ ବଲ୍ଲଭ ଚରଣ ପଲେଇ, ପୂର୍ବତନ ସରପଂଚ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଦୃଢ ଦାବି କରିଛନ୍ତି।

# ଜାତୀୟ ଓ ଅନ୍ତର୍ଜାତୀୟ



କାନାଡ଼ା: ସଲମାନ ଖାନଙ୍କୁ ନିଶ୍ଚିତ ହତ୍ୟା କରାଯିବ ବୋଲି କହିଛି କାନାଡ଼ାରେ ରହୁଥିବା ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର। ଏକ ଘରୋଇ ଟେଲିଭିଜନ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ସେ ଏହି କଥା କହିଛି। ଗୋଲ୍ଡି ବ୍ରାର କହିଛି, ଆମେ ତାଙ୍କୁ (ସଲମାନ ଖାନ) ମାରିବୁ। ତାଙ୍କୁ ଆମେ ନିଶ୍ଚିତ ମାରିବୁ। ଭାଇ ସାହେବ (ଲରେନ୍ସ ବିଷ୍ଣୋଇ) କହିଛନ୍ତି ଯେ ତାଙ୍କୁ କେବେ ବି କ୍ଷମା କରାଯିବ ନାହିଁ। ବାବା କେବଳ ସେତେବେଳେ କାହାକୁ ଦୟା ଦେଖାନ୍ତି, ଯେତେବେଳେ ସେ ଅନୁଭବ କରନ୍ତି ଯେ ଦୟା କରିବା ଦରକାର। ସେ ଆହୁରି କହିଛି, ଆମେ ପୂର୍ବରୁ କହିଥିଲୁ ଯେ କେବଳ ସଲମାନ ଖାନ ନୁହନ୍ତି, ଆମେ ଆମର ସମସ୍ତ ଶତ୍ରୁଙ୍କୁ ନିପାତ କରିବାକୁ ପ୍ରାୟସ କରିବୁ। ଜୀବନ ଥିବା ପର୍ଯ୍ୟନ୍ତ ଏଭଳି ପ୍ରୟାସ ଜାରି ରହିବ। ସଲମାନ ଖାନ ଆମ ଟାର୍ଗେଟରେ ଅଛନ୍ତି। ଏଥିରେ କୌଣସି ସନ୍ଦେହ ନାହିଁ।

## ବିଶାଳ ରୋଡ୍ ଶୋ'ରେ ଦୁଇଦିନିଆ ମହାରାଷ୍ଟ୍ର ଗସ୍ତ କଲେ କେସିଆର୍



ହାଇଦ୍ରାବାଦ : ଏକ ବିଶାଳ ରୋଡ୍ ଶୋ' ସହିତ ବିଆରଏସ ସୁପ୍ରିମୋ ତଥା ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ସୋମବାର ଦୁଇ ଦିନ ମହାରାଷ୍ଟ୍ର ଗସ୍ତରେ ଯାଇଛନ୍ତି। ଏହି ରାଲିରେ ଏକ ବସ୍ ଏବଂ ୬୦୦ କାର୍ ସାମିଲ ଥିଲା ଏବଂ ଶୋଲାପୁର ଅଭିମୁଖେ ଯାଉଥିବା ଦଳରେ ପ୍ରାୟ ସମସ୍ତ ବିଧାୟକ ଏମଏଲସି ସାଂସଦ ଏବଂ ମନ୍ତ୍ରୀ ଉପସ୍ଥିତ ଥିଲେ। ସକାଳେ କନଭେନ ବିଆରଏସ କ୍ୟାଡରର କରତାଳି ଏବଂ ଫୁଲ ବର୍ଷା ଏନ୍‌ରୋଟ୍ ମଧ୍ୟରେ ପ୍ରଗତିଭବନ ଛାଡ଼ିଥିଲା। ଏହି କନଭେନ ସାଙ୍ଗାରେଡି ପଠାନଚେରୁଭୁ ସହର ଦେଇ ଯାଇ ଉମରଗା ଦେଇ ଯାଇଥିଲା ଯେଉଁଠାରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଦଳ ମଧ୍ୟାହ୍ନ ଭୋଜନ ପାଇଁ ଅଟକିଥିଲେ। ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ମଙ୍ଗଳବାର ତୁଳଜଭବାନୀ ମନ୍ଦିର ଯିବା ପୂର୍ବରୁ ଶୋଲାପୁରରେ ବୁଣା ଶିଳ୍ପ ଏବଂ ହସ୍ତତନ୍ତ ବୁଣା ୟୁନିଟ୍ ଯାଞ୍ଚ କରିବେ। ମହାରାଷ୍ଟ୍ର ଭାଗୀରଥ ଭାଲକେର ଜଣେ ବରିଷ୍ଠ ନେତା ଶୋଲାପୁରରେ ବିଆରଏସରେ ଯୋଗ ଦେଉଛନ୍ତି। ଏହି ଯାତ୍ରା ଜନସାଧାରଣଙ୍କ ମନରେ ରୋମାଞ୍ଚ ସୃଷ୍ଟି କରିଥିଲା ଏବଂ ମହାରାଷ୍ଟ୍ରର ହଜାର ହଜାର ଲୋକ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେମାନେ 'ଅବ କି ବାର କିସାନ ସରକାର' ଏବଂ କେସିଆର ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ ଏବଂ ଦୁଇ ରାଜ୍ୟ ସୀମାକୁ ସଂଯୋଗ କରୁଥିବା ଗ୍ରାମାଞ୍ଚଳରେ 'ଲୁକ୍' ଭଳି ଉତ୍ସବ ପାଳନ କରାଯାଇଥିଲା। ଉତ୍ସାହୀ ଜନତା 'ଦେଶ୍ କି ନେତା କୈସା ହୋ କେସିଆର ଜୈସା ହୋ' ସ୍ଲୋଗାନ ଦେଉଥିବାର ପରିଲକ୍ଷିତ ହୋଇଥିଲା।

## ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କଲେ ବାଘେଲ



ରାୟପୁର : ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ କେବଳ ସାଧାରଣ ଲୋକଙ୍କ ଚିନ୍ତା ବୁଝନ୍ତି ନାହିଁ ବରଂ ପିଲାମାନଙ୍କ ପ୍ରତି ମଧ୍ୟ ଗଭୀର ସ୍ନେହ ରଖିଛନ୍ତି। ଯେତେବେଳେ ପ୍ରଫେସର ଜେ.ଏନ୍ ପାଣ୍ଡେ ଆତ୍ମାନନ୍ଦ ବିଦ୍ୟାଳୟର ଛାତ୍ରୀ ତ୍ରିପ୍ତି ଜଗତ ତାଙ୍କ ମତ ପ୍ରକାଶ କରିବାକୁ ଠିଆ ହେଲେ, ସେତେବେଳେ ସେ ସମସ୍ତଙ୍କ ସାମ୍ନାରେ ନିଜର ଭାବନା ପରିପ୍ରକାଶ କରିବାକୁ ଦ୍ୱିଧାବୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ନେହପୂର୍ଣ୍ଣ ଭାବେ ତାଙ୍କୁ ବିନା ଦ୍ୱିଧାରେ କହିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କଥା ଶୁଣି କିଛି ସମୟ ପରେ ତାଙ୍କର ସମସ୍ତ ଦ୍ୱନ୍ଦ୍ୱ ଦୂର ହୋଇଥିଲା। ପରେ ସେ କହିଥିଲେ ଯେ ଉଚ୍ଚଶିକ୍ଷା ହେତୁ ସେ ଏହି ବିଦ୍ୟାଳୟରେ ନାମ ଲେଖାଇଛନ୍ତି ଏବଂ ସେ ଏଠାରେ ଥିବା ସମୟକୁ ଉପଭୋଗ କରୁଛନ୍ତି। ଶ୍ରୀ ବାଘେଲ ଛାତ୍ରୀଙ୍କୁ ପ୍ରଶଂସା କରି କରିବା ସହ ତାଙ୍କର ପରିପ୍ରକାଶର ଶୈଳୀକୁ ଅତି ଉଚ୍ଚମାନର ବୋଲି କହିଥିଲେ। 'ଶାଳା ପ୍ରଭାସ ଉତ୍ସବ' ଅବସରରେ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ପିଲାମାନେ ମଧ୍ୟ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ସେ ପିଲାମାନଙ୍କୁ ପଚାରିଥିଲେ ଯେ ଜୁନ୍ ୧୬ ପରିବର୍ତ୍ତେ ଜୁନ୍ ୨୬ ରେ ସ୍କୁଲ ଖୋଲିବା ବିଷୟରେ ସେମାନେ କିପରି ଅନୁଭବ କରୁଛନ୍ତି? ସମସ୍ତ ପିଲାମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ଜୁନ୍ ୨୬ରେ ବିଦ୍ୟାଳୟ ଖୋଲିବା ଦ୍ୱାରା ପ୍ରବଳ ଉତ୍ତାପରୁ ମୁକ୍ତି ମିଳିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଗ୍ରୀଷ୍ମରେ ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ବିଚାର କରି ସରକାର ଜୁନ୍ ୨୬ରୁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ବର୍ଷା ସହିତ ନୂତନ ଏକାଡେମିକ୍ ଅଧିବେଶନ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

## ୪୦ ଲକ୍ଷ ମହିଳାଙ୍କୁ ବଣ୍ଟାଯିବ ସ୍ମାର୍ଟଫୋନ: ଗେହେଲଟ୍

ଉଦୟପୁର : ରାଜସ୍ଥାନ ଉଦୟପୁରରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ତାଙ୍କ ରାଜ୍ୟର ମହିଳାମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ସୋମବାର ଉଦୟପୁରରେ ଏକ ଜନ ସଭାକୁ ସମ୍ବୋଧନ କରି ରାଜ୍ୟର ସମସ୍ତ ମହିଳାଙ୍କୁ ସରକାରଙ୍କ ପକ୍ଷରୁ ମାଗଣା ସ୍ମାର୍ଟ ଫୋନ ଏବଂ ଇଣ୍ଟରନେଟ୍ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସ୍ମାର୍ଟ ଫୋନ ଦେବାର ଘୋଷଣା କରି ଗେହେଲଟ କହିଛନ୍ତି ଆମ ସରକାର ବଜେଟରେ ଘୋଷଣା କରିଥିଲା ଏବେ ଏହା ପୁରା କରିବାକୁ ଯାଉଛି। ଏହି ସମୟରେ ଗେହେଲଟ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ୪୦ ଲକ୍ଷ ମହିଳାଙ୍କୁ ସ୍ମାର୍ଟ ଫୋନ ବଣ୍ଟାଯିବ।

### 'ପୁଞ୍ଜି ନିବେଶ ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନା-୨୦୨୩-୨୪'

## ୧୬ ରାଜ୍ୟ ପାଇଁ ୫୬,୪୧୫ କୋଟି ଟଙ୍କା ମଞ୍ଜୁର




ନୂଆଦିଲ୍ଲୀ: ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ବ୍ୟୟ ବିଭାଗ ଦ୍ୱାରା ଚଳିତ ଆର୍ଥିକ ବର୍ଷରେ ଦେଶର ୧୬ ରାଜ୍ୟ ପାଇଁ ୫୬,୪୧୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । 'ପୁଞ୍ଜି ନିବେଶ ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନା-୨୦୨୩-୨୪' ଅଧୀନରେ ଏହି ଅନୁମୋଦନ ମିଳିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାକୁ ପୁଞ୍ଜି ନିବେଶ ନିମନ୍ତେ ୪ ହଜାର ୫୨୮ କୋଟି ଟଙ୍କା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଜଳ ଯୋଗାଣ, ବିଦ୍ୟୁତ ଶକତି, ସଡ଼କ, ସେତୁ ଏବଂ ରେଳ ଆଦି ସମେତ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ଜଳ ଜୀବନ ମିଶନ ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରାଜ୍ୟ ଭାଗ ପୂରଣ କରିବା ପାଇଁ ମଧ୍ୟ ଏହି ଯୋଜନାରେ ପାଣ୍ଠି ଯୋଗାଇ ଦିଆଯାଇଛି । ଫଳରେ ଏସବୁ ଯୋଜନା ସହ ଜଡ଼ିତ ପ୍ରକଳ୍ପଗୁଡ଼ିକର କାମ ତ୍ୱରାନ୍ୱିତ ହୋଇପାରିବ। ପୁଞ୍ଜି ବ୍ୟୟର ଉଚ୍ଚ ବହୁଗୁଣିତ ପ୍ରଭାବକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟମାନଙ୍କ ଦ୍ୱାରା ପୁଞ୍ଜି ବ୍ୟୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦୨୩-୨୪ ସାଧାରଣ ବଜେଟ୍‌ ?ରେ 'ପୁଞ୍ଜି ନିବେଶ ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନା-୨୦୨୩-୨୪'ର ଘୋଷଣା କରାଯାଇଥିଲା। ଏହି ଯୋଜନା ଅଧୀନରେ, ରାଜ୍ୟ ସରକାରଙ୍କୁ ୫୦ ବର୍ଷର ସୁଧମୁକ୍ତ ଋଣ ଆକାରରେ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦିଆଯାଉଛି । ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବମୋଟ୍ ? ୧.୩ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏହି ଯୋଜନାର ଆଠଟି ଭାଗ ରହିଛି, ପ୍ରଥମ ଭାଗରେ ୧ ଲକ୍ଷ କୋଟି ଟଙ୍କାର ସର୍ବାଧିକ ଅର୍ଥ ଆବଣ୍ଟନ କରାଯାଇଛି । ଏହି ପରିମାଣ ପଞ୍ଚଦଶ ଅର୍ଥ ଆୟୋଗଙ୍କ ବରାଦ ଅନୁଯାୟୀ, କେନ୍ଦ୍ରୀୟ ଟିକସ ଓ ଶୁଳ୍କ ଭାଗ ଆକାରରେ ରାଜ୍ୟମାନଙ୍କୁ ଆବଣ୍ଟନ କରାଯାଇଛି । ଯୋଜନାର ଅନ୍ୟ ଭାଗଟି ସଂସ୍କାର ସହ ଜଡ଼ିତ କିମ୍ବା କ୍ଷେତ୍ର ନିର୍ଦ୍ଧାରିତ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ। ଯୋଜନାର ଦ୍ୱିତୀୟ ଭାଗରେ, ୩ହଜାର କୋଟି ଟଙ୍କା ରାଜ୍ୟମାନଙ୍କୁ ପ୍ରୋତ୍ସାହନ ଆକାରରେ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରୀ ଗାଡ଼ି ଓ ଆମ୍ବୁଲାନ୍ସ ସ୍କ୍ରାପିଂ, ପୁରୁଣା ଗାଡ଼ି ଉପରେ ଦେୟତା ଛାଡ଼, ପୁରୁଣା ଗାଡ଼ି ସ୍କ୍ରାପିଂ ପାଇଁ ବ୍ୟକ୍ତିବିଶେଷମାନଙ୍କୁ ଟିକସ ରିହାତି ଯୋଗାଇ ଦେବା ଏବଂ ସ୍ୱୟଂକ୍ରିୟ ଯାନ ପରୀକ୍ଷା ସୁବିଧା ପ୍ରତିଷ୍ଠା ପାଇଁ ଏହି ଭାଗରେ ଆର୍ଥିକ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ରହିଛି । ଯୋଜନାର ଭାଗ-୩ ଓ ୪କୁ ସହରାଞ୍ଚଳ ଯୋଜନା ପ୍ରସ୍ତୁତି ଓ ସହରାଞ୍ଚଳ ଅର୍ଥ ଯୋଗାଣରେ ସଂସ୍କାର ପାଇଁ ଆର୍ଥିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରଖାଯାଇଛି । ସହରାଞ୍ଚଳ ଯୋଜନା ପ୍ରସ୍ତୁତି ସଂସ୍କାର ପାଇଁ ୧୫ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ସହରାଞ୍ଚଳ ପ୍ରଶାସନକୁ ବିଶ୍ୱସନୀୟ କରିବା ଏବଂ ସେମାନଙ୍କର ଅର୍ଥଯୋଗାଣରେ ସୁଧାର ଆଣିବା ପାଇଁ ରାଜ୍ୟମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ଲାଗି ଅତିରିକ୍ତ ୫ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

## ସ୍ୱଦେଶ ଫେରିଲେ ମୋଦି



ନୂଆଦିଲ୍ଲୀ: ଆମେରିକା ଓ ଇଜିପ୍ଟକୁ ୬ ଦିନିଆ ରାଷ୍ଟ୍ରୀୟ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭୋର ସମୟରେ ଭାରତ ଫେରିଛନ୍ତି। ଗସ୍ତ ସମୟରେ ଆମେରିକା ଓ ଇଜିପ୍ଟ ସହ ଭାରତ ଏକାଧିକ ଚୁକ୍ତି ସ୍ୱାକ୍ଷରିତ କରିଛି। ଇଜିପ୍ଟର ସର୍ବୋଚ୍ଚ ନାଗରିକ ସମ୍ମାନ ମଧ୍ୟ ମୋଦିଙ୍କୁ ମିଳିଛି। ବ୍ୟସ୍ତବହୁଳ ଗସ୍ତ ସାରି ମୋଦି ସୋମବାର ସ୍ୱଦେଶ ଫେରିଥିବା ବେଳେ ତାଙ୍କୁ ଦିଲ୍ଲୀ ଏୟାରପୋର୍ଟରେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ଓ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ସ୍ୱାଗତ କରିଥିଲେ। ଏମାନଙ୍କ ବ୍ୟତୀତ ଦିଲ୍ଲୀ ସାଂସଦ ମନୋଜ ତିୱାରୀ, ପରଭେଶ ବର୍ମା, ହର୍ଷ ବର୍ଦ୍ଧନ, ହଂସ ରାଜ ହଂସ ଓ ଗୌତମ ଗମ୍ଭୀର ମଧ୍ୟ ଉପସ୍ଥିତ ରହିଥିଲେ। ଏୟାରପୋର୍ଟରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦି ବିଜେପି ଅଧ୍ୟକ୍ଷ ନଡ୍ଡା ଓ ଅନ୍ୟ ବିଜେପି ନେତାମାନଙ୍କୁ ଦେଶରେ ବର୍ତ୍ତମାନ କ'ଣ ସବୁ ଚାଲିଛି ବୋଲି ପ୍ରଶ୍ନ କରିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ : ଗତ ମେ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ ବଜାରରୁ ୨୦୦୦ ଟଙ୍କା ନୋଟ୍‌କୁ ପ୍ରତ୍ୟାହାର ନେଇ ଘୋଷଣା କରିଥିଲା। ଲୋକଙ୍କୁ ନିକଟସ୍ଥ ବ୍ୟାଙ୍କ୍‌କୁ ଯାଇ ପାଖରେ ଥିବା ୨୦୦୦ ଟଙ୍କା ଜମା କରିବା କିମ୍ବା ବଦଳାଇବାକୁ କୁହାଯାଇଥିଲା। ଦେଶରେ ଏହାକୁ ବିମୁଦ୍ରୀକରଣର ଦ୍ୱିତୀୟ ଭାଗ ବୋଲି ମଧ୍ୟ କୁହାଯାଇଥିଲା। ତେବେ ନିକଟରେ ଏକ ରିପୋର୍ଟରେ, ବଜାରରୁ ୨୦୦୦ ଟଙ୍କା ନୋଟ୍ ପ୍ରତ୍ୟାହାର ଫଳରେ ଅର୍ଥନୀତି ଉପରେ ପ୍ରଭାବ ପଡ଼ିବା ନେଇ କୁହାଯାଇଥିଲା। ଯାହା ଉପରେ ପ୍ରତିକ୍ରିୟା ରଖିଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତି ଦାସ। ସୋମବାର ଏକ ସାକ୍ଷାତକାରରେ ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଏବେ ଯେଉଁ ୨୦୦୦ ଟଙ୍କା ନୋଟ୍ ପ୍ରତ୍ୟାହାର କରାଯାଉଛି ତାହା ଦ୍ୱାରା ଅର୍ଥବ୍ୟବସ୍ଥା ଉପରେ କୌଣସି ଖରାପ ପ୍ରଭାବ ପଡ଼ିବନାହିଁ। ଏହା ପୂର୍ବରୁ ଗତ ସପ୍ତାହରେ ଗଭର୍ଣ୍ଣର କହିଥିଲେ ଯେ, ଏପର୍ଯ୍ୟନ୍ତ ୩.୬୨ ଲକ୍ଷ କୋଟି ଟଙ୍କାର ସମୁଦାୟ ୨୦୦୦ ଟଙ୍କା ନୋଟ୍‌ର ଦୁଇ-ତୃତୀୟାଂଶରୁ ଅଧିକ ଅର୍ଥାତ୍ ୨.୪୧ ଲକ୍ଷ କୋଟି ଟଙ୍କା ବ୍ୟାଙ୍କକୁ ଫେରିଛି।

## ଆଲେନ୍‌ର ଛାତ୍ରୀ କାଶୀଶଙ୍କ ସଫଳତା

### ଜେଇଇ ଆଡଭାନ୍ସଡ୍ କାଟାଗୋରୀ ର୍‍ୟାଙ୍କ ୧୨୧୬ରେ ସ୍ଥାନିତ



କୋଟା : ଶିକ୍ଷାର କାଶୀ ଭାବେ ପରିଚିତ କୋଟାରେ ସ୍ୱପ୍ନ ସାକାର ହେଉଛି। ଏପରି ପରିବାରର ପିଲାମାନେ ଅଛନ୍ତି ଯେଉଁମାନେ ପରିସ୍ଥିତି ବିରୋଧରେ ଲଢ଼ି ସଫଳତା ପାଇଛନ୍ତି। ଏହା ହେଉଛି କୋଟାର ଝିଅ କାଶୀଶଙ୍କ କାହାଣୀ। ସମସ୍ତ ପରିସ୍ଥିତି ବିରୋଧରେ ଲଢ଼ି କାଶୀଶ ନିଜକୁ ପ୍ରମାଣ କରିପାରିଛନ୍ତି। ଆଇଆଇଟି ପ୍ରବେଶିକା ପରୀକ୍ଷା ଜେଇଇ ଆଡଭାନ୍ସଡ୍ ୨୦୨୩, ଦେଶର ସବୁଠାରୁ କଠିନ ପରୀକ୍ଷା ମଧ୍ୟରୁ ଗୋଟିଏ । ଆଲେନ୍‌ର ଛାତ୍ର କାଶୀଶ ତାଙ୍କ ପରିବାରର ପ୍ରଥମ ଆଇଆଇଟିଆନ୍ ହେବେ। ତାଙ୍କ ସଫଳତା ହେତୁ ସମଗ୍ର ପରିବାରରେ ଖୁସିର ବାତାବରଣ ଦେଖାଦେଇଛି। କାଶୀଶ ଜେଇଇ ଆଡଭାନ୍ସଡ୍ କାଟାଗୋରୀ ର୍‍ୟାଙ୍କ ୧୨୧୬ରେ ରହିଛନ୍ତି ଏବଂ ତାଙ୍କର ଜେଇଇ ମେନ୍ କାଟାଗୋରୀ ବର୍ଗର ମାନ୍ୟତା ୫୫୫୭। କାଶୀଶ କହିଛନ୍ତି ଯେ ଆମେ ଚାରି ଭଉଣୀ ଏବଂ ମୁଁ ଜ୍ୟେଷ୍ଠ। ପିତା ଭୁପେନ୍ଦ୍ର ପୂର୍ବରୁ ମୋବାଇଲ୍ ରିଚାର୍ଜ ଏବଂ ଟ୍ୟାପ୍-ବିଦ୍ୟୁତ୍ ବିଲ୍ ସଂଗ୍ରହ କରିବା ପାଇଁ କ୍ୟାଣ୍ଟନମେଣ୍ଟରେ ଥିବା ଏକ ଭଡ଼ା ଦୋକାନରେ କାମ କରୁଥିଲେ, କିନ୍ତୁ ସମସ୍ତ କାର୍ଯ୍ୟ ଅନଲାଇନରେ ହୋଇଥିବାରୁ ତାଙ୍କୁ ଦୋକାନ ବନ୍ଦ କରିବାକୁ ପଡ଼ୁଥିଲା। ଏହା ପରେ ପରିବାରର ଖର୍ଚ୍ଚ ଚଳାଇବା ପାଇଁ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ସେ ଋଣ ନେଇ ଏକ ଅଟୋ ରିକ୍ସା ନେଇଥିଲେ, ଯାହାର କିସ୍ତି ଏବେ ମଧ୍ୟ ଚାଲିଛି। ମୋର ଜେଜେବାପା ୟଶ ରାଜ ୮୫ ବର୍ଷ ବୟସରେ ମଧ୍ୟ ପରିବାରକୁ ସହାୟତା କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି। ସେ ଜଣେ ପ୍ରହରୀ। ମାତା ବନ୍ଦନା ମଧ୍ୟ ଘରେ ସିଲେଇ ଏବଂ ଏମ୍ବ୍ରୋଡୋରୀ କାମ କରନ୍ତି । ସାନ ଭଉଣୀ ଦ୍ୱାଦଶ ଶ୍ରେଣୀରେ ଏବଂ ଦୁଇ ସାନ ଭଉଣୀ ବିଦ୍ୟାଳୟରେ ପଢୁଛନ୍ତି। ମୁଁ ୯୫% ସହିତ ଦଶମ ଶ୍ରେଣୀ ଏବଂ ୯୧% ମାର୍କ ସହିତ ଦ୍ୱାଦଶ ଶ୍ରେଣୀ ପାସ୍ କରିଛି । କାଶୀଶଙ୍କ ସଫଳତା ସମଗ୍ର ପରିବାର ପାଇଁ ଭଲ ସମୟ ଆଣିବ। ସମସ୍ତ ଦୁଃସମୟକୁ ବି ଦୃଢ଼ତାର ସହ ସାମ୍ନା କରି କାଶୀଶ ନିଜକୁ ପ୍ରମାଣିତ କରିପାରିଛନ୍ତି। ଆଲେନ୍ ମଧ୍ୟ ଏହିପରି ପିଲାମାନଙ୍କର ସଫଳତାକୁ ସମର୍ଥନ କରି ଗର୍ବିତ।

## ଆମ୍‌ୱେ ଇଣ୍ଡିଆ ପକ୍ଷରୁ ସାମଗ୍ରିକ କଲ୍ୟାଣରେ ବିଶେଷ ସଫଳତା ହାସଲ

ମୁମ୍ବାଇ: ଜନସାଧାରଣଙ୍କ ଜୀବନର ମାନରେ ବୃଦ୍ଧି ଘଟାଇବାକୁ ଏକନିଷ୍ଠ ପ୍ରତିବଦ୍ଧତାରେ ପରିଚାଳିତ ହୋଇ ଭାରତର ଅନ୍ୟତମ ଅଗ୍ରଣୀ ଏଫଏମ୍‌ସିଜି ଡାଇରେକ୍ଟ ସେଲିଂ କମ୍ପାନୀ ଆମ୍‌ୱେ ଇଣ୍ଡିଆ ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ ଆପଣେଇବା ନିମନ୍ତେ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଅଗ୍ରସର ହେଉଛି। ଭାରତ ଅତ୍ୟନ୍ତ ଉତ୍ସୁକତାର ସହିତ ବାର୍ଷିକ ଯୋଗଦିବସ ପାଳନ କରିବା ଅବସରରେ ଆମ୍‌ୱେ ଇଣ୍ଡିଆ ସାମଗ୍ରିକ କଲ୍ୟାଣ ହାସଲ କରିବାରେ ପୋଷଣ ଓ ଯୋଗର ପ୍ରଭୂତ ଗୁରୁତ୍ୱ ରହିଥିବା ସମ୍ପର୍କରେ ପ୍ରାଧାନ୍ୟ ଦେଇଥିଲା। ଏହାର ଅଂଶସ୍ୱରୂପ ଆମ୍‌ୱେ ଇଣ୍ଡିଆ ଏକାଧିକ ଆଭାସୀ ଏବଂ ଶାରୀରିକ ଉପସ୍ଥିତିରେ ଯୋଗ ଅଭ୍ୟାସ ସହିତ ବିଶେଷଜ୍ଞ ବକ୍ତାମାନଙ୍କୁ ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରିଥିଲା, ଯେଉଁଥିରେ ପ୍ରାୟ ୨ହଜାର ଫିଟ୍‌ନେସ୍‌ପ୍ରେମୀ ସମଗ୍ର ଦେଶରୁ ଅଂଶଗ୍ରହଣ କରିଥିଲେ। ଉତ୍ତମ ପୋଷଣ ଏବଂ ଯୋଗାଭ୍ୟାସ ଭଳି ନିୟମିତ ଶାରୀରିକ କାର୍ଯ୍ୟକଳାପର ସମ୍ମିଶ୍ରଣରେ ସର୍ବୋତ୍ତମ ସ୍ୱାସ୍ଥ୍ୟର ବାର୍ତ୍ତା ପ୍ରସାର ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା।

## ଟ୍ରେଲବ୍ଲେଜର ପୁରସ୍କାର ପ୍ରଥମ ସଂସ୍କରଣରେ ଆର୍‌ଏସ୍‌ପିର ୧୦ ଅଧିକାରୀ ପୁରସ୍କୃତ

ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର ଇ-୬ ସ୍ତର ପର୍ଯ୍ୟନ୍ତ ଦଶଜଣ ଅଧିକାରୀଙ୍କୁ ଜାନୁଆରୀ ମାସରେ ଆରମ୍ଭ ହୋଇଥିବା ପ୍ରୋତ୍ସାହନ ଯୋଜନା 'ଟ୍ରେଲବ୍ଲେଜର ପୁରସ୍କାର' ପ୍ରଥମ ସଂସ୍କରଣରେ ପୁରସ୍କୃତ କରାଯାଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଏହି ଉପଲକ୍ଷେ ଜୁନ୍ ୨୪ ତାରିଖରେ



ରାଉରକେଲା କ୍ଲବରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଏଜିଏମ୍ ଶ୍ରୀ ପୀତାମ୍ବର ଶତପଥୀ, କୋକ୍ ଓଭେନ ବିଭାଗର ଏଜିଏମ୍ ଶ୍ରୀ ଭେଙ୍କଟାୟା ମିସାଲା, ହଟ ଷ୍ଟ୍ରିପ ମିଲ-୧ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଚିତ୍ରସେନ ତାର୍ଜନ, ହଟ ଷ୍ଟ୍ରିପ ମିଲ-୨ ବିଭାଗର ଡ଼ିଜିଏମ ଶ୍ରୀ ସନ୍ୟାସୀ ଚରଣ ସାହୁ, ଏଚଆରଡ଼ି ବିଭାଗର ଏଜିଏମ ଶ୍ରୀ କୃଷ୍ଣ କୁମାର ଜୟଶ୍ୱାଲ, ବିଆଇଏମ୍ ର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଘନଶ୍ୟାମ ପଲେ, ବିଓଏମର ଡେପୁଟି ମ୍ୟାନେଜର ଶ୍ରୀ ହରବିନ୍ଦର ସିଂହ, ନୂତନ ପ୍ଲେଟ ମିଲର ସିନିୟର ମ୍ୟାନେଜର ଶ୍ରୀ ନବୀନ ରାଜଭାରପୁ, ସିଣ୍ଟେରିଙ୍ଗ ପ୍ଲାଣ୍ଟ -୧ ବିଭାଗର ଏଜିଏମ ଶ୍ରୀ ପ୍ରଭାତ କୁମାର ଦାସ ଏବଂ ଏସଏମଏସ-୨ ବିଭାଗର ମ୍ୟାନେଜର ଶ୍ରୀ ମଲଞ୍ଜା ତ୍ରିପାଠୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଏ କେ ବେହୁରିଆ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ପୁରସ୍କାର ବିଜେତାମାନେ ସପତ୍ନୀକ ଉପସ୍ଥିତ ଥିଲେ।

## ନୀତା ମୁକେଶ ଅମ୍ବାନି କଲ୍‌ଚରାଲ୍ ସେଣ୍ଟର୍‌ରେ ସ୍ୱତନ୍ତ୍ର 'ଦି ସାଉଣ୍ଡ ଅଫ୍ ମ୍ୟୁଜିକ୍' ସୋ



ମୁମ୍ବାଇ : ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ସମର୍ଥିତ ଏନ୍‌ଜିଓଗୁଡ଼ିକର ୩୪୦୦ ଉପେକ୍ଷୀତ ପିଲା ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ନୀତା ମୁକେଶ ଅମ୍ବାନି କଲଚରାଲ୍ ସେଂଟର (ଏନ୍‌ଏମ୍‌ଏସିସି)ରେ ସ୍ୱତନ୍ତ୍ର ଭାବେ ଆ'ର୍ଜାତିକ ବ୍ରଡ୍‌ୱେର ସଙ୍ଗୀତ କାର୍ଯ୍ୟକ୍ରମ 'ଦି ସାଉଣ୍ଡ ଅଫ୍ ମ୍ୟୁଜିକ୍'ର ଆୟୋଜନ କରାଯାଇଥିଲା। ଏହାକୁ ସେହିମାନଙ୍କ ପାଇଁ ଶ୍ରୀମତୀ ନୀତା ଅମ୍ବାନି ଉତ୍ସର୍ଗ କରିଥିଲେ, ଯେଉଁଠାରେ ସେମାନେ ଏକ ନିବିଡ଼ ସମ୍ପର୍କ ଓ ହସଖୁସିର ସମୟ ବିତାଇବାର ସୁଯୋଗ ପାଇଥିଲେ। ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ମୁମ୍ବାଇର ବିଭିନ୍ନ ଅଂଚଳର ଦିବ୍ୟାଙ୍ଗ ପିଲାଙ୍କ ସମେତ ୩୪୦୦ ପିଲା ଓ ବରିଷ୍ଠ ନାଗରିକମାନଙ୍କ ଲାଗି ସପ୍ତାହ'ରେ ଦୁଇଟି ସ୍ୱତନ୍ତ୍ର ସୋ' ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଜୁକେସନ ଆଣ୍ଡ ସ୍ପୋର୍ଟସ୍ ଫର ଅଲ୍ (ଇଏସ୍‌ଏ) କାର୍ଯ୍ୟକ୍ରମର ସମର୍ଥିତ ୧୮ଟି ଏନ୍‌ଜିଓ ସହିତ ରିଲାଏନ୍ସର କର୍ମଚାରୀ ସ୍ୱେଚ୍ଛାସେବୀମାନେ ସମର୍ଥନ ପ୍ରଦାନ କରିଥିଲେ ଓ ସମସ୍ତଙ୍କ ପାଇଁ ଏହାକୁ ଏକ ଆରାମଦାୟକ ଓ ଯାଦୁକରୀ ଅନୁଭବରେ ପରିଣତ କରିଥିଲେ। ଇଏସ୍‌ଏ କାର୍ଯ୍ୟକ୍ରମ ଜରିଆରେ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ବହୁ ବର୍ଷ ଧରି ବିଭିନ୍ନ ଶିକ୍ଷା ଓ କ୍ରୀଡ଼ା କାର୍ଯ୍ୟକ୍ରମ ଜରିଆରେ ପିଲାମାନଙ୍କ ଅଭିଳାଷକୁ ପୂରଣ କରାଯାଉଛି। ଏନ୍‌ଜିଓମାନଙ୍କ ସହ ମିଶି ଆୟୋଜନ କରାଯାଇଥିବା ଏହି ସ୍ୱତନ୍ତ୍ର ସୋ'ଗୁଡ଼ିକ ହେଉଛି ପିଲାମାନଙ୍କୁ ଅନୁପ୍ରାଣିତ କରିବା ଲାଗି ରିଲାଏନ୍ସ ଫାଉଣ୍ଡେସନ ଜାରି ରଖିଥିବା ଉଦ୍ୟମ ଦିଗରେ ଆଉ ଏକ ପଦକ୍ଷେପ। 'ସାଉଣ୍ଡ ଅଫ୍ ମ୍ୟୁଜିକ୍' ପ୍ରତି ବିପୁଳ ସମର୍ଥନ ଭାରତ ଓ ଦୁନିଆର ଶ୍ରେଷ୍ଠତା ପ୍ରଦର୍ଶିତ କରିବା ପାଇଁ ଏନ୍‌ଏମ୍‌ଏସିସିର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି।

## ଯାଜପୁରରେ ଓଡ଼ିଶା ମିଲେଟ ମିଶନର ଅବିସ୍ମରଣୀୟ କାର୍ଯ୍ୟକ୍ରମ



ଯାଜପୁର(ଭାସ୍କର ନ୍ୟୁଜ୍): ଓଡ଼ିଶା ମିଲେଟ୍ସ ମିଶନ୍ ଗତ ସପ୍ତାହରେ ଯାଜପୁର ସହରରେ ଆକର୍ଷଣୀୟ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିଥିଲା। ଜୁନ୍ ୨୪ ଏବଂ ୨୫ରେ, ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ମିଲେଟ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶା ମିଲେଟ୍ସ ମିଶନ୍ ଏହାର 'ଓଡିଶାର ମିଲେଟସ୍ ବିଷୟରେ ଜାଣ' କାର୍ଯ୍ୟକ୍ରମକୁ ଉତ୍କଳ ସେଣ୍ଟ୍ରାଲ ପଏଣ୍ଟ ମଲ୍‌ରେ ଆୟୋଜନ କରିଥିଲା। ଓଡିଶା ରାଜ୍ୟ ସରକାରଙ୍କ ଅଧିନରେ ଏହି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଓଡିଶା ମିଲେଟ ମିଶନ୍ ରାଜ୍ୟରେ ମିଲେଟର ପ୍ରଚାର ପାଇଁ ବିଭିନ୍ନ ଅଭିନବ ତଥା ରୋମାଞ୍ଚକର ଉପାୟ ଅବଲମ୍ବନ କରୁଛି। ଏହି ପ୍ରୟାସର ଏକ ଅଂଶ ଭାବରେ, ଓଡିଶାର ଶ୍ରେଷ୍ଠ ୨୦ଟି ସହରରେ 'ଓଡିଶାର ମିଲେଟସ୍ ବିଷୟରେ ଜାଣ' ନାମକ ଏକ ମନୋରନକାରୀ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଯାଜପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋରନ କରିଥିବା ବେଳେ ଲୋକଙ୍କ ଦୈନନ୍ଦିନ ଖାଦ୍ୟରେ ମିଲେଟର ଅ'ର୍ଭୁକ୍ତ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜଣାଶୁଣା ଟିଭି ଏବଂ ଚଳଚ୍ଚିତ୍ର ହାସ୍ୟ ଅଭିନେତା ସୁଜିତ କୁମାର ଜେନା ଏବଂ ଡଲି ଏଠାରେ ଭରପୁର ମନୋରନ କରୁଥିବା ଦେଖିବାକୁ ମିଳିଥିଲା। ଏହାସହ ଖ୍ୟାତିସମ୍ପନ୍ନ ଗାୟକ କୁଳଦୀପ ଅନନ୍ୟ ମନମୁଗ୍ଧକର ସନ୍ଧ୍ୟା ସୃଷ୍ଟି କରିଥିଲେ। ଓଡିଆ ଓ ହିନ୍ଦୀ ମେଲୋଡିର ମନମୁଗ୍ଧକର ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହା ଏକ ରୋମାଂଚକର ବାତାବରଣ ସୃଷ୍ଟି କରିଥିଲା ଯାହା ଦର୍ଶକଙ୍କ ମନ ମୋହି ନେଇଥିଲା। ଓଡିଶାର ମିଲେଟସ୍ ମିଶନ୍ ବିଷୟରେ ଲୋକଙ୍କୁ ଜଣାଇବା ଏବଂ ଦର୍ଶକଙ୍କୁ ସଚେତନ କରାଇବା ପାଇଁ ଏହି ଶୋ ର ଆୟୋଜନ ହୋଇଥିଲା। ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ଏକ ହାସ୍ୟରସ ନାଟିକା ପରିବେଷିତ ହୋଇଥିଲା, ଯାହା ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସର ବ୍ୟାପକତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲା। ଉତ୍ସାହକୁ ବଜାୟ ରଖି ଓଡିଶାର ମିଲେଟସ୍ ମିଶନ୍ ବିଭିନ୍ନ ପ୍ରକାରର କୌତୁକିଆ ଏବଂ ପ୍ରତିଯୋଗିତାମୂଳକ ଖେଳ ଯୋଜନା କରିଥିଲା ଯାହା ଅଂଶଗ୍ରହଣକାରୀଙ୍କୁ ସମ୍ମୋହିତ କରି ରଖିଥିଲା।

# ଖେଳ ଖବର





ଟ୍ରେଣ୍ଟବ୍ରିଜ(ନଟିଂହାମ) : ଏଠାରେ ଅନୁଷ୍ଠିତ ଏକମାତ୍ର ମହିଳା ଟେଷ୍ଟ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୮୯ ରନରେ ପରାସ୍ତ କଲାଣ ଅଷ୍ଟ୍ରେଲିଆ। ପ୍ରଥମ ଇନିଂସରେ ଇଂଲଣ୍ଡ ଠାରୁ ୧୦ ରନରେ ଅଗ୍ରଣୀ ହୋଇଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଓପନର ବେଥ୍ ମୁନେ ୮୫ ଓ ଅଧିନାୟିକା ଇଆନ ହିଲିଙ୍କ ୫୦ ରନ ବଳରେ ୨୫୭ ରନକରି ଅଲଆଉଟ ହେବା ପରେ ଧାର୍ଯ୍ୟ କରିଥିବା ୨୬୮ ବିଜୟ ଟାର୍ଗେଟକୁ ହାସଲ କରିବାରେ ବିଫଳ ହେଲା ଇଂଲଣ୍ଡ। ଅଷ୍ଟ୍ରେଲିଆ ମହିଳା ଦଳର ବୋଲିଂକୁ ସଠିକ ମୁକାବିଲା କରି ନ ପାରି ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୪୯ ଓଭର ଖେଳି ୧୭୮ ରନରେ ଅଲଆଉଟ ହୋଇ ଯାଇଥିଲା। କେବଳ ଡ୍ୟାନିଏଲ ୱାଟ ସର୍ବାଧିକ ୫୪ ରନ କରିଥିବା ବେଳେ ଇଂଲଣ୍ଡର ଅନ୍ୟ କୌଣସି ବ୍ୟାଟର ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଶଲେ ଗାର୍ଡନର ୮ ୱିକେଟ ଅକ୍ତିଆର କରି ଇଂଲଣ୍ଡକୁ ମହା ବିପଦରେ ପକାଇ ଥିଲେ। ଫଳରେ ବିଜୟ ଲକ୍ଷ୍ୟ ହାସଲ କରିବା ସମ୍ଭବ ହୋଇ ପାରିଲା ନାହିଁ। ସୂଚନା ଯୋଗ୍ୟ ଯେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଏଲିସେ ପେରୀଙ୍କ ୯୯, ତାହଲିଆ ମ୍ୟାକଗ୍ରାଥ ୬୧ ଓ ଆନାବେଲ ସଦରଲାଣ୍ଡଙ୍କ ଅପରାଜିତ ୧୩୭ ରନ ବଳରେ ୪୭୩ ରନ କରିଥିବା ବେଳେ ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ଇକେଲେଷ୍ଟୋନ ୫ ୱିକେଟ ଅକ୍ତିଆର କରିଥିଲେ।

## ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା

# ସୁପର ଓଭରରେ ୱେଷ୍ଟଇଣ୍ଡିଜକୁ ହରାଇଲା ନେଦରଲାଣ୍ଡ





ହାରାରେ(ଜିମ୍ବାୱେ): ସ୍ଥାନୀୟ ତାକାଶିଙ୍ଗା ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟ ଲିଗ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ସୁପର ଓଭରରେ ହରାଇ ବଡ ବିପର୍ଯ୍ୟୟ ସୃଷ୍ଟି କଲା ନେଦରଲାଣ୍ଡ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ନିକୋଲାସ ପୂରନଙ୍କ ଅପରାଜିତ ୧୦୪, ଓପନର ବ୍ରେଣ୍ଡେନ କିଙ୍ଗଙ୍କ ୭୬ ଓ ଜେ.ଚାର୍ଲେସ ୫୪ ରନ ବଳରେ ୬ ୱିକେଟ ହରାଇ କରିଥିଲା ୩୭୪ ରନ। ନେଦରଲାଣ୍ଡ ପକ୍ଷରୁ ମାସ ଡି ଲିଡ୍ସ ଓ ସକିବ ଜୁଲଫିକର ପ୍ରତ୍ୟେକ ୨ ଲେଖାଏଁ ଓ ଭାନ ବିକ୍ ଏବଂ କିଙ୍ଗମା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ସେହିପରି ପଛରେ ବ୍ୟାଟିଂ କରି ନେଦରଲାଣ୍ଡ ତେଜା ନିଦାମାନୁରୁଙ୍କ ୧୧୧, ଅଧିନାୟକ ତଥା ୱିକେଟ କିପର ସ୍କଟ୍ ଏଡୱାର୍ଡ୍ସଙ୍କ ୬୭ ରନ ବଳରେ ୯ ୱିକେଟ ହରାଇ କରିଥିଲା ୩୭୪ ରନ। ଫଳରେ ଏହି ମ୍ୟାଚ ଟାଇ ରହିବା ଯୋଗୁଁ ଫଳାଫଳ ଫଇସଲା ପାଇଁ ସୁପର ଓଭର ଅନୁଷ୍ଠିତ ହୋଇ ଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡ ୬ ବଲରେ କୌଣସି ୱିକେଟ ନ ହରାଇ କରିଥିଲା ୩୦ ରନ। ୱେଷ୍ଟଇଣ୍ଡିଜ ଦଳର ପେସ୍ ବୋଲର ଜାସୋନ ହୋଲଡରଙ୍କୁ ଜୋରଦାର ମୁକାବିଲା କରି ନେଦରଲାଣ୍ଡ ବ୍ୟାଟର ଭାନ୍ ବିକ ୩ ଛକା ଓ ୩ ଚୌକା ବଳରେ ସଂଗ୍ରହ କରିଥିଲେ ୩୦ ରନ। ପଛରେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୨ ୱିକେଟ ବିନିମୟରେ କେବଳ ୮ ରନ କରିବାକୁ ସମର୍ଥ ହୋଇଥିଲା। ନେଦରଲାଣ୍ଡ ଦଳର ବୋଲର ଭାନ ବିକଙ୍କୁ ପ୍ରଥମ ବଲରେ ୱେଷ୍ଟଇଣ୍ଡିଜ ବ୍ୟାଟର ଜେ ଚାର୍ଲେସ ଛକା ମାରି ଥିଲେ। ମାତ୍ର ପରବର୍ତ୍ତୀ ବଲରେ ଭାନ ବିକ କୌଣସି ସୁଯୋଗ ଦେଇ ନ ଥିଲେ। ଦ୍ୱିତୀୟ ବଲରେ ଚାର୍ଲେସ ୧ ରନ ଓ ତୃତୀୟ ବଲରେ ତାଙ୍କର ସାଥୀ ବ୍ୟାଟର ସାଇ ହୋପ ୧ ରନ କରିଥିବା ବେଳେ ଚତୁର୍ଥ ବଲରେ ଚାର୍ଲେସଙ୍କୁ ଆଉଟ କରିଥିଲେ ଭାନ ବିକ। ସେହିପରି ପଞ୍ଚମ ବଲରେ ମଧ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟର ଜାସୋନ ହୋଲଡରଙ୍କୁ ପ୍ରତିପକ୍ଷ ବୋଲର ଭାନ ବିକ୍ ଆଉଟ କରିବା ପରେ ୱେଷ୍ଟଇଣ୍ଡିଜର ବିଜୟ ଆଶା ମଉଳି ଯାଇଥିଲା। ସୂଚନା ଯୋଗ୍ୟ ଯେ ଗତ ବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି-୨୦ କ୍ରିକେଟ ବିଶ୍ୱକପର ଏକ ଲିଗ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ନେଦରଲାଣ୍ଡ ଏକ ବଡ ବିପର୍ଯ୍ୟୟ ଘଟାଇ ଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନିତ ହେବା ଆଶା ଧୂଳିସାତ ହୋଇ ଯାଇଥିଲା।

## ଏମ୍‌ସିସି କ୍ରିକେଟ୍ କମିଟିରେ ସାମିଲ

# ହେଲେ ଝୁଲନ, ନାଇଟ୍ ଓ ମୋର୍ଗାନ



ନୂଆଦିଲ୍ଲୀ: କିମ୍ବଦନ୍ତୀ ଭାରତୀୟ ମହିଳା କ୍ରିକେଟର ତଥା ସଫଳ ପେସ୍ ବୋଲର ଝୁଲନ ଗୋସ୍ୱାମୀ ,ଇଂଲଣ୍ଡ ମହିଳା ଦଳର ଅଧିନାୟିକା ହିଦର ନାଇଟ ଓ ୨୦୧୯ ଦିନିକିଆ କ୍ରିକେଟ ବିଶ୍ୱକପ ବିଜୟୀ ଇଂଲଣ୍ଡ ଦଳର ଅଧିନାୟକ ଇଓନ ମୋର୍ଗାନ ସୋମବାର ଇଂଲଣ୍ଡର ଏମସିସି ବିଶ୍ୱ କ୍ରିକେଟ କମିଟି (ଡବ୍ଲ୍ୟୁସିସି) ମେରିଲବୋନ କ୍ରିକେଟ କ୍ଲବ(ଏମସିସି)ରେ ସ୍ଥାନ ପାଇଛନ୍ତି। ସୂଚନା ଯୋଗ୍ୟ ଯେ ଏହି କମିଟି ହେଉଛି ଏକ ଇଣ୍ଡିପେଣ୍ଡେଣ୍ଟ ବଡି। ଏଥିରେ ବିଭିନ୍ନ ଦେଶର ବର୍ତ୍ତମାନ ଓ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ସ ,ଅମ୍ପାୟର ଅଫିସିଆଲ ସଦସ୍ୟ ଅଛନ୍ତି। ସେହିପରି କ୍ରିକେଟର ବିଭିନ୍ନ ନିୟମ ଓ ଆଇନ ପ୍ରଣୟ କରିଥାଏ ଏହି କ୍ଲବ କମିଟି। ବିଭିନ୍ନ ଦେଶର ଖ୍ୟାତନାମା ଖେଳାଳିଙ୍କୁ ସମ୍ମାନ ସୂଚକ ଭାବେ ଏହି କ୍ଲବରେ ସ୍ଥାନିତ କରା ଯାଇଥାଏ। ତେଣୁ ଚଳିତ ବର୍ଷ ଅନ୍ୟ ଦୁଇ ଖେଳାଳିଙ୍କ ସହିତ ଅବସର ପ୍ରାପ୍ତ ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀ ଏହି କ୍ଲବରେ ସ୍ଥାନ ପାଇବା ଅତି ସମ୍ମାନର ବିଷୟ। ସୂଚନା ଯୋଗ୍ୟ ଭାରତ ତଥା ଅନ୍ତର୍ଜାତୀୟ କ୍ରିକେଟରେ ଝୁଲନ ଗୋସ୍ୱାମୀ ଜଣେ ସଫଳ ମହିଳା କ୍ରିକେଟର। ସେ ଜଣେ ଦ୍ରୁତ ପେସ୍ ବୋଲର ଭାବେ ଜଣାଶୁଣା। ଗତ ବର୍ଷ ଲଣ୍ଡନର ଐତିହାସିକ ଲର୍ଡ୍ସ ମଇଦାନରେ ସେ ଇଂଲଣ୍ଡ ବିରୋଧରେ ଜୀବନର ଶେଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳି ଅବସର ଘୋଷଣା କରିଥିଲେ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ଅନ୍ତର୍ଜାତୀୟ କ୍ରିକେଟରେ ଜଡିତ ରହି ସୀମିତ ଓଭର ଫର୍ମାଟରେ ୩୦୦ ଓ ଭାରତ ପାଇଁ ୧୨ ଟେଷ୍ଟ ଖେଳି ୪୪ ୱିକେଟ ଅକ୍ତିଆର କରିଥିଲେ। ଚଳିତ ବର୍ଷ ଏପ୍ରିଲ ମାସରେ ସେ ମେରିଲବୋନ କ୍ରିକେଟ କ୍ଲବର ଆଜୀବନ ସଦସ୍ୟ ଭାବେ ସ୍ଥାନ ପାଇଥିଲେ। ଏମସିସି ୱାର୍ଲ୍ଡ କ୍ରିକେଟ କମିଟିର ଅଧକ୍ଷ ମାଇକ ଗ୍ୟାଟିଂ କହିଛନ୍ତି ଯେ ଅନ୍ତର୍ଜାତୀୟ କ୍ରିକେଟରେ ଅପୂର୍ବ ସଫଳତା ପାଇଥିବା ଝୁଲନ ଗୋସ୍ୱାମୀ, ହିଦର ନାଇଟ ଓ ଇଓନ ମୋର୍ଗାନଙ୍କୁ ଏହି କମିଟିରେ ସାମିଲ କରି ଗର୍ବ ଅନୁଭବ କରୁଛୁ। ସବୁଠାରୁ ଖୁସିର ବିଷୟ ହେଲା ଯେ ଦିନକୁ ଦିନ ମହିଳା କ୍ରିକେଟର ଉନ୍ନତି ହେଉଥିବା ବେଳେ ଅଧିକ ସଂଖ୍ୟକ ମହିଳା କ୍ରିକେଟରଙ୍କୁ ଏମସିସି କ୍ରିକେଟ କମିଟିରେ ସାମିଲ କରିବା ଅତି ଖୁସିର ବିଷୟ।

## ଦିନିକିଆ ବିଶ୍ୱକପ ଟ୍ରଫି ଟୁର୍ ଶୁଭାରମ୍ଭ

ନୂଆଦିଲ୍ଲୀ: ଆସନ୍ତା ଅକ୍ଟୋବର-ନଭେମ୍ବରରେ ଭାରତ ପରବର୍ତ୍ତୀ ଦିନିକିଆ କ୍ରିକେଟ ବିଶ୍ୱକପ ଆୟୋଜନ କରିବାକୁ ଯାଉଥିବା ବେଳେ ସୋମବାର ବିଶ୍ୱକପ ଟ୍ରଫି ଟୁର କାର୍ଯ୍ୟକ୍ରମ ଏକ ଦର୍ଶନୀୟ ଢ଼ଙ୍ଗରେ ଆରମ୍ଭ ହୋଇଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ରୂପାରେ ଆଚ୍ଛାଦିତ ଏହି ଟ୍ରଫିକୁ ଏକ ବିସ୍ପୋକ ଷ୍ଟ୍ରାଟୋସ୍ପେରିକ ବେଲୁନ ସାହାଯ୍ୟରେ ମହାକାଶକୁ ଛଡା ଯାଇଥିଲା। ଏହା ୧୨୦.୦୦୦ ଫୁଟ ଉପରକୁ ଉଡିବା ପରେ ଗୁଜରାଟର ଅହମଦାବାଦ ସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅବତରଣ କରିଥିଲା। ମହାକାଶକୁ ଟ୍ରଫି ଉଡାଣ କରିବାରେ ଦିନିକିଆ କ୍ରିକେଟ ବିଶ୍ୱକପ ଇତିହାସରେ ଏହା ପ୍ରଥମ ଘଟଣା। ଏହି ଟ୍ରଫି ବିଶ୍ୱର ଅନେକ ସ୍ଥାନ ପରିଭ୍ରମଣ କରିବା ପରେ ଆସନ୍ତା ସେପ୍ଟେମ୍ବର ୪ ତାରିଖ ଦିନ ଭାରତରେ ପହଞ୍ଚିବ।


## ଦିନିକିଆ କ୍ରିକେଟ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା

# ଆମେରିକାକୁ ୩୦୪ ରନରେ ପରାସ୍ତ କଲା ଜିମ୍ବାୱେ



ହାରାରେ(ଜିମ୍ବାୱେ): ଭାରତରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପର ଅବଶିଷ୍ଟ ଦୁଇ ସ୍ଥାନ ପୂରଣ ପାଇଁ ଏଠାରେ ୧୦ ଦେଶକୁ ନେଇ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଘରୋଇ ଜିମ୍ବାୱେ ବିଜୟ ଧାରା ବଜାୟ ରଖି ପୁଣି ଆଉ ଏକ ବୃହତ ବିଜୟ ହାସଲ କରିଛି। ସୋମବାର ସ୍ଥାନୀୟ ହାରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ଶେଷ ପର୍ଯ୍ୟାୟ ଗ୍ରୁପ ଲିଗ ମ୍ୟାଚରେ ଆମେରିକାକୁ ୩୦୪ ରନରେ ପରାସ୍ତ କରିଛି ଜିମ୍ବାୱେ। ପୂର୍ବ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିବା ଜିମ୍ବାୱେ ଆଜି ଆମରିକା ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ବିନିମୟରେ କରିଥିଲା ୪୦୮ ରନ। ଅଧିନାୟକ ସିଆନ ୱିଲିୟମସ ୧୦୧ ବଲରୁ ୧୭୪ ରନ କରିଥିବା ବେଳେ ଜେ ଗୁମ୍ବେ ୭୮, ଇନୋସେଣ୍ଟ କାଇଆ ୩୨, ସିକନ୍ଦର ରାଜା ୪୮ ଓ ରିୟାନ ବର୍ଲ ୪୭ ରନ ଯୋଗ କରିବା ଫଳରେ ଜିମ୍ବାୱେ ଏକ ବୃହତ ସ୍କୋର କରିବାରେ ସଫଳ ହୋଇଥିଲା। ଆମେରିକା ପକ୍ଷରୁ ଅଭିଶେକ ପରଦକର ୩ ଓ ଜେସି ସିଂ ୨ ୱିକେଟ ଅକ୍ତିଆର କରିଥିଲେ। ଆମେରିକା ଏକ ବୃହତ ବିଜୟ ଟାର୍ଗେଟକୁ ପିଛା କରି ଜିମ୍ବାୱେ ବୋଲିଂକୁ ସଠିକ ମୁକାବିଲା କରି ପାରି ନ ଥିଲା। ଫଳରେ କେବଳ ୨୫.୧ ଓଭରରେ ୧୦୪ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଅଭିଶେକ ସର୍ବାଧିକ ୨୪ ଓ ଜଶଦୀପ ସିଂ ୨୧ ରନ କରିଥିଲେ। ଜିମ୍ବାୱେର ସଫଳ ବୋଲର ଭାବେ ରିଚାର୍ଡ ନାଗାରାଭା ଓ ସିକନ୍ଦର ରାଜା ପ୍ରତ୍ୟେକ ୨ ଲେଖାଏଁ ଓ ବ୍ରାଡ ଇଭାନ୍ସ, ଲ୍ୟୁକ୍ ଜୋଙ୍ଗୱେ ଓ ରିୟାନ ବର୍ଲ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିବା ବେଳେ ଆମେରିକାର ୩ ବ୍ୟାଟର ରନ ଆଉଟ ହୋଇଥିଲେ। ଜିମ୍ବାୱେ ସୁପର ସିକ୍ସରେ ପ୍ରବେଶ କରିଥିବା ବେଳେ ଫାଇନାଲରେ ପହଞ୍ଚି ପାରିଲେ ଆଗାମୀ ବିଶ୍ୱକପ ଖେଳିବା ପାଇଁ ସୁଯୋଗ ସୃଷ୍ଟି କରି ପାରିବ।

# ସ୍ୱତନ୍ତ୍ର ଅଲିମ୍ପିକ୍ ବିଶ୍ୱ କ୍ରୀଡା ଉଦଯାପିତ : ଭାରତକୁ ୨୦୨ ପଦକ



ନୂଆଦିଲ୍ଲୀ: ଜର୍ମାନୀର ବର୍ଲିନରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ବିଶ୍ୱ କ୍ରୀଡ଼ାରେ ଭାରତ ଚମତ୍କାର ପ୍ରଦର୍ଶନ କରି ୭୬ ସ୍ୱର୍ଣ୍ଣ ୭୫ ରୌପ୍ୟ ଓ ୫୧ କାଂସ୍ୟ ସହ ମୋଟ ୨୦୨ ପଦକ ହାସଲ କରିଛି। ସୋମବାର ପ୍ରତିଯୋଗିତାର ଶେଷ ଦିବସରେ ଭାରତ ଜିତିଥିଲା ୬ ପଦକ। ରୋଲର ସ୍କେଟିଂ ଦଳ ୫ (୨ ସ୍ୱର୍ଣ୍ଣ, ୩ ରୌପ୍ୟ) ପଦକ ଜିତିଥିଲେ। ଆର୍ଯ୍ୟନ (୩୦୦ ମିଟର) ଓ ଦୀପେନ (୧୦୦୦ ମିଟର) ସ୍ୱର୍ଣ୍ଣ ଜିତିଥିଲେ। ବାସ୍କେଟବଲ୍ ଓ ଭଲିବଲ୍‌ରୁ ମଧ୍ୟ ସ୍ୱର୍ଣ୍ଣ ଆସିଥିଲା। ପୁରୁଷ/ମିଶ୍ରିତ ବାସ୍କେଟବଲ ଫାଇନାରେ ଭାରତ ୬-୩ରେ ପର୍ତ୍ତୁଗାଲକୁ ହରାଇ ସ୍ୱର୍ଣ୍ଣ ଜିତିଥିଲା। ମହିଳା ଦଳ ଫାଇନାଲ୍‌ରେ ସ୍ୱିଡେନ୍‌ଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲା। ଭଲିବଲ୍‌ରେ ପୁରୁଷ/ମିଶ୍ରିତ ଦଳ ୨-୦ରେ କୋରିଆକୁ ହରାଇ କାଂସ୍ୟ ଜିତିଥିଲା ବେଳେ ମହିଳା ୟୁନିଫାଏଡ ଦଳ ୨-୧ରେ ୟୁଏଇକୁ ହରାଇ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲା। ଟେନିସ ପୁରୁଷ ଏକକ ଲେବଲ-୫ରେ ସ୍ୱରାଜ ସିଂହ ଏବଂ ମହିଳା ହାଣ୍ଡବଲ୍ ଦଳ ଫାଇନାଲ୍‌ରେ ହାରି ରୌପ୍ୟ ପାଇଥିଲେ। ସ୍ୱତନ୍ତ୍ର ଅଲିମ୍ପିକ୍ସ ବିଶ୍ୱ କ୍ରୀଡ଼ାରେ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଖେଳାଳି ୮ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗତ ଥର (୨୦୧୯)ରେ ଓଡ଼ିଶାକୁ ୪ ପଦକ ଆସିଥିଲା ଏଥର ଏହି ସଂଖ୍ୟା ଦ୍ୱିଗୁଣ ହୋଇଛି। ଓଏଲ୍‌ଏସ୍ ଭୁବନେଶ୍ୱରର ଆରିଦିତା ଚକ୍ରବର୍ତ୍ତୀ ୪୦୦ ମିଟର ରେସ୍‌ରେ ରୌପ୍ୟ ଏବଂ ସଟପୁଟ୍‌ରେ କାଂସ୍ୟ ଜିତିଥିଲେ। ବଲାଙ୍ଗୀରସ୍ଥିତ ଆଁଏସ୍‌ଡି ସଇନ୍ତଳାର ବୈଷ୍ଣବ ରାଜପାଲିଆ ସଟପୁଟ୍‌ରେ ରୌପ୍ୟ, ଆଠଗଡ଼ସ୍ଥିତ ବିଭିଏମ୍‌ଏମ୍ ଆର୍ବିବିଟିର କଳ୍ପନା ଜେନା ସାଇକେଲିଂରେ ରୌପ୍ୟ ଜିତିଥିଲେ। ୟୁନିଫାଏଡ ବିଚ୍ ଭଲିବଲ୍ କାଂସ୍ୟ ବିଜେତା ଭାରତୀୟ ଦଳରେ ଓଡ଼ିଶାର ୩ ଜଣ ଜ୍ୟୋତିରଂଜନ ଓଝା (ନିମାପଡ଼ାସ୍ଥିତ ସିବିଆଇଡି), ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ (କିଟ୍) ଥିଲେ। ରେ?ପ୍ୟ ପଦକ ବିଜେତା ମହିଳା ବାସ୍କେଟବଲ୍ ଦଳର ପ୍ରଶିକ୍ଷକ ରହି କଟକସ୍ଥିତ ସହାୟାର ସସ୍ମିତା ରାଉତରାୟ ମଧ ରାଜ୍ୟ ପାଇଁ ଗୌରବ ଆଣିଥିଲେ।


## ଦ.ପୂ. ରେଳପଥ-ଟେଣ୍ଡର

**ଟେଣ୍ଡର ନୋଟିସ ନଂ: ଏମ୍‌ଇସିଏଚ୍‌ସିକେପି-୨୩-୨୪-୧୩, ତାରିଖ : ୨୩.୦୬.୨୦୨୩**
ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ଡିଭିଜନାଲ ରେଳବାଇ ମ୍ୟାନେଜର (ମେକାନିକାଲ) ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ :** ବୋଣ୍ଡାମୁଣ୍ଡାଠାରେ ପ୍ୟାନେଲ୍ ଓ ଫ୍ଲୋରୱେଲ୍ଡିଂ କାର୍ଯ୍ୟ, ଅନ୍ୟ ଇଲେକ୍ଟ୍ରିକ୍ କମ୍ ଗ୍ୟାସ ୱେଲ୍ଡିଂ: ରେଭେଟିଙ୍ଗ ଓ ହୁକ୍ ବୋଲଟିଂ କାର୍ଯ୍ୟ ପାଇଁ ଓପନ ଟେଣ୍ଡର ଜରିଆରେ ଦୁଇବର୍ଷର ଅବଧି ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି। **ଟେଣ୍ଡର ମୂଲ୍ୟ : ଟ. ୬,୬୫,୭୧,୬୩୪.୬୦। ଇଏମ୍‌ଡି: ଟ. ୪,୮୨,୯୦୦/- ଟେଣ୍ଡର ଫର୍ମ ମୂଲ୍ୟ:** ନିଲ୍ **ଟେଣ୍ଡର ଓପନିଂ ସ୍ଥାନ :** ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳବାଇ। **ଟେଣ୍ଡର କ୍ଲୋଜିଂର ତାରିଖ ଓ ସମୟ :** ୧୪.୦୭.୨୦୨୩ ଅପରାହ୍ନ ୧୫.୦୦ ସମୟ। ଟେଣ୍ଡର website : **http://www.ireps.gov.in** ରେ ଦେଖିପାରିବେ। ଟେଣ୍ଡରର / ବିଡର୍ସ ନିଶ୍ଚିତ କ୍ଲାସ୍-୩ ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ ଥିବ ଓ ଆଇଆର୍‌ଇପିଏସ୍ ପୋଟାଲ ଅଧିନରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରର / ବିଡର୍ସମାନେ ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିପାରିବେ। **(PR-328)**


# ପୂର୍ବାଞ୍ଚଳ ପାରା ବ୍ୟାଡ୍‌ମିଣ୍ଟନ: ଓଡ଼ିଶାକୁ ୯ ପଦକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କୋଲ୍‌କାତାରେ ଆୟୋଜିତ ପୂର୍ବାଞ୍ଚଳ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୬ କାଂସ୍ୟ ସହ ମୋଟ ୯ ପଦକ ମିଳିଛି। ଏକମାତ୍ର ସ୍ୱର୍ଣ୍ଣ ପଦକ ରାଣୀ ଗାଡ଼ିଆ ଜିତିଥିଲେ। ମହିଳା ଏକକ ଫାଇନାଲ୍‌ରେ ସେ ୨୧-୧୯, ୨୧-୭ରେ ବିହାରର ରଶ୍ମିତା କୁମାରୀଙ୍କୁ ହରାଇଥିଲେ। ପୁରୁଷ ଏସ୍‌ୟୁ-୫ ଫାଇନାଲ୍‌ରେ ସେଖ୍ ଅସିଫ ଜମାଲ ୮-୨୧, ୧୨-୨୧ରେ ଅରୁଣାଚଳ ପ୍ରଦେଶର ତାମେ ତାଲାଙ୍ଗଙ୍କଠୁ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ପୁରୁଷ ଯୁଗଳରେ ଅସିଫ ଓ ତାଙ୍କ ସାଥୀ ଅଭିଜିତ ପ୍ରଧାନ ୧୫-୨୧, ୧୬-୨୧ରେ ଅରୁଣାଚଳ ପ୍ରଦେଶର ତାମେ ଓ ଲେମକୁଲ ମୋସାଙ୍ଗଠୁ ହାରି ରୌପ୍ୟ ପାଇଥିଲେ। ଏକକ ସେମିଫାଇନାଲ୍‌ରେ ଶୁଭ୍ରଜିତ ମହାରଣା, ଅନୁପ ରଂଜନ ବଡ଼ା, ପାପୁନ କୁମାର କିଶାନ ହାରି କାଂସ୍ୟ ପଦକ ପାଇଥିଲେ। ପୁରୁଷ ଯୁଗଳ ଯୋଡ଼ି ପୂଜ୍ୟମ ମିଶ୍ର-ଶେଷଗିରି କାଡ଼ିଆମ, ଅନୂପ-ଶୁଭ୍ରଜିତ ଏବଂ ପାପୁନ-ଆଲୋକ ମହାନ୍ତି ମଧ ସେମିଫାଇନାଲ୍‌ରେ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ।


कार्यपालक अभियंता का कार्यालय,
पथ निर्माण विभाग, पथ प्रमंडल,
जामताड़ा।

**शुद्धि पत्र**

पथ निर्माण विभाग, पथ प्रमंडल, जामताड़ा अंतर्गत ROB निर्माण से संबंधित ई–प्रोक्यूरमेंट सूचना संख्या–01/2023–24 (PR No.-299907) में ई–निविदा का वेबसाईट पर प्रकाशन की तिथि 23.06.2023 के स्थान पर 03.07.2023 पढ़ा जाय। शेष शर्ते यथावत रहेंगें।

कार्यपालक अभियंता,
पथ निर्माण विभाग,
पथ प्रमंडल, जामताड़ा।

PR 300864 (Road) 23-24 (D)


## ଓଡିଶା ଷ୍ଟେଟ ଆଥଲେଟିକ ଚମ୍ପିୟନସିପ ଉଦ୍‌ଯାପିତ

# ପଦକ ବିଜେତା ପୋଲିସ ଆଥ୍‌ଲେଟ୍ ସମ୍ବର୍ଦ୍ଧିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୬୯ତମ ଓଡିଶା ଷ୍ଟେଟ ଆଥଲେଟିକ ଚମ୍ପିୟନସିପ - ୨୦୨୩ ରେପଦକ ଜି ଓଡିଶା ପୋଲିସର ସୁନାମ ବଢାଇ ଥିବା ପ୍ରତିଯୋଗୀଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂସଲ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି । ଆଜି ଅପରାହ୍ନରେ ପଦକ ଜିତିଥିବା ପ୍ରତିଯୋଗୀମାନେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଶ୍ରୀ ବଂସଲଙ୍କୁ ସାକ୍ଷାତ କରିଥିଲେ ।ଏହି ସାକ୍ଷାତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ଆର. କେ. ଶର୍ମାଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭୁବେନେଶ୍ୱରସ୍ଥିତ କିଟ୍ ଆଥଲେଟିକ ଷ୍ଟାଡିୟମରେ ୨୨ ରୁ ୨୫ ଜୁନ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହି ପ୍ରତିଯୋଗିତାରେ ଅଶୋକ ଦଣ୍ଡସେନା ୧୫୦୦ ଓ ୩୦୦୦ ମିଟର (ଷ୍ଟିପଲ ଚେଜ) ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ନୂତନ ରେକର୍ଡ ସ୍ଥାପନ କରିଛନ୍ତି । ମହିଳା ବିଭାଗରେ ଓଡିଶା ପୋଲିସ ଦଳଗତ ଚମ୍ପିୟାନ ହୋଇଛି ସେହିପରି ବିଘ୍ନରାଜ ମିରିଡିଆ ୨୦୦ ଏବଂ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ, ରାକେଶ କୁମାର ସାହୁ (ଡେକାଥଲନ) ରେ ସ୍ୱର୍ଣ୍ଣ ଓ (ପୋଲଭୋଲ୍ଟ) ରେ ବ୍ରୋଞ୍ଜ ପଦକ, ଯୋଗେଶ କୁମାର ଦାସ (ହାମର ଥ୍ରୋ)ରେ ସ୍ୱର୍ଣ୍ଣ ପଦକ, ବିଜୟ କୁମାର ସାହୁ ୪୦୦ ମିଟର (ବାଧା ଦୌଡ)ରେ ସ୍ୱର୍ଣ୍ଣ ପଦକ, ସୁନୀଲ ନାୟକ ୮୦୦ ମିଟର ଦୌଡ ରେ ବ୍ରୋଞ୍ଜ ପଦକ, ସୂର୍ଯ୍ୟକାନ୍ତ ରାୟ ୫୦୦୦ ଏବଂ ୧୦୦୦୦ ମିଟର ଦୌଡରେ ବ୍ରୋଞ୍ଜ ପଦକ, ସମ୍ରାଟ ସା (ଲଙ୍ଗଜମ୍ପ) ରେ ବ୍ରୋଞ୍ଜ ପଦକ, ନିରଞ୍ଜନ ମହାନ୍ତି ୧୦୦ ମିଟର ଦୌଡରେ ବ୍ରୋଞ୍ଜ ପଦକ, ବନିତା ଲାକ୍ରା ୧୦୦ ଏବଂ ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ, ମିତାଲି ମଲ୍ଲିକ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ, ସସ୍ମିତା ବେହେରା (ଜାଭଲିନ ଥ୍ରୋ)ରେ ସ୍ୱର୍ଣ୍ଣ ପଦକ ଓ (ଡ଼ିସକସ ଥ୍ରୋ)ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି କ୍ଷ ଏହି ସାକ୍ଷାତ ସମୟରେ ସେକ୍ସନ ଅଫିସର, ସ୍ପୋର୍ଟ୍ସ ସେଲ ମହମ୍ମଦ ସହିଦ ଜବାର ଓ କୋଚ୍ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


कार्यपालक अभियंता का कार्यालय
पेयजल एवं स्वच्छता प्रमंडल, राँची पश्चिम, राँची।

ई–प्रोक्योरमेंट अति अल्पकालीन निविदा सूचना
(चतुर्थ कॉल)
जिसका **PR No. 267863 (Drinking Water and Sanitaion)** 2022–23 है।

निविदा सूचना संख्या – **DWSD/RW/SVS-01/2022-23** दिनांक 26.06.2023

| क्र0 | योजना का नाम | योजना की संख्या | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|---|
| 1. | 2. | 3. | 4. | 5. | 6. | 7. |
| | Construction of Rural Pipe Water Supply Scheme through DT/HYTD/GPT/HYGPT (Solar based) 01/2.0 H.P. DC Motor pump complete set for different tolas of concern villages which is not included in MVS and has no electricity or less electricity to supply water 2000 LPH maximum at least 15/30 year for 24x7 supply with 100% coverage by Tap water Facility under JJM for the year 2022-23 | | | | | |
| 2 | Puriyo SVS Group of Scheme under Ratu Block (Group No. – 02) | 6 | 11252595.42 | 225100.00 | 10000.00 | 06 (छः माह) |

2. वेबसाइट पर निविदा प्रकाशन की तिथि एवं समय :– 27/06/2023 / 04.00 बजे अपराहन तक।
3. बीड प्राप्ति की अंतिम तिथि एवं समय :– 03/07/2023 / 04.00 बजे अपराहन तक।
4. अग्रधन की राशि एवं परिमाण विपत्र का मूल्य (हार्ड कॉपी) जमा करने की तिथि एवं समय :– 04/07/2023 / 04.00 बजे अपराहन तक।
5. निविदा खोलने की तिथि एवं समय :– 05/07/2023 / 04.00 बजे अपराहन में।
6. निविदा आमंत्रित करने वाले पदाधिकारी के कार्यालय का पता :– कार्यपालक अभियंता, पेयजल एवं स्वच्छता प्रमंडल, राँची पश्चिम, राँची।
7. निविदा खोलने वाले पदाधिकारी के कार्यालय का पता :– कार्यपालक अभियंता, पेयजल एवं स्वच्छता प्रमंडल, राँची पश्चिम, राँची।
8. ई–प्रोक्योरमेन्ट सेल का हेल्पलाईन नं0 :– 0651-2491247
9. निविदा की प्राक्कलित राशि घट–बढ़ सकती है, तत्पश्चात अग्रधन की राशि देय मान्य होगा।
10. कार्य की मात्रा आवश्यकतानुसार घट–बढ़ सकती है।
11. विस्तृत जानकारी हेतु वेबसाइट http://jharkhandtenders.gov.in पर देखा जा सकता है।

कार्यपालक अभियंता,
पेयजल एवं स्वच्छता प्रमंडल,
राँची पश्चिम, राँची।

PR 300943 (Drinking Water and Sanitation) 23-24 (D)



କ୍ଷୀରକୁ ଏକ ସମ୍ପୂର୍ଣ୍ଣ ଆହାର ବୋଲି କୁହାଯାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଛି। ଯାହା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର କରି ଶରୀରକୁ ସୁସ୍ଥ ରଖିଥାଏ। ସେହିଭଳି ତ୍ୱଚା ପାଇଁ ମଧ୍ୟ କ୍ଷୀର ବେଶ ଲାଭଦାୟକ। ଜାଣନ୍ତୁ କିଭଳି ଏହାକୁ ବ୍ୟବହାର କରିବେ..। ରାତିରେ ଶୋଇବା ପୂର୍ବରୁ ତ୍ୱଚାରେ କଞ୍ଚା କ୍ଷୀରକୁ ହାଲକା ଭାବେ ମାଲିସ୍ କରି ଶୁଅନ୍ତୁ। ଏଥିରେ କ୍ୟାଲସିୟମ, ପୋଟାସିୟମ ଓ ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। ଏହାଦ୍ୱାରା ତ୍ୱଚାକୁ ଭରପୁର ପୋଷଣ ମିଳିଥାଏ। ତ୍ୱଚାରେ କ୍ଷୀର ଲଗାଇବା ଦ୍ୱାରା ତ୍ୱଚା ଭଲ ଭାବେ ସଫା ହୋଇଥାଏ। ନିୟମିତ କଞ୍ଚା କ୍ଷୀରରେ ତ୍ୱଚାକୁ ମାଲିସ କରିବା ଦ୍ୱାରା ତ୍ୱଚାରେ କୁଞ୍ଚନ ସୃଷ୍ଟି ହୋଇନଥାଏ। କଞ୍ଚା କ୍ଷୀରକୁ ତ୍ୱଚାରେ ମାଲିସ କରିବା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ। ଖରା କାରଣରୁ ମୁହଁ କଳା ପଡୁଥିଲେ,କଞ୍ଚା କ୍ଷୀର ଲଗାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଉଜ୍ଜ୍ୱଳ ଓ ତ୍ୱଚାର ଚମକ ବୃଦ୍ଧି ପାଇଁ ନିୟମିତ ତ୍ୱଚାରେ କଞ୍ଚା କ୍ଷୀର ବ୍ୟବହାର କରନ୍ତୁ। ଆଖିତଳର କଳା ଦାଗ ଦୂର ପାଇଁ କଞ୍ଚା କ୍ଷୀର ଖୁବ୍ ଉପକାରୀ।



## ୫ଟି ଜିନିଷ ପରିତ୍ୟାଗ କଲେ ମିଳିବ ସଫଳତା

ଯଦି ତୁମେ ସଫଳତା ପାଇପାରୁ ନାହଁ, ତେବେ ଲକ୍ଷ୍ୟ ନୁହେଁ, କାର୍ଯ୍ୟ କରିବାର ପଦ୍ଧତିକୁ ପରିବର୍ତ୍ତନ କରିବା ଉଚିତ। ସଫଳତା ପାଇବା ପାଇଁ ୫ଟି କଥାକୁ ପରିତ୍ୟାଗ କଲେ ନିଶ୍ଚିତ ଭାବରେ ସଫଳତା ମିଳିବ ବୋଲି ଚାଣକ୍ୟ କହିଛନ୍ତି।



ପ୍ରଥମରେ ଭୟ: ଯେତେବେଳେ ଲକ୍ଷ୍ୟ ବଡ଼, ସେତେବେଳେ ପ୍ରାରମ୍ଭିକ ପ୍ରୟାସରେ ବିଫଳ ହେବାର ସମ୍ଭାବନା ବହୁତ ଅଧିକ, ଏବଂ ଏହି ଭୟ ଆମର ବିଫଳତାର କାରଣ। ଚାଣକ୍ୟଙ୍କ ନୀତି ଅନୁଯାୟୀ ଭୟ ଆମର କଳ୍ପନା ଛଡ଼ା ଆଉ କିଛି ନୁହେଁ। ଯଦି ତୁମେ ତୁମର ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛ, କଠୋର ପଦକ୍ଷେପ ନେବାକୁ ଭୟ କର ନାହିଁ। ତୁମର ବୁଝମଣା ସହିତ ଯୋଜନା କର ଏବଂ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୁଅ। ଲୋକମାନେ କ'ଣ ଭାବିବେ କେବେ ଚିନ୍ତା କର ନାହିଁ : କୌଣସି କାମ ବହୁତ ବଡ଼ କିମ୍ବା ବହୁତ ଛୋଟ ନୁହେଁ। ଚାଣକ୍ୟଙ୍କ ଅନୁଯାୟୀ, ଯେଉଁ କାର୍ଯ୍ୟରେ ଆପଣ ଆଗ୍ରହୀ ଅଟନ୍ତି ଏବଂ ଏହାକୁ ସମ୍ପୂର୍ଣ୍ଣ କରିବାର କ୍ଷମତା ଅଛି, ଏହାକୁ ସମ୍ପୂର୍ଣ୍ଣ ହୃଦୟର ସହ କରନ୍ତୁ। ଲୋକମାନେ ଯାହା ଭାବନ୍ତି ତାହା ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ କାରଣ ଏହିପରି ଲୋକମାନେ ଆପଣଙ୍କ ବାସ୍ତବତା ବାହାରେ। ଏହିପରି ଲୋକଙ୍କ କଥା ପ୍ରତି ଧ୍ୟାନ ଦେବା ଅନାବଶ୍ୟକ। ନକାରାତ୍ମକ ଚିନ୍ତାଧାରା: ତୁମର ନିଜ ଉପରେ ବିଶ୍ୱାସ ଅଛି ତେବେ ଦୁନିଆକୁ ଜିତିବ। ସଫଳ ହେବାକୁ ନକାରାତ୍ମକ ଚିନ୍ତାଧାରାକୁ ପରିତ୍ୟାଗ କର ଏବଂ ତୁମର ଦକ୍ଷତା ଉପରେ ବିଶ୍ୱାସ ରଖ। ଚିନ୍ତା କିମ୍ବା ଧ୍ୟାନ: ସଫଳ ବ୍ୟକ୍ତିମାନେ ସେମାନଙ୍କର ପ୍ରତ୍ୟେକ ମୁହୂର୍ତ୍ତର ଉପଯୁକ୍ତ ଉପଯୋଗ କରି ସର୍ବଦା ଆଗକୁ ବଢ଼ନ୍ତି। ଏପରି ପରିସ୍ଥିତିରେ ଅତୀତରୁ ଶିକ୍ଷା ଗ୍ରହଣ କରି ଭବିଷ୍ୟତ ବିଷୟରେ ଚିନ୍ତା କର ନାହିଁ। ଅହଂକାରର ନିଆଁ: ସଫଳତା ହାସଲ କରିବା ଯେତିକି କଷ୍ଟକର, ଏହାକୁ ନିରନ୍ତର ବଜାୟ ରଖିବା ସେତିକି କଷ୍ଟକର। ଯେତେବେଳେ ଜଣେ ସଫଳତା ହାସଲ କରେ ତାଙ୍କ ମନରେ ଗର୍ବ ଆସେ। ଯାହା ଜଣେ ବ୍ୟକ୍ତିଙ୍କ ଅବନତି ଘଟାଏ।

## 'ବସ୍ତର'ରେ ନଜର ଆସିପାରନ୍ତି ଅଦା !

ଗତକିଛି ମାସ ହେଲା ବଲିଉଡ ଫିଲ୍ମ ' ଦ କେରଳ ଷ୍ଟୋରୀ'କୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା। ଫିଲ୍ମର ବିଷୟବସ୍ତୁକୁ ନେଇ ଅନେକ ବିବାଦ ଦେଖାଦେଇଥିଲା କିନ୍ତୁ ଅନ୍ୟ ପଟେ ଫିଲ୍ମଟି ବେଶ ଭଲ ବ୍ୟବସାୟ କରି ରେକର୍ଡ କରିଥିଲା। ଅଦା ଶର୍ମାଙ୍କ ଅଭିନୀତ ଏହି ଫିଲ୍ମକୁ ସୁଦୀପ୍ତ ସେନ୍ ନିର୍ଦ୍ଦେଶନା ଦେଇଥିଲେ ଏବଂ ବିପୁଲ ଅମୃତଲାଲ ଶାହାଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା। ଏବେ ଏହି ନିର୍ଦ୍ଦେଶକ ଏବଂ ନିର୍ମାତା ଯୋଡ଼ି ଆଉ ଏକ ନୂଆ ଚଳଚ୍ଚିତ୍ର ସହିତ ଆସୁଛନ୍ତି । ଏହି ଚଳଚ୍ଚିତ୍ରର ଟାଇଟଲ୍ ହେଉଛି 'ବସ୍ତର', ଯାହା ଏକ ସତ୍ୟ କାହାଣୀ ଉପରେ ଆଧାରିତ । ଫିଲ୍ମ ପୋଷ୍ଟର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଫିଲ୍ମ 'ଦ କେରଳ ଷ୍ଟୋରୀ' ମେ ମାସରେ ରିଲିଜ ହୋଇଥିଲା। କେରଳର ପୃଷ୍ଠଭୂମିରେ ପ୍ରକୃତ କାହାଣୀ ପ୍ରଦର୍ଶିତ ହୋଇଥିଲା । ଅଦା ଶର୍ମାଙ୍କ ଚଳଚ୍ଚିତ୍ର ୨୦୦ କୋଟିରୁ ଅଧିକ ବ୍ୟବସାୟ କରି ନୂଆ ରୋଜଗାରର ରେକର୍ଡ ସୃଷ୍ଟି କରିଥିଲା। ଫିଲ୍ମର ସଫଳତା ପରେ ସୁଦୀପ୍ତୋ ସେନ ଏବଂ ଅମୃତ ପ୍ରକୃତ ସତ୍ୟ ଘଟଣା ଉପରେ ଆଧାରିତ ଆଉ ଏକ ଫିଲ୍ମ ଆଣିବାକୁ ଯାଉଛନ୍ତି। ଯାହାର ନାମ 'ବସ୍ତର' । ବିପୁଲ ଏବଂ ଅମୃତ ଯୋଡିଙ୍କ ଏହି ଫିଲ୍ମ ଆସନ୍ତା ବର୍ଷ ଏପ୍ରିଲ ୫ ରେ ରିଲିଜ୍ ହେବ। ବର୍ତ୍ତମାନ ଏହି ଫିଲ୍ମର ଷ୍ଟାରକାଷ୍ଟ ପ୍ରକାଶ କରାଯାଇନାହିଁ। କିନ୍ତୁ ବିଶ୍ୱାସ କରାଯାଉଛି ଯେ ପୁଣିଥରେ ଅଦା ଶର୍ମା ଏହି ଫିଲ୍ମରେ ଏକ ଭିନ୍ନ ଭୂମିକାରେ ନଜର ଆସିବେ। ଫିଲ୍ମର ପୋଷ୍ଟରରେ 'ବସ୍ତର' ନାଲି ରଙ୍ଗର ଫଣ୍ଟରେ ଦେଖିବାକୁ ମିଳିଛି। କହିବାକୁ ଗଲେ ବିପୁଲ ଅମୃତଲାଲ ଶାହଙ୍କ 'ଆଙ୍ଖେ', ହଲିଡେ, ଫୋର୍ସ, କମାଣ୍ଡୋ, 'ଓ୍ୱକ୍ତ', 'ନମସ୍ତେ ଲଣ୍ଡନ', 'ସିଂ ଇଜ୍ କିଙ୍ଗ', 'ଦ କେରଳ ଷ୍ଟୋରୀ', ' ସନକ', 'ହ୍ୟୁମନ' ଭଳି ଫିଲ୍ମ ଦର୍ଶକଙ୍କୁ ପ୍ରଭାବିତ କରିଥିଲା।





## ଆପଣ ଘରେ ଶୁଆ ପାଳିଛନ୍ତି କି ?

ଭଗବାନ ପୃଥିବୀରେ ଅନେକ ସୁନ୍ଦର ପ୍ରାଣୀଙ୍କୁ ସୃଷ୍ଟି କରିଛି, ସେଥିମଧ୍ୟରୁ କେତେକ ଏପରି ଜୀବ ଅଛନ୍ତି, ଯାହାଙ୍କ ସହ ଆମେ ବନ୍ଧୁତା ସୃଷ୍ଟି କରିଥାଉ ଏବଂ ଘରେ ପାଳିଥାଉ। ବହୁତ ଲୋକ ଅଛନ୍ତି ଯେଉଁମାନେ କି କୁକୁର ପାଳିବାକୁ ବହୁତ ପସନ୍ଦ କରନ୍ତି । କୁକୁର ମାନବ ପାଇଁ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ସ୍ନେହୀ ବୋଲି ବିବେଚନା କରାଯାଏ । ଏଥି ସହିତ, ଅନେକ ଲୋକ ନିଜ ଘରେ ଶୁଆ ମଧ୍ୟ ରଖନ୍ତି, କିନ୍ତୁ ଆପଣ ଜାଣନ୍ତି କି ଘରେ ଶୁଆ ରଖିବା ଶୁଭ କି ଶୁଭ ଅଟେ ?

ବାସ୍ତୁ ଶାସ୍ତ୍ରରେ କୁହାଯାଇଛି ଯେ ଶୁଆଟି ସମସ୍ତଙ୍କ ପାଇଁ ଶୁଭ କିମ୍ବା ଅଶୁଭ ନୁହେଁ। ଏହା ବିଭିନ୍ନ ପରିସ୍ଥିତିରେ ଭିନ୍ନ ଫଳାଫଳ ଦେଇଥାଏ । ଭୋପାଳ ଜ୍ୟୋତିଷ ତଥା ବାସ୍ତୁ ପରାମର୍ଶଦାତା ପଣ୍ଡିତ ହିତେନ୍ଦ୍ର କୁମାର ଶର୍ମା ଏହି ବିଷୟରେ ଅଧିକ ସୂଚନା ଦେଇଛନ୍ତି। - ବାସ୍ତୁ ଶାସ୍ତ୍ରରେ କୁହାଯାଇଛି ଯେ ଯଦି ଆପଣ ଘରର ଉତ୍ତର ଦିଗରେ ଏକ ଶୁଆ ରଖନ୍ତି ତେବେ ଏହା ଶୁଭ ଅଟେ। ଏହି କୋଣରେ ରଖିବା ଦ୍ୱାରା ପିଲାମାନଙ୍କର ଅଧ୍ୟୟନ, ଏକାଗ୍ରତା ଏବଂ ସ୍ମୃତି ଶକ୍ତି ବୃଦ୍ଧି ହୋଇଥାଏ। ସ୍ୱାମୀ ଏବଂ ସ୍ତ୍ରୀଙ୍କ ସମ୍ପର୍କ ମଜଭୁତ ହୋଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଘରେ ଶୁଆ ରଖିବା ଦ୍ୱାରା ଘରର ଲୋକମାନେ ବିଶେଷ ରୋଗର ଶିକାର ହୋଇନଥାନ୍ତି। ଯଦି ଆପଣଙ୍କ ଘରେ ଶୁଆ ଅଛି, ତେବେ ରାହୁ, କେତୁ ଏବଂ ଶନିଙ୍କ ରାଶିଫଳରେ ଥିବା ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ହ୍ରାସ ହୋଇପାରେ । ଘରେ ଏହାକୁ ରଖିବା ଦ୍ୱାରା ଅକାଳ ମୃତ୍ୟୁ ହେବାର ସମ୍ଭାବନା ମଧ୍ୟ ଦୂର ହୋଇଥାଏ । - ଯଦି ଆପଣ ଶୁଆକୁ ଏକ ପଞ୍ଜୁରୀରେ ରଖିଛନ୍ତି, ତେବେ ବିଶେଷ ଧ୍ୟାନ ଦିଅନ୍ତୁ ସେ ଏତେ ଖୁସି ନଥାଏ। ତେଣୁ ଏହା ଆପଣଙ୍କ ଜୀବନରେ ନକରାତ୍ମକ ପ୍ରଭାବ ପକାଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯଦି କୌଣସି ବ୍ୟକ୍ତିର ରାଶିରେ ଗୋଟିଏ ଶୁଆ ରଖିବାର ଯୋଗ ନଥାଏ, ତା'ହେଲେ ଯଦି ସେ ରଖନ୍ତି, ତେବେ ସେହି ବ୍ୟକ୍ତି ଖରାପ ବେଳାର ଶିକାର ହୋଇପାରେ । ଏହା ମଧ୍ୟ ବିଶ୍ୱାସ କରାଯାଏ ଯଦି ଆପଣ ରଖିଥିବା ଶୁଆଟି ଖୁସିନଥାଏ ତେବେ ମାଲିକକୁ ଅଭିଶାପ ଦେଇପାରେ, ଯେଉଁଥିପାଇଁ ମାନବ ଜୀବନରେ ଅନେକ ସମସ୍ୟା ଉପୁଜିପାରେ । ଯଦି ତୁମ ଘରେ ଝଗଡା ହୁଏ ଏବଂ ଶୁଆଟି ସେହି ଜିନିଷଗୁଡିକର ପୁନରାବୃତ୍ତି କରେ, ତେବେ ଜ୍ୟୋତିଷ ଶାସ୍ତ୍ରରେ ଏଗୁଡିକ ଅଶୁଭ ବୋଲି ବିବେଚନା କରାଯାଏ ।



## ଅର୍ଜୁନଙ୍କ ଜନ୍ମଦିନ ପାର୍ଟିରେ କିଲର ଡ୍ୟାନ୍ସ କଲେ ମଲାଇକା

ବଲିଉଡ୍ ତାରକା ଅର୍ଜୁନ ସୋମବାର ତାଙ୍କର ୩୬ତମ ଜନ୍ମଦିନ ପାଳନ କରିଛନ୍ତି। ୨୫ ଜୁନ୍ ରାତିରେ ସେ ଜନ୍ମଦିନର ଏକ ପ୍ରି-ବାର୍ଥଡେ ପାର୍ଟିର ଆୟୋଜନ କରିଥିଲେ । ଯେଉଁଥିରେ ତାଙ୍କ ଫ୍ୟାମିଲି-ଫ୍ରେଣ୍ଡଙ୍କସହ ବହୁତ ମଜାଦାର କେମେଷ୍ଟ୍ରି ଦେଖିବାକୁ ମିଳିଥିଲା । ତାଙ୍କ ଭଉଣୀ ଅନସୁଲା ଏବଂ ଖୁସି କପୁରଙ୍କ ବ୍ୟତୀତ ତାଙ୍କ ଗର୍ଲଫ୍ରେଣ୍ଡ ମଲାଇକା ଆରୋରା ମଧ୍ୟ ଏହି ପାର୍ଟିରେ ଯୋଗ ଦେଇଥିଲେ। ସେହି ପାର୍ଟିରେ ମଲାଇକାଙ୍କ ଡ୍ୟାନ୍ସ ଭିଡିଓ ସ୍ୱେଶାଲ କରିଥିଲା। ବର୍ତ୍ତମାନ ଭିଡିଓ ସାମ୍ନାକୁ ଆସିଛି। ଯାହା ଭାଇରାଲ ହେବାରେ ଲାଗିଛି। ତାଙ୍କର ପ୍ରି-ବର୍ଥଡେ ପାର୍ଟି ଅର୍ଜୁନଙ୍କ ଘରେ ଆୟୋଜିତ ହୋଇଥିଲା। ଏଥିରେ ମଲାଇକା ଆରୋରା ତାଙ୍କର ପପୁଲାର ଗୀତ ଛେୟା ଛେୟାରେ ଜବରଦସ୍ତ ଡ୍ୟାନ୍ସ କରୁଥିବାର ନଜର ଆସିଥିଲେ। ପାର୍ଟିରେ ଉପସ୍ଥିତ ଅତିଥିମାନେ ମଧ୍ୟ ମଲାଇକାଙ୍କ ସହ ନାଚୁଥିବା ଦେଖିବାକୁ ମିଳିଥିଲା। କହିବାକୁ ଗଲେ ୧୦୧୬ରେ ଅରବାଜ ଖାନଙ୍କ ଠାରୁ ମଲାଇକା ଛାଡପତ୍ର ନେଇଥିଲେ। ସେବେଠାରୁ ଅର୍ଜୁନ କପୁରଙ୍କ ସହ ଲିଙ୍କ୍ ହେବାର ଖବର ଆସିଥିଲା। ହେଲେ ଉଭୟ ଦୁହିଙ୍କ ସମ୍ପର୍କକୁ ଖୋଲାଖୋଲି ଭାବେ କହିଥିବା ବେଳେ ବିବାହ ନେଇ ମୁହଁ ଖୋଲୁ ନାହାନ୍ତି।

## ରାନ୍ଧିବା ବେଳେ କୁକରରେ କେତେ ଦେବେ ପାଣି ?




ଆଜିକାଲି ସହଜ ସରଳ ଉପାୟରେ ରୋଷେଇ କରିବା ପାଇଁ ସମସ୍ତେ ପ୍ରେସର କୁକୁର ବ୍ୟବହାର କରୁଛନ୍ତି। ଭାତ ହେଉ କି ଡାଲି ଗ୍ୟାସରେ ଅତି ସହଜରେ ଯଦି କିଛି ରାନ୍ଧି ହୁଏ ତେବେ ସମସ୍ତେ ପ୍ରେସର କୁକରକୁ ହିଁ ବାଛିଥାନ୍ତି। ଭାତ ହେଉ କି ଡାଲି ଗ୍ୟାସରେ ଅତି ସହଜରେ ଯଦି କିଛି ରାନ୍ଧି ହୁଏ ତେବେ ସମସ୍ତେ ପ୍ରେସର କୁକରକୁ ହିଁ ବାଛିଥାନ୍ତି। ତେବେ ସାଧାରଣତଃ ପ୍ରେସରକୁକରରେ ରୋଷେଇ କରିବା ବେଳେ କିଛି ପ୍ରେସର କୁକରର ବାହାରକୁ ପାଣି ଆସି ଯାଇଥାଏ। ଯାହାକି ଅନେକ ସମସ୍ୟା ସୃଷ୍ଟି କରିଥାଏ। ତେବେ ସାଧାରଣତଃ ପ୍ରେସରକୁକରରେ ରୋଷେଇ କରିବା ବେଳେ କିଛି ପ୍ରେସର କୁକରର ବାହାରକୁ ପାଣି ଆସି ଯାଇଥାଏ। ଯାହାକି ଅନେକ ସମସ୍ୟା ସୃଷ୍ଟି କରିଥାଏ। ତେବେ କୁକରରେ ରାନ୍ଧିବା ବେଳେ ଏହାକୁ କିପରି ରୋକାଯାଇପାରିବ ସେ ନେଇ ଆମେ ଆପଣଙ୍କ ପାଇଁ କିଛି ଟିପ୍ସ ନେଇ ଆସିଛୁ।



ପ୍ରଥମେ କୁକରରେ ଥିବା ସିଟିକୁ ଭଲଭାବରେ ଧୋଇ ରଖନ୍ତୁ। ନଚେତ୍ ଏଥିରେ ଅତ୍ୟଧିକ ମଇଳା ଯୋଗୁଁ ଗ୍ୟାସ ବାହାରିବ । ଏହି କାରଣରୁ ଜଳ ନିଷ୍କାସନ ହେବାରେ ଆଶଙ୍କା ରହିଥାଏ। ସେଥିପାଇଁ ରାନ୍ଧିବା ସମୟରେ ପାଣି ମାପନ୍ତୁ ଓ ପାଣି ମିଶାନ୍ତୁ । ଯଦି ଆପଣ ଅତ୍ୟଧିକ ପାଣି ଦେଉଛନ୍ତି ତେବେ ଏହାଦ୍ୱାରା ପାଣି ବାହାରକୁ ବାହାରିଆସିବାର ସମ୍ଭାବନା ରହିଛି। କୁକରରେ ଥିବା ସିଟିକୁ ଭଲଭାବରେ ଧୋଇ ରଖନ୍ତୁ। ନଚେତ୍ ଏଥିରେ ଅତ୍ୟଧିକ ମଇଳା ଯୋଗୁଁ ଗ୍ୟାସ ବାହାରିବ । ଏହି କାରଣରୁ ଜଳ ନିଷ୍କାସନ ହେବାରେ ଆଶଙ୍କା ରହିଥାଏ। ସେଥିପାଇଁ ରାନ୍ଧିବା ସମୟରେ ପାଣି ମାପନ୍ତୁ ଓ ପାଣି ମିଶାନ୍ତୁ । ଯଦି ଆପଣ ଅତ୍ୟଧିକ ପାଣି ଦେଉଛନ୍ତି ତେବେ ଏହାଦ୍ୱାରା ପାଣି ବାହାରକୁ ବାହାରିଆସିବାର ସମ୍ଭାବନା ରହିଛି। ଯଦି ପ୍ରେସରକୁକର ଓ୍ୱାସର ସଠିକ୍ ଭାବରେ ଦିଆ ହୋଇନଥାଏ କିମ୍ବା କୌଣସି ପ୍ରକାର ଖାଲି ହୋଇଯାଏ ତେବେ ଖାଦ୍ୟ ଫୁଟିବା ସମୟରେ ପାଣି ବାହାରକୁ ଆସିବାର ସମ୍ଭାବନା ରହିଛି। ଏହାକୁ ଗ୍ୟାସରେ ରଖିବା ପୂର୍ବରୁ କୁକରକୁ ଯାଞ୍ଚ କରନ୍ତୁ। ଯଦି ପ୍ରେସରକୁକର ଓ୍ୱାସର ସଠିକ୍ ଭାବରେ ଦିଆ ହୋଇନଥାଏ କିମ୍ବା କୌଣସି ପ୍ରକାର ଖାଲି ହୋଇଯାଏ ତେବେ ଖାଦ୍ୟ ଫୁଟିବା ସମୟରେ ପାଣି ବାହାରକୁ ଆସିବାର ସମ୍ଭାବନା ରହିଛି। ଏହାକୁ ଗ୍ୟାସରେ ରଖିବା ପୂର୍ବରୁ କୁକରକୁ ଯାଞ୍ଚ କରନ୍ତୁ। କୁକରକୁ ଧୋଇବା ସମୟରେ କୁକରର ଓ୍ୱାଶର୍ ନଷ୍ଟ ହୋଇଯାଇପାରେ। ଏହି କାରଣରୁ ବେଳେବେଳେ ରାନ୍ଧିବା ସମୟରେ ପାଣି କୁକରରୁ ବାହାରି ଯାଏ ।କୁକରକୁ ଧୋଇବା ସମୟରେ କୁକରର ଓ୍ୱାଶର୍ ନଷ୍ଟ ହୋଇଯାଇପାରେ। ଏହି କାରଣରୁ ବେଳେବେଳେ ରାନ୍ଧିବା ସମୟରେ ପାଣି କୁକରରୁ ବାହାରି ଯାଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଟାଙ୍ଗି-ଚୌଦ୍ୱାର,(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଟାଙ୍ଗି ଚୌଦ୍ୱାର ବ୍ଲକ ରେ ପ୍ରତିମାସରେ ଜିଲ୍ଲାପାଳଙ୍କ ତରଫରୁ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା କୁ ସମାଧାନ କରିବା ପାଇଁ ଜନ ଶୁଣାଣି ଆୟୋଜନ କରାଯାଉଛି।ଏହି ଜନଶୁଣାଣି ରେ ଏହି ବ୍ଲକ ର ୨୫ ଟି ପଞ୍ଚାୟତ ର ବହୁ ଗରିବ ଆଦିବାସୀ ଲୋକ ନିଜ ନିଜ ସମସ୍ୟା ସମାଧାନ ଆଶାରେ ଆସୁଛନ୍ତି କିନ୍ତୁ କେବଳ ସମସ୍ୟା ଶୁଣାଣି ଓ ଅଭିଯୋଗ ରେ ରହି ଯାଉଛି । ଆଜିର ଜନଶୁଣାଣି ରେ ଏକଶହଅଶୀ ଟି ଅଭିଯୋଗ ଆସିଥିବାର ଜଣାପଡିଥିବା ବେଳେ କୌଣସି ସୁଫଳ ମିଳୁନଥିବା କହିଛନ୍ତି ସାଧାରଣ ଜନତା।ଅନ୍ୟ ପକ୍ଷରେ ଏହି ବ୍ଲକ ରେ ଭ୍ରଷ୍ଟାଚାର କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ସଲମାନ ଖାନ । ତାଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ଅନ୍ୟ ଏକ ଗ୍ରୁପ ବିଲ କରିନେଇ ଥିବା ଅଭିଯୋଗ ଆଣିଛନ୍ତି ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବ୍ଲକ ତରଫରୁ ସାତ ଦିନ ସମୟ ମାଗିଥିବା ଜଣାପଡ଼ିଛି । ଅନ୍ୟ ପଟେ ଉକ୍ତ କାର୍ଯ୍ୟ ରେ ବିଳମ୍ବ ହେବାରୁ ଅନ୍ୟ ଲୋକ କାମ କରି ତାଙ୍କ ନାମରେ ବିଲ ହୋଇଥିବା କହିଛନ୍ତି ବିଭାଗୀୟ ଅଧିକାରୀ।ଲୋକଙ୍କ ଜନ ଶୁଣାଣିର ଅଭିଯୋଗ କୁ ଭିତିକରି ସେମାନଙ୍କ ସମସ୍ୟା ସମାଧାନ ନ ହେଉଥିବା ସମ୍ପର୍କରେ ଜିଲ୍ଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି ଏବେ ଏକ କମିଟି କରାଯାଇ ଆସିଥିବା ଅଭିଯୋଗ କୁ ଗୁରୁତ୍ୱ ସହ ନେଇ ଏହାର ସମାଧାନ କରାଯିବ ବୋଲି କହିଛନ୍ତି ।

## ସରକାରୀ ନିୟମକୁ ଫୁଃ ବିଦ୍ୟାଳୟ ପାଖରେ ନିର୍ମାଣ ହେଉଛି ମୋବାଇଲ୍ ଟାୱାର



ନିଆଳି (ଭାସ୍କର ନ୍ୟୁଜ) : ନିଆଳୀ ତହସିଲ ଅଧିନସ୍ଥ ରାଣୀଓଳା ପଞ୍ଚାୟତ ବରିଷଣ ଗ୍ରାମରେ ଇଉଏସରଶକ କମ୍ପାନୀ ତରଫରୁ ନିର୍ମାଣ ହେଉଛି ମୋବାଇଲ ଟାୱାର। ଏହି ଟାୱାର ନିର୍ମାଣ ପାଇଁ ୧୦ ଫୁଟ ଖୋଳା ଯାଇଥିବାରୁ ଏବେ ପ୍ରବଳ ବର୍ଷା କାରଣରୁ ରାସ୍ତାକଡରେ ଏତେବଡ ଗର୍ତ୍ତ ଖୋଳାଯିବା ଦ୍ୱାରା ରାସ୍ତା ଭୁଷୁଡି ଯିବାର ଆଶଙ୍କା ଦେଖାଦେଇଛି। ଏଠାରେ ସୂଚନା ଥାଉକି ମୋବାଇଲ ଟାୱାର ନିର୍ମାଣ ହେଉଥିବା ଯାଗାଠାରୁ ୫୦ ମିଟର ଦୂରରେ ୨ଟି ସରକାରୀ ବିଦ୍ୟାଳୟ ରହିଛି। ସରକାରଙ୍କ ନିୟମ ଅନୁଯାୟୀ ବିଦ୍ୟାଳୟ ଠାରୁ ୫୦୦ ମିଟର ଦୂରରେ ମୋବାଇଲ ଟାୱାର ଖୋଳା ଯିବାର ନିୟମ ଥିବାବେଳେ ଏଠାରେ କିନ୍ତୁ ଖୁଲମଖୁଲା ଭାବରେ ନିୟମ ଉଲଙ୍ଘନ କରାଯାଉଛି। ଏମିତିକି ଉକ୍ତ ପଞ୍ଚାୟତ ସରପଞ୍ଚଙ୍କ ଅନୁମତି ନିଆ ଯାଇନାହିଁ। ଏ ନେଇ ସରପଞ୍ଚ ତ୍ରିନାଥ ମହାନ୍ତିଙ୍କୁ ପଚାରିବାରୁ ଟାୱାର ବସିଥିବା କଥା ସେ ଜାଣି ନଥିବା କହିଛନ୍ତି। ଉକ୍ତ ଯାଗାରେ ଟାୱାର କାମ ବନ୍ଦ ନକଲେ ଆଗାମୀ ଦିନରେ ଓଡିଶାର ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ କରିବେ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## ବେଆଇନ ବାଲିଗାଡି ଉପରେ ପୁନଶ୍ଚ ଚଢାଉ
## ଦୁଇ ହାଇୱା ଜବତ, ୭୦ ହଜାର ଜୋରିମନା



ନିଆଳି (ଭାସ୍କର ନ୍ୟୁଜ) : କଣ୍ଟପଡା ତହସିଲଦାର ମିତାଞ୍ଜଳୀ ଦାସ ବେଆଇନ ବାଲି ନେଇ ଯାଉଥିବା ହାଇୱା ଗାଡି ଗୁଡିକ ଉପରେ ଆଜି ପୁନଶ୍ଚ ଚଢାଉ କରି ଜବତ କରିଛନ୍ତି ଦୁଇଟି ହାଇୱା। ବେଆଇନ ଭାବରେ ପ୍ରତ୍ୟେକ ଦିନ ବେପରୁଆ ଭାବେ ଉଠିଥିବା ବାଲି ଘୋରା ଉଠାଣ। ଘୋରା ବାଲି ଉଠାଣ ଯୋଗୁଁ ରାଜ୍ୟ ସରକାରଙ୍କର ପ୍ରତ୍ୟେକଦିନ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ହେଉଥିଲା। ତହସିଲଦାର ଆଜି ଦୁଇଗୋଟି ଗାଡି ଠାରୁ ୭୦ ହଜାର ଟଙ୍କା ଜୋରିମନା ଆଦାୟ କରିଛନ୍ତି। ତହସିଲଦାର ମିତାଞ୍ଜଳୀ ଦାସଙ୍କ ଏଭଳି ଚଢାଉରେ ଘାଟ ମାଲିକ ଓ ଗାଡି ମାଲିକଙ୍କ ମଧ୍ୟରେ ଛନକା ପଶିଯାଇଛି। ଅଡସପୁର ଆରଆଇ ଜ୍ଞାନ ମଲ୍ଲିକ, ବ୍ରାହ୍ମଣ ସାଇଲୋ ଆର.ଆଇ. କିଶୋର ସ୍ୱାଇଁ, ଏ.ଆର.ଆଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା
## ଅଭିଯୁକ୍ତକୁ ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଢେଙ୍କାନାଳ (ଭାସ୍କର ନ୍ୟୁଜ) : ଢେଙ୍କାନାଳ କାମାକ୍ଷାନଗର ଉପଖଣ୍ଡ କଙ୍କଡାହାଡ ଥାନା ଅଂଚଳରେ ଗତ ୨୬.୦୫.୨୦୨୦ ମସିହାରେ ଘଟିଥିବା ହରିଜନ ନାବାଳିକାକୁ ଧର୍ଷଣ ଉଦ୍ୟମ ଘଟଣାର ଶୁଣାଣି କରି ଆଜି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଡା. ସୂର୍ଯ୍ୟମଣି ମହାପାତ୍ର ଅଭିଯୁକ୍ତ ନିରଞ୍ଜନ ମହାରଣାକୁ ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କ୍ଷତିପୂରଣ ଅନାଦେୟ ଅଧିକ ଦୁଇମାସ ସଶ୍ରମ କାରାଦଣ୍ଡାଦେଶ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନା ଅନୁଯାୟୀ କଙ୍କଡାହାଡ ଗ୍ରାମର ବୁଦୁରା ମହାରଣାଙ୍କ ପୁଅ ନିରଞ୍ଜନ ମହାରଣା (୩୮) ସେହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରକୁ ବୁଲି ଯାଇ ତାଙ୍କ ନାବାଳିକ ଝିଅକୁ ବଜାରକୁ ବୁଲାଇ ନେବା ବାହାନାରେ ମୋଟର ସାଇକେଲ୍‌ରେ ବସାଇ ବଜାରକୁ ନେଇଥିଲେ । ସେଠାରେ ନାବାଳିକାକୁ ଫଳ କିଣାଇ ମୋଟର ସାଇକେଲ୍‌ରେ କଙ୍କଡାହାଡ କଲେଜ୍ ପାଖ ରାମ ମନ୍ଦିର ଜଙ୍ଗଲକୁ ନେଇଯାଇଥିଲେ । ସେଠାରେ ନିରଞ୍ଜନ ନାବାଳିକା ଝିଅର ଡ୍ରେସ୍‌କୁ ଚିରି ଫାଡି ଧର୍ଷଣ କରିବାକୁ ଉଦ୍ୟମ କରିଥିଲା । ନାବାଳିକା ଜଣକ କୌଶଳ କ୍ରମେ ନିରଞ୍ଜନକୁ ଥକାମାରି ଘଟଣାସ୍ଥଳରୁ ଦୌଡି ଚାଲିଆସି ପାଖ କାଳଦା ଗ୍ରାମରେ ଜଣଙ୍କ ଘରେ ଆଶ୍ରୟ ନେଇଥିଲେ । ସେଠାରୁ ନିଜ ପରିବାରକୁ ଫୋନ୍ ଯୋଗେ ସୂଚନା ଦେବା ପରେ ନାବାଳିକାର ବାପା ତାଙ୍କୁ ସେଠାରୁ ଉଦ୍ଧାର କରି କଙ୍କଡାହାଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି କଙ୍କଡାହାଡ ଥାନା ସବ୍-ଇନିସ୍ପେକ୍ଟର ଆଶିଷ କୁମାର ଜେନା କଙ୍କଡାହାଡ ପି.ଏସ୍. କେଶ୍ ନଂ-୧୧୫/୨୦, ଅଣ୍ଡର ସେକ୍ସନ୍ ୩୭୬ (ଏ) (ବି), ୫୧୧, ୩୫୫, ୩/୩୬୩, ୫୦୬ ଧାରାରେ ଏବଂ ୮/୧୮, ପୋକ୍ସ ଆକ୍ଟ ସହିତ ୩(୧) (ପି) (ଡବ୍ଲ୍ୟୁ-୧) (ଡବ୍ଲ୍ୟୁ-୨)/୩ (୨), ପୋକ୍ସ ଆକ୍ଟରେ ମାମଲା ପରିଚାଳନା କରି କୋର୍ଟରେ ଅଭିଯୋଗ ଫର୍ଦ ଦାଖଲ କରିଥିଲେ । ଆଜି ୨୬.୦୬.୨୦୨୩ରେ ଫାଷ୍ଟ ଟ୍ରାକ୍ ବିଚାରପତି ଡ. ମହାପାତ୍ର ୧୫ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ପୋଲିସ୍‌ର ଚାର୍ଜସିଟ୍ ଓ ସାକ୍ଷ ପ୍ରମାଣକୁ ଭିତି କରି ଅଭିଯୁକ୍ତ ନିରଞ୍ଜନକୁ ୩୫୪ (ବି) ଦଫାରେ ୭ବର୍ଷ କାରାଦଣ୍ଡାଦେଶ ସହିତ ୫୦ ହଜାର ଟଙ୍କା ଜୋରିମାନା, ଜୋରିମନା ଅନାଦେୟ ଅଧିକ ୨ମାସ ସଶ୍ରମ କାରାଦଣ୍ଡାଦେଶ ପାଇଁ ରାୟରେ ଉଲ୍ଲେଖ କରିବା ସହିତ ଜୋରିମାନା ୫୦ ହଜାର ଟଙ୍କା ଅର୍ଥକୁ ପୀଡିତାଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ହରିଜନ ନାବାଳିକାକୁ ୨ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ଅର୍ଥ ରାଶି ପ୍ରଦାନ ପାଇଁ ରାୟରେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଜାହିର୍ ମହମ୍ମଦ ପରିଚାଳନା କରିଥିଲେ ।

## ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ବାଲେଶ୍ୱର (ଭାସ୍କର ନ୍ୟୁଜ୍) : 'ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ମହାନ ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ମହାପ୍ରୟାଣ ଦିବସ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ସାଧାରଣ ସମ୍ପାଦିକା ସମାଜସେବୀ ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଅର୍ଚ୍ଚନା ନନ୍ଦୀ, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି, ଗୌରାଙ୍ଗ ପାଣିଗ୍ରାହୀ, କଲ୍ୟାଣୀ ନନ୍ଦ ପ୍ରମୁଖ ଯୋଗଦେଇ ମହାନ ବ୍ୟକ୍ତିତ୍ୱ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନିଶାମୁକ୍ତ ଓଡ଼ିଶା ପାଇଁ ୧୯୫୬ ମସିହାରେ ବିଧାନ ସଭାରେ ସେ ଆଇନ ପାରିତ କରିଥିବା ବେଳେ ତାଙ୍କର ଅପୂରଣୀୟ କାର୍ଯ୍ୟ÷କୁ ପୂରଣ କରିବା ପାଇଁ 'ମନା' ଶପଥ ନେବା ଉଚିତ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା । ରବିନାରାୟଣ ଭୋଳ, ରମେଶ ଚନ୍ଦ୍ର ଜେନା, କ୍ରୀଷ୍ଣା ସାହା, ସ୍ନେହଲତା ପତି, ଗୀତାଞ୍ଜଳି ସିଂହ, ସୀତାରାମ ପ୍ରଧାନ, ସନାତନ ଦାସ ଓ ବସନ୍ତ ପ୍ରଧାନ ପ୍ରମୁଖ ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯୋଗେଶ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଶାଦ୍ରବ୍ୟର କାରବାର ବିରୋଧରେ ସଚେତନତା ଶୋଭାଯାତ୍ରା

ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ନିଶାଦ୍ରବ୍ୟର ଅପବ୍ୟବହାର ଓ ଅବୈଧ କାରବାର ବିରୋଧରେ ଆନ୍ତର୍ଜାତୀୟ ସଚେତନତା ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଏହି ସଚେତନତା ଶୋଭାଯାତ୍ରା ତିହିଡ଼ି, ନନ୍ଦପୁର, ଅଲୀନଗର ଓ ଦୋଳସାହି ବଜାରରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ତିହିଡି ଅବକାରୀ ଥାନା ଅଧିକାରୀ,ଭଦ୍ରକ ରେଞ୍ଜ ଏଏସ ଆଇ ଓ କନେଷ୍ଟବଲମାନେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ନିକଟରୁ ବାହାରି ତହସିଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ରାସ୍ତାରେ ସେମାନେ ଲୋକମାନଙ୍କୁ ପ୍ରଚାରପତ୍ର ମାଧ୍ୟମରେ ନିଶାର ଅପବ୍ୟବହାର ଓ କାରବାର ସମ୍ପର୍କରେ ସଚେତନ କରାଇଥିଲେ। ନିଶା ବର୍ଜନ ସୁସ୍ଥ ଜୀବନ, ମହୁଲି ନିଶା ଘରକୁ ଦଶା, ନିଶା ଛାଡ଼ନ୍ତୁ ପରିବାର ବଞ୍ଚାନ୍ତୁ, ନିଶାକୁ କରିବ ଯିଏ ନିଜର ଉଜୁଡ଼ି ଯିବ ତା ଘର ସଂସାର ଇତ୍ୟାଦି ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ଜଣସାଧାରଣଙ୍କୁ ଦେଇଥିଲେ। ଜିଲା ଅବକାରୀ ଥାନା ଇନସପେକ୍ଟର ଅନୀତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ତିହିଡ଼ି ଅବକାରୀ ଥାନା ଅଧିକାରୀ ସନ୍ଧ୍ୟାରାଣୀ ଦାସ, ଭଦ୍ରକ ରେଞ୍ଜ ଏଏସଆଇ ରମେଶ ନାୟକ ଓ ପ୍ରହ୍ଲାଦ ସାମଲ, କନେଷ୍ଟବଲ ଅନବାଦିତ୍ୟ ବାରିକ, ଜେମାମଣି ଜାମୁଡା, ଶୁଭ୍ରାମିନି ଦାସ, ରାମଚନ୍ଦ୍ର ନାୟକ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ରବିବାର ଖୋଲା ରହିବ ଆହାର କେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଡାକ୍ତଖାନା ପରିସରରେ ବା ନିକଟରେ ଥିବା ଆହାର କେନ୍ଦ୍ରଗୁଡିକ ଏଣିକି ରବିବାର ଦିନରେ ଖୋଲା ରହିବ । ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସମସ୍ତ ମହାନଗର ନିଗମ କମିଶନର ତଥା ସିଟି ଆହାର ସମିତି ସଭାପତି ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ଆହାର ସମିତିର ସଭାପତିମାନଙ୍କୁ ଅବଗତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ପ୍ରକାଶ ଥାଉକି ରାଜ୍ୟରେ ୧୬୭ ଟି ଆହାର କେନ୍ଦ୍ର ରହିଛି । ସେଥିରୁ ୮୨ଟି କେନ୍ଦ୍ର ଡାକ୍ତରଖାନା ପରିସରରେ ରହିଛି । ଏହି ୮୨ ଟିରୁ ୫୮ ଟିରେ ରାତ୍ରିକାଳିନ ଖାଦ୍ୟ ପରିବେଷଣ ସୁବିଧା ରହିଛି । ଏହିସବୁ କେନ୍ଦ୍ରମାନଙ୍କରେ ଡାକ୍ତଖାନା ମାନଙ୍କୁ ଆସୁଥିବା ରୋଗୀ ମାନଙ୍କର ପରିବାର ଲୋକ କିମ୍ବା ଆଟେଣ୍ଡାଣ୍ଟମାନେ ଉପକୃତ ହୋଇଥାଆନ୍ତି । ଏହି ୮୨ ଟି କେନ୍ଦ୍ରରେ ଦୈନିକ ହାରାହାରି ୪୮ ହଜାର ଲୋକ ଉପକୃତ ହୋଇଥାନ୍ତି। ରବିବାର କେନ୍ଦ୍ରଗୁଡିକ ବନ୍ଦ ରହୁଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଗୃହ ଓ ନଗର ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇ ସେହି ସବୁ ଆହାର କେନ୍ଦ୍ର ଗୁଡିକୁ ରବିବାର ଦିନମାନଙ୍କରେ ଖୋଲା କରିବାକୁ ଅନୁରୋଧ କରଯାଇଥିଲା। ବିଭିନ୍ନ ଦିଗରୁ ବିଚାରକୁ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ରବିବାର ଦିନ ମାନଙ୍କରେ ସେହି ସବୁ ଆହାର କେନ୍ଦ୍ରଗୁଡିକ ଖୋଲା ରଖିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି ।

## 'ନିୟମିତ ବ୍ୟାୟାମ ହୃଦ୍‌ଘାତକୁ ପ୍ରତିରୋଧ କରିପାରିବ'

କଟକ(ଭାସ୍କର ନ୍ୟୁଜ୍): ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡିଶାର ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ସତ୍ୟ ନାରାୟଣ ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତରେ ହୃଦଘାତରେ ମୃତ୍ୟୁ ସଂଖ୍ୟା ଦୃତ ବୃଦ୍ଧି ପାଉଥିବାରୁ ଏବଂ ବିଶେଷ ଭାବରେ ଯୁବକମାନେ ଶିକାର ହେବା ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ୟୁରୋପିୟ ଦେଶମାନଙ୍କରେ ହୃଦଘାତ ମୃତ୍ୟୁ ସଂଖ୍ୟା ସ୍ଥିର ରହୁଥିବାବେଳେ ଆମେରିକାରେ ହ୍ରାସ ଘଟୁଛି। ଜୀବନଶୈଳୀରେ ପରିବର୍ତ୍ତନ ଏବଂ ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ ଏହାକୁ ପ୍ରତିରୋଧ କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। 'ହୃଦଘାତକୁ କିପରି ପ୍ରତିରୋଧ କରିପାରିବା' ବିଷୟ ଉପରେ ଡାକ୍ତର ବ୍ରହ୍ମାନନ୍ଦ ଦାସ, ଡା. ସତ୍ୟନାରାୟଣଭ ପଣ୍ଡା, ଡା. ମଦନ ମୋହନ ମହାପାତ୍ର ପ୍ରମୁଖ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ସଂଗଠନର ସଭାପତି ଦେବେନ୍ଦ୍ର ସୁତାର ସଭାପତିତ୍ୱ କରିଥିଲେ ଏବଂ ସଂପାଦକ ରମେଶ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ମିଶ୍ର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ପ୍ରଦୀପ କୁମାର ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ଇଂ. କୃଷ୍ଣକୁମାର ଦାସ ବର୍ମା, ରିବନ୍ଦ୍ରନାଥ ସ୍ୱାଇଁ, କୁଞ୍ଜ ବିହାରୀ ପଣ୍ଡା, ପ୍ରେମଲତା ଦାସ, ଚନ୍ଦ୍ରା ଯେନା, ପ୍ରମିଳା ଦାସ ବର୍ମା, ମିଲୋନିକା ମହାନ୍ତି, ହିମାଂଶୁବାଳା ପଟ୍ଟନାୟକ, ଅଭୟ କୁମାର ପରିଡା, ଗୋବିନ୍ଦ ବିହାରୀ ଯେନା, ଅଖିଳ ବଲ୍ଲବ ଘୋଷ, ଜ୍ୟୋସ୍ନାରାଣୀ ମହାରଣା, ଶୈଳବାଳା ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ଅନିଲ କୁମାର ରାୟ, ହୃଷିକେଶ ପାଣି, ଚିତ୍ତରଂଜନ ମହାନ୍ତି, ଡ. ହେମନ୍ତ କୁମାର ପରିଡା, ଦେବେନ୍ଦ୍ରନାଥ ମିଶ୍ର, ମୀନାରାଣି ଦାସ, ଶ୍ରୀଧର ମହାରାଣା, ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## କଂଗ୍ରେସ କର୍ପୋରେଟର ଓ ବିଧାୟକଙ୍କ ଜରୁରୀ ବୈଠକ

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ କଂଗ୍ରେସ କର୍ପୋରେଟର ଦଳର ଏକ ବୈଠକ କର୍ପୋରେଟର ଦଳ ନେତା ସନ୍ତୋଷ ଭୋଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇଥିଲେ । ଚଳିତ ବର୍ଷର ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିଲେ ମଧ୍ୟ କଟକ ସହରର ନାଳ, ରାସ୍ତାଘାଟ ସୁଧାରରେ ନିଗମ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ସଂପର୍କରେ ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ଡ୍ରେନେଜ ବ୍ୟବସ୍ଥାର ପ୍ରତିକାରରେ ଅବ୍ୟବସ୍ଥା ଏବଂ ବକ୍ସ ଡ୍ରେନ ବିଷୟରେ ଆଲୋଚନା କରାଯିବା ସହ ଆଗାମୀ ପୌର ନିଗମ କାଉନସିଲ ବୈଠକରେ ବିରୋଧୀ କଂଗ୍ରେସ କାଉନସିଲ ଦଳ ତରଫରୁ ଦୃଷ୍ଟି ଆକର୍ଷଣ କରାଯିବା ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ଷମ ମୋଟର ପମ୍ପ ଗୁଡିକୁ ମହଜୁଦ ରଖାଯିବା ଦିଗରେ ସିଏମସି ପ୍ରସ୍ତୁତି ରହିବାକୁ ସତର୍କ କରାଇ ଦିଆଯିବାକୁ ସ୍ଥିର ହୋଇଛି । ବୈଠକରେ ସର୍ବଶ୍ରୀ ଭାନୁ ସେନାପତି, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ, ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ ପ୍ରମୁଖ କର୍ପୋରେଟର ଓ କଟକ ମହାନଗର ନିଗମ ବାରବାଟୀ-କଟକ ବିଧାୟକଙ୍କ ପ୍ରତିନିଧି କେଦାର ପୃଷ୍ଟି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଜେପିର ରେମୁଣା ବନ୍ଦକୁ ନେଇ ବିଜେଡି ଜନପ୍ରତିନିଧିଙ୍କ ପ୍ରତିକ୍ରିୟା
## ବିଧାୟକଙ୍କୁ ବଦନାମର ଉଚିତ ଜବାବ ଦିଆଯିବ

ବାଲେଶ୍ୱର (ଭାସ୍କର ନ୍ୟୁଜ) : ରେମୁଣା ନିର୍ବାଚନମଣ୍ଡଳୀରେ ବିକାଶ ଧାରା ବୋହି ଚାଲିଥିବା ବେଳେ ବିଧାୟକଙ୍କ ବିରୋଧରେ ବିଜେପି ପକ୍ଷରୁ ରେମୁଣା ବନ୍ଦ କେବଳ ହାସ୍ୟାସପଦ ବ୍ୟତୀତ ଆଉ କିଛିନୁହେଁ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରୋପ ଉଠାଇଛନ୍ତି ରେମୁଣା ବ୍ଲକ ଓ ଏନଏସିର ନିର୍ବାଚିତ ପ୍ରତିନିଧିମାନେ। ସ୍ଥାନୀୟ ବାଲେଶ୍ୱର କ୍ଷେତ୍ରସନ କ୍ଲବ ପରିସରରେ ଅନୁଷ୍ଠିତ ଏହି ସମ୍ବାଦିକ ସମ୍ମିଳନୀରେ ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଓ ଉପାଧ୍ୟକ୍ଷା ସୁମତି ବେହେରା, ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରି ଓ ଉପାଧ୍ୟକ୍ଷ ଆସିଆନ ଖାନ, ସଦର ବ୍ଲକ ଉପାଧ୍ୟକ୍ଷ ଚୈତନ୍ୟ ସିଂ, ରେମୁଣା ବିଧାୟକ ପ୍ରତିନିଧି ମନୋରଂଜନ ରାଉତ ପ୍ରମୁଖ ଯୋଗଦେଇ ବିଜେପିର ଭିତ୍ତିହୀନ ଆରୋପ ଓ ବନ୍ଦ ପାଳନକୁ ତୀବ୍ର ସମାଲୋଚନା କରିଥିଲେ। ନିଗମାନନ୍ଦ ଆସୋସିଏଟ ନାମକ ବ୍ୟବସାୟିକ ପ୍ରତିଷ୍ଠାନରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା କେବଳ ମାତ୍ର ଜଣେ ଭାଗିଦାରୀ ଅଟନ୍ତି। ସଂସ୍ଥା ବିରୋଧରେ ଲୋକାୟୁକ୍ତରେ ହୋଇଥିବା ମାମଲା ଏବେ ବିଚାରଧୀନ ଥିବା ବେଳେ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। ଏଭଳି ସ୍ଥିତିରେ ସୋସିଆଲ ମିଡିଆରେ ବିଧାୟକଙ୍କ ବିରୋଧରେ ଏଣୁତେଣୁ ମିଛ ତଥା ବିଭ୍ରାନ୍ତିକର ଖବର ପ୍ରଚାର କରାଯିବା ଓ ଏହାକୁ ନେଇ ବିଜେପି ରେମୁଣା ବନ୍ଦ ପାଳନ ବାସ୍ତବିକ ଦୁର୍ଭାଗ୍ୟର ବିଷୟ ବୋଲି ଜନପ୍ରତିନିଧିମାନେ ଆରୋପ କରିଛନ୍ତି। ରେମୁଣା ବିଧାୟକଙ୍କ ନେତୃତ୍ୱରେ ଏହି ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବୋହି ଚାଲିଥିବା ବେଳେ ଆଜିର ବନ୍ଦ ପାଳନ ଜନସାଧାରଣଙ୍କଠାରେ ପ୍ରଭାବହୀନ ପ୍ରମାଣିତ ହୋଇଛି। ବନ୍ଦ ପାଳନରେ ନେତୃତ୍ୱ ନେଇଥିବା ପୂର୍ବତନ ବିଧାୟକ ତଥା ବିଜେପି କର୍ମକର୍ତ୍ତା ରେମୁଣା ଅଞ୍ଚଳର ବିକାଶକୁ ବିରୋଧ କରି କୋର୍ଟରେ ମିଥ୍ୟା ମାମଲା ରୁଜୁ ସହ କୋଟି କୋଟି ଟଙ୍କାର ଉନ୍ନୟନ ପ୍ରକଳ୍ପକୁ ବନ୍ଦ କରିଥିଲେ। ମାତ୍ର ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବର୍ତ୍ତମାନର ବିଧାୟକ ଶ୍ରୀ ପରିଡ଼ା ଜନସାଧାରଣଙ୍କ ସହଯୋଗରେ ସମସ୍ତ ପ୍ରକଳ୍ପରୁ ରହିତାଦେଶ ଉଠାଇବା ସହ କାର୍ଯ୍ୟାରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ବିଜେପିର ବନ୍ଦ ପାଳନକୁ ଲୋକେ ଗ୍ରହଣ କରି ନାହାନ୍ତି। ଅନ୍ୟପକ୍ଷରେ ବିଜେଡିରୁ ବିତାଡ଼ିତ ହୋଇ ରେମୁଣା ବିଧାୟକ ତଥା ଦଳକୁ ବଦନାମ ପାଇଁ ଏଣୁତେଣୁ ମିଥ୍ୟା ଖବର ଲେଖି ସୋସିଆଲ ମିଡିଆରେ ଭାଇରାଲ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଖୁବଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ନିର୍ବାଚିତ ଲୋକ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ÷ରେ କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀ, ଜିଲା ପରିଷଦ ସଦସ୍ୟ ଅଭିମନ୍ୟୁ ଧିନ୍ଦା, କଲ୍ୟାଣୀ ବାରିକ, ବନ୍ଦିତା ନାୟକ ଓ କବିତା ପାଣି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପିଏମ୍ ଆବାସ ଦୁର୍ନୀତିର ସିବିଆଇ ତଦନ୍ତ ଦାବି କଲା ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରିଛି ଭାରତୀୟ ଜନତା ପାର୍ଟି । ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦାବି କରିଛନ୍ତି । ସେ କହିଛନ୍ତି ଯେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖନ୍ତୁ । ପିଏମ୍ ଆବାସ ବଣ୍ଟନ ପାଇଁ ବିଜେଡି ଟଙ୍କା ଆଦାୟ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ଲୋକଙ୍କ ଠାରୁ ୨୦ରୁ ୨୫ ହଜାର ଟଙ୍କା ଚାନ୍ଦା ଆଦାୟ କରୁଛି । ରାଜନୀତି କାରଣରୁ ବଞ୍ଚିତ ଲୋକଙ୍କୁ ତୁରନ୍ତ ପକ୍କା ଘର ଦିଅନ୍ତୁ ବୋଲି କହିବା ସହ ସେ ଭିତରେ ନ ଦେଲେ ସବୁ ବ୍ଲକରେ ବିଜେପି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ବୋଲଗଡ ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂସହାୟିକା ଗୋଷ୍ଠିକର୍ମଶାଳା



ବୋଲଗଡ(ଭାସ୍କର ନ୍ୟୁଜ) : ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକ୍ରମେ ସୋମବାରଦିନ ବୋଲଗଡ ଆଞ୍ଚଳିକ ମହିଳା ସ୍ୱୟଂସହାୟିକା ମହାସଂଘ ଆନୁକୂଲ୍ୟରେ ପଞ୍ଚାୟତ ସ୍ତରୀୟ ମହିଳା ସଚେତନତା କର୍ମଶାଳା ବୋଲଗଡ ସ୍ଥିତ ମା ଭୁୟାଆଣି ଶକ୍ତିପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମହିଳା ସ୍ୱୟଂସହାୟିକା ଗୋଷ୍ଠି ସଚେତନତା କର୍ମଶାଳାରେ ମୁଖ୍ୟ ଅତିଥିଭାବେ ବୋଲଗଡ ଗ୍ରାମ୍ୟବ୍ୟାଙ୍କ ପରିଚାଳକ ରାକେଶ ମହାପାତ୍ର, ମୁଖ୍ୟବକ୍ତାଭାବେ ବୋଲଗଡ ବ୍ଲକ ମହିଳା ଶିଶୁକଲ୍ୟାଣ ଅଧିକାରିଣୀ କ୍ରିଷ୍ଟାପ୍ରିୟା ପ୍ରଧାନ ଓ ସଂମାନିତ ଅତିଥିଭାବେ ବ୍ଲକ ମସ୍ତ ପଶୁପାଳନ ସମ୍ପ୍ରସାରଣ ଅଧିକାରୀ ତୁଷାର କାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ବୋଲଗଡ ବ୍ଲକ ମହିଳା ସ୍ୱୟଂସହାୟିକା ଗୋଷ୍ଠି ପ୍ରକଳ୍ପ ସଂଯୋଜିକା ସୁରୁଚି ସୁପ୍ରିତୀ ସାହୁଙ୍କ ସଭାପତିତ୍ୱରେ ଏହି ମହିଳା ସ୍ୱୟଂସହାୟିକା ଗୋଷ୍ଠି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଉଥିଲା। ଗ୍ରାମପଞ୍ଚାୟତ ମହିଳା ସ୍ୱୟଂସହାୟିକା ଗୋଷ୍ଠିର ସମ୍ପାଦିକା ରାଧାମଣୀ ବେହେରାଙ୍କ ମିଳିତ ନେତୃତ୍ୱରେ ୨୦୦ଜଣ ମହିଳା ସଦସ୍ୟାମାନେ ଯୋଗଦେଇଥିଲେ। କର୍ମଶାଳାର ପ୍ରାରମ୍ଭରେ ପ୍ରମୁଖ ଜଗତର ନାଥ ଜଗନ୍ନାଥଙ୍କ ଫୋଟୋଚିତ୍ରରେ ଫୁଲ, ଚନ୍ଦନ, ଧୂପଦୀପ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ। ଏହି କର୍ମଶାଳାକୁ ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କମିତ୍ର, ଏମ ବି କେ, ଗୋଷ୍ଠି ସହାୟିକା ଓ ଇ. ସି ସଦସ୍ୟା ମାନେ ସହଯୋଗ କରି ପରିଚାଳନା କରିଥିଲେ। ନାରୀ ଶକ୍ତିର ଦକ୍ଷତା ବୃଦ୍ଧି, ବିକାଶ, ସୁରକ୍ଷା, ଆତ୍ମନିର୍ଭରଶିଳ ଓ ବ୍ୟାଙ୍କ ଋଣ ଟଙ୍କାକୁ ବିନିଯୋଗ କରିବା ଏହି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଟେ କ୍ଷ ମମତା ଯୋଜନା ଓ ବାଲ୍ୟବିବାହ ପ୍ରଥା ବନ୍ଦକରିବା, ମହିଳା ଓ ଶିଶୁମାନଙ୍କର ପୃଷ୍ଟିକର ଖାଦ୍ୟମାଧ୍ୟମରେ ଯତ୍ନନେବା ସମ୍ପର୍କରେ ମୁଖ୍ୟବକ୍ତା କ୍ରିଷ୍ଟାପ୍ରିୟା ପ୍ରଧାନ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ମହିଳା ମାନଙ୍କର ଦକ୍ଷତା ବୃଦ୍ଧି, ବିକାଶ ଓ ଆତ୍ମନିର୍ଭରଶିଳ ହେବାପାଇଁ ରାଜ୍ୟସରକାରଙ୍କ ମିଶନଶକ୍ତି ବିଭାଗ ନିର୍ଦ୍ଦେଶକ୍ରମେ ପ୍ରତ୍ୟୋକ ଜାତୀୟ କରଣ ବ୍ୟାଙ୍କ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିମାନଙ୍କୁ ବିନାସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେଉଅଛି ବୋଲି ମୁଖ୍ୟଅତିଥି ରାକେଶ ମହାପାତ୍ର ମହିଳା ମାନଙ୍କୁ ସୂଚନା ଦେଇଥିଲେ। ତେଣୁ ପ୍ରତ୍ୟୋକ ମହିଳାମାନେ ଏହି ଋଣ ଟଙ୍କାକୁ ସଠିକ ବିନିଯୋଗ କରି ଠିକ ସମୟରେ ବ୍ୟାଙ୍କ ଋଣଟଙ୍କା ଫେରସ୍ତ କରିବାକୁ ସେ କହିଥିଲେ। ମହିଳା ମାନଙ୍କର ବିକାଶ ପାଇଁ ରାଜ୍ୟସରକାରଙ୍କ ମତ୍ସବିଭାଗ ବିନା ସୁଧରେ ସବସିଡି ମାଧ୍ୟମରେ ମାଛ ଚାଷ ପାଇଁ ବ୍ୟାଙ୍କ ଋଣ ଟଙ୍କା ଯୋଗାଇ ଦେଉଅଛନ୍ତି ବୋଲି ସନମାନିତ ଅତିଥି ତୁଷାର କାନ୍ତ ବେହେରା ମହିଳା ମାନଙ୍କୁ ପରାମର୍ଶ ଦେଇଥିଲେ। ପରିଶେଷରେ ସରୋଜିନୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇଦିନିଆ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ମୋଦି ସରକାରଙ୍କ ସେବା ଓ ସୁଶାସନର ୯ ବର୍ଷ ପୂର୍ତ୍ତି ଅବସରରେ 'ରାଷ୍ଟ୍ରୀୟ ମହାଜନସମ୍ପର୍କ ଅଭିଯାନ' ଅନ୍ୟତମ ପ୍ରମୁଖ ସାରଥୀ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଠାରୁ ଦୁଇଦିନିଆ ଢେଙ୍କାନାଳ ଗସ୍ତରେ ଯାଉଛନ୍ତି। ଏହି ଅବସରରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଗୁଡ଼ିଆକାଟେଣି ଠାରେ ଆୟୋଜିତ ବିଜେପିର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ କ୍ଷେତ୍ରର ସଂଯୁକ୍ତ ମୋର୍ଚ୍ଚା ବୈଠରେ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ସନ୍ଧ୍ୟା ୫ଟା ୨୦ମିନିଟରେ କେନ୍ଦ୍ରମନ୍ତ୍ରୀ ଏହି ବୈଠକରେ ଉପସ୍ଥିତ ବିଜେପି ନେତା ଓ କର୍ମୀ ମାନଙ୍କୁ ଉଦ୍‌ବୋଧନ ଦେଇ ଆଜି ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୯ବର୍ଷର ସେବା ଓ ସୁଶାସନ ପାଇଁ ଖାଲି ଭାରତବର୍ଷ ନୁହଁ ସମଗ୍ର ବିଶ୍ୱରେ ଜଣେ ଜନପ୍ରିୟ ଗରିବଙ୍କ ନେତା ପାଲଟିଯାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ହୋଇଥିବା ଗରିବ କଲ୍ୟାଣ ଯୋଜନାରେ ଢେଙ୍କାନାଳ ବିଶେଷ ଲାଭ ପାଇଛି । ମୋଦିଜୀ ୯ ବର୍ଷରେ ଆମ ରାଜ୍ୟ ଓଡିଶା ଗରିବ କଲ୍ୟାଣ ଯୋଜନାରେ ଚାଉଳ, ଆବାସରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା, ଉଜ୍ଜ୍ୱଳା ଗ୍ୟାସ, ମୁଦ୍ରା ଋଣ, ବାର୍ଦ୍ଧକ୍ୟ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ଏବଂ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାର ୨ଲକ୍ଷ ୭୦ ହଜାର ୮୭୬ ଟି ପରିବାରକୁ ସର୍ବମୋଟ ୩ଲକ୍ଷ ୨୫ ହଜାର ୪୬୬ କୋଟି ଟଙ୍କା ଦେଇଛନ୍ତି । ପରିବାର ପିଛା ୩ଲକ୍ଷ ୭୦ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ପଞ୍ଚଦଶ ଅର୍ଥ କମିଶନରେ ଓଡ଼ିଶାକୁ ୨.୨୨ ଲକ୍ଷ କୋଟି ଅନୁଦାନ ମିଳିଛି । ଚତୁର୍ଦ୍ଦଶ କମିଶନରେ ଓଡ଼ିଶାକୁ ୧.୮୪ ଲକ୍ଷ କୋଟି ଏବଂ ତ୍ରୟୋଦ୍ଦଶ ଅର୍ଥ କମିଶନରେ ୬୯ ହଜାର ୩୧୬ କୋଟି ମିଳିଥିଲା। ଖଣି ନୀତିରେ ସଂସ୍କାର କାରଣରୁ ଓଡ଼ିଶା ୨୦୨୨-୨୩ରେ ପ୍ରାୟ ୫୦ ହଜାର କୋଟି ଟଙ୍କା ପାଇଛି । ପୂର୍ବ ସରକାରରେ ଓଡ଼ିଶା ମାତ୍ର ୫ ହଜାର ରାଜସ୍ୱ ପାଉଥିଲା । ସେହିପରି ଓଡ଼ିଶାକୁ ୨୦୨୨-୨୩ରେ ୪୯ ହଜାର ୪୪୨ କୋଟି ଟଙ୍କା ମିଳିଛି । ଓଡ଼ିଶାରେ ୨୦୨୩ ଜାନୁଆରୀ ସୁଦ୍ଧା ୨୧ ହଜାର ୩୭୪ କୋଟି ଡିଏମଏଫ ଟଙ୍କା ଆଦାୟ ହୋଇଛି । ମୋଦି ସରକାରରେ ଗଠିତ ଡିଏମଏଫ ପାଣ୍ଠିରେ ଏହି ଅଞ୍ଚଳରେ ଅଙ୍ଗନବାଡ଼ି ଓ ବିଦ୍ୟାଳୟ ସମେତ ଜନକଲ୍ୟାଣକାରୀ କାର୍ଯ୍ୟ କରାଯାଇଛି । ମୋଦି ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଓ ଉନ୍ନୟନ ଯୋଜନାରେ ଦିଲ୍ଲୀରୁ ଓଡ଼ିଶାକୁ କୋଟି କୋଟି ଟଙ୍କା ଆସିବା ପରେ ମଧ ଏଠାକାର ଶାସନତନ୍ତ୍ର ଭୁଷୁଡି ପଡିଥିବା କାରଣରୁ ମୋଦି ପଠାଉଥିବା ଟଙ୍କାର ୫୦ ଭାଗ ପିସି ହେଉଛି ।ଆଜି ଦେଶରେ ପ୍ରଧାନମନ୍ତ୍ରୀ ଗରିବଙ୍କ ପାଇଁ କରିଥିବା କାମକୁ ଅନ୍ୟ ରାଷ୍ଟ୍ରମାନେ ଅନୁସରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଉଜ୍ଜ୍ୱଳାରେ ଗ୍ୟାସ ଭଳି ଯୋଜନା ଓଡ଼ିଶା ସମେତ ଭାରତବର୍ଷର ଗରିବ ଲୋକଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ଦେଇଛି। ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇଙ୍କ "ମୋ ଜୀବନ ପଛେ ନର୍କେ ପଡ଼ିଥାଉ" ବିଚାରରେ ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ "ସବକା ସାଥ-ସବକା ବିକାଶ"କୁ ଶାସନ ପ୍ରଣାଳୀରେ ଉପଯୋଗ କରିଛନ୍ତି ବୋଲି ଶ୍ରୀ ପ୍ରଧାନ ଅଭିଭାଷଣରେ କହିଥିଲେ କେନ୍ଦ୍ର ମନ୍ତ୍ରୀ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଢେଙ୍କାନାଳର ବିଜେପି ସଭାପତି ନରେଶ ମହାପାତ୍ର , ପୂର୍ବତନ ରାଜ୍ୟ ସଭା ସାଂସଦ ରୁଦ୍ର ପାଣି, ହିନ୍ଦୋଳର ବିଜେପି ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ପ୍ରମୁଖ ବିଜେପି ନେତା ଓ ଓ କର୍ମୀ ଯୋଗଦେଇଥିଲେ। ଭୀଷଣ ବର୍ଷା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ଥିଲେ। ତେବେ ଆଜି ରାତି ୮ଟା ସମୟରେ ଢେଙ୍କାନାକ ସହର ସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଜେପିର ବରିଷ୍ଠ କର୍ମକର୍ତ୍ତା ଙ୍କ ଶ ସାଙ୍ଗଠନିକ ଆଲୋଚନା କରିବା ସହ ରାତ୍ରି ଯାପନ କରିବେ କେନ୍ଦ୍ର ମନ୍ତ୍ରୀ। ଆସନ୍ତା କାଲି ଅର୍ଥାତ ମଙ୍ଗଳ ବାର ପୂର୍ବାହ୍ନ ୯ଟା ସମୟରେ କେନ୍ଦ୍ର ମନ୍ତ୍ରୀ ଢେଙ୍କାନାଳର ପ୍ରମୁଖ ଶୈବପୀଠ କପିଳାଶରେ ଅଧିପତି ପ୍ରଭୁ ଚନ୍ଦ୍ରଶେଖରଙ୍କ ଦର୍ଶନ କରିବେ। ଏହି ଅବସରରେ କେନ୍ଦ୍ର ପ୍ରନ୍ତତତ୍ୱ ବରିଷ୍ଠ ପଦାଧିକାରୀଙ୍କ ସହିତ ଏହି କପିଳାଶ ପୀଠର ଉନ୍ନୟନ ଓ ସ୍ଥିତିର ସମୀକ୍ଷା କରିବେ କେନ୍ଦ୍ରମନ୍ତ୍ରୀ। ପରେ ପରେ ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଗଁନ୍ଦିଆ ମିନି ଷ୍ଟାଡିୟମ ଠାରେ ଆୟୋଜିତ ଗରିବ କଲ୍ୟାଣ ମହାସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେବେ କେନ୍ଦ୍ରମନ୍ତ୍ରୀ।

## ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ



ଛତ୍ରପୁର (ଭାସ୍କର ନ୍ୟୁଜ) : ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ନିଶା ଓ ବେଆଇନ୍ କାରବାର ନିବାରଣ ଦିବସ ସୋମବାର ଦିନ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ କଲ୍ୟାଣ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ସହଯୋଗକ୍ରମେ ଜିଲ୍ଲା ସ୍ତରରେ ଏହି ସଚେତନତା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରିଥିବା ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାଟି ଛତ୍ରପୁର ସହର ପରିକ୍ରମା ଶେଷ କରି ଜିଲ୍ଲା ସଂସ୍କୃତି ଭବନ ଠାରେ ପହଞ୍ଚି ଥିଲା । ସେହି ଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅତିଥିଗଣ ନିଜ ବକ୍ତବ୍ୟରେ ନିଶା ସେବନ ଓ ବେଆଇନ କାରବାର ଯୋଗୁଁ କେଉଁ ସବୁ ପରିସ୍ଥିତି ଦେଖା ଦେଇଛି ଏବଂ ଏଥି ସକାଶେ ମଣିଷର କେଉଁ କ୍ଷତି ସାଧନ ହୋଇଥାଏ ତାହା ଜଣାଇଥିଲେ । ନିଶା ସେବନ ଦ୍ୱାରା ମଣିଷ ନିଜର ପରିବାରର ତଥା ସମାଜର କ୍ଷତି ସାଧନ କରିଥାଏ । ନିଶା ସେବନ ମଣିଷର ମାନସିକ, ଶାରିରୀକ, ପାରିବାରିକ ତଥା ଦେଶ ଦଶର କ୍ଷତି ସାଧନ କରିଥିବା ବକ୍ତାଗଣ ଜଣାଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭା କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କଲ୍ୟାଣୀ ଦାଶ ନିଜ ବକ୍ତବ୍ୟରେ ଜିଲ୍ଲାରେ ନିଶା ନିବାରଣ ତଥା ନିଶାସକ୍ତ ବ୍ୟକ୍ତି ମାନଙ୍କର ଥଇଥାନ, କଲ୍ୟାଣ ଓ ସୁରକ୍ଷା ନିମନ୍ତେ କେଉଁ ସବୁ କାର୍ଯ୍ୟପନ୍ଥା କରାଯାଇ ଆସୁଅଛି ତାହା ଜଣାଇ ସମାଜରେ ନିଶା କାରବାର ଦ୍ୱାରା କେଉଁସବୁ ଅସୁବିଧା ଦେଖାଯାଉଛି ତାହା ଜଣାଇଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ ନିଜ ବକ୍ତବ୍ୟରେ ନିଶା ସେବନ ଦ୍ୱାରା ନିଶା ସେବନ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ପରିବାର, ସମ୍ପ୍ରଦାୟ ଓ ଜନ ସମାଜରେ କିଭଳି ପ୍ରଭାବ ପଡୁଛି ତାହା ଜଣାଇ ନିଶା ଦ୍ରବ୍ୟଠାରୁ ନିଜକୁ ଦୂରରେ ରଖି ସୁସ୍ଥ ମଣିଷ ପରି ବଞ୍ଚିବାକୁ କହିଥିଲେ । କାଲିର ଭବିଷ୍ୟତ ଯୁବପିଢ଼ୀଙ୍କୁ ସଜାଗ ରହିବାକୁ ପ୍ରବର୍ତ୍ତାଇ ଥିଲେ । ବି ବାଳକୃଷ୍ଣ ନିଶାର ପ୍ରଭାବ ଓ ନିରାକରଣ ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ରାଜଯୋଗିନୀ ବିଜୟ ଲକ୍ଷ୍ମୀ ନିଶା ସେବନ ଠାରୁ ଦୂରରେ ରହିବା ସକାଶେ ଈଶ୍ୱର ବିଶ୍ୱାସୀ ହେବାକୁ କହିଥିଲେ । ଅବକାରୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ ନିଶା ଦ୍ରବ୍ୟର ଚୋରା ଚାଲାଣ ରୋକିବା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇ ଧନ୍ୟବାଦ ଉପସ୍ଥାପନ କରିଥିଲେ । ୟୁରୋକିଡସ୍ ଇଂରାଜୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଚେତନତାମୂଳକ ଏକାଙ୍କିକା ପ୍ରଦର୍ଶିତ ହୋଇଥିଲା ଏବଂ ପରେ ଦାସକାଠିଆ ପରିବେଷଣ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।